


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-168 ◆SUNDAY ◆14 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୬୮ ◆ରବିବାର ◆୧୪ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ମେସିଙ୍କ ଝଲକ ପାଇଁ ପ୍ରଶଂସକଙ୍କ ହଙ୍ଗାମା

# ସଲ୍ଟ ଲେକ୍‌ରେ ଭଙ୍ଗାରୁଜା



■ କୋଲକାତା, ୧୩।୧୨ (ଏଜେନ୍ସି): ବିଶ୍ୱପ୍ରସିଦ୍ଧ ଫୁଟବଲ ତାରକା ତଥା ବିଶ୍ୱଚାମ୍ପିଅନ ଆର୍ଜେଣ୍ଟିନା ଦଳର ଅଧିନାୟକ ଲିଓନେଲ ମେସି ଆଜି ଭାରତ ଗସ୍ତରେ ଆସିଥିବା ବେଳେ ତାଙ୍କୁ ନେଇ କୋଲକତାରେ ଅଶାନ୍ତ ବାତାବରଣ ଦେଖାଦେଇଛି । ଏହି ଗସ୍ତରେ ସେ ପ୍ରଥମେ କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମ୍‌ରେ ଦର୍ଶକଙ୍କୁ ଭେଟିବାର କାର୍ଯ୍ୟକ୍ରମ ଥିଲା । ତାଙ୍କର ଝଲକ ପାଇବା ଲାଗି ଦର୍ଶକମାନେ ୫ହଜାରରୁ ୨୫ ହଜାର ପର୍ଯ୍ୟନ୍ତ ଟଙ୍କା ଦେଇ ଟିକଟ କିଣିଥିଲେ । ମେସି ଷ୍ଟାଡିୟମାରେ ପ୍ରବେଶ କରିବା ମାତ୍ରେ ଦର୍ଶକ ଉତ୍ସାହିତ ହୋଇପଡ଼ିଥିଲେ । କିନ୍ତୁ ସୁରକ୍ଷା କର୍ମୀ ଓ କେତେକ ଆୟୋଜକ ମେସିଙ୍କୁ ଘେରି ରହିବାରୁ ଦର୍ଶକ ତାଙ୍କୁ ଦେଖି ପାରି ନଥିଲେ । ଏହାପରେ ଆରମ୍ଭ ହୋଇଯାଇଥିଲା ଉତ୍ତେଜନା । ଅନେକ ଦର୍ଶକ ପାଟିତୁଣ୍ଡ କରିବା ସହିତ ଷ୍ଟାଡିୟମ ଭିତରକୁ ବୋତଲ ଫିଙ୍ଗିବା ଆରମ୍ଭ କରିଥିଲେ । ତେଣୁ ସୁରକ୍ଷା ଦୃଷ୍ଟିରୁ ଅଳ୍ପ ସମୟ ପରେ ମେସିଙ୍କୁ ଷ୍ଟାଡିୟମ୍ ବାହାରକୁ ନିଆଯାଇଥିଲା । ତାଙ୍କୁ ଦେଖି ନ ପାରି ଦର୍ଶକମାନେ ହଙ୍ଗାମା କରିଥିଲେ । ଯାହାଫଳରେ ମେସିଙ୍କ ଅଢ଼େଇ ଘଣ୍ଟାର କାର୍ଯ୍ୟକ୍ରମ ୩୦ ମିନିଟ୍‌ରେ ଶେଷ ହୋଇଯାଇଥିଲା । ଆୟୋଜକମାନେ ▶ପୃଷ୍ଠା-୭

### କ୍ଷମା ମାଗିଲେ ମୁଖ୍ୟମନ୍ତ୍ରୀ ମମତା

# ନାଗରିକତା ଛାଡୁଛନ୍ତି ବର୍ଷକୁ ୨ ଲକ୍ଷ

## ୫ ବର୍ଷରେ ବିଦେଶ ପଳାଇଲେଣି ୯ ଲକ୍ଷ ଭାରତୀୟ

■ ନୂଆଦିଲ୍ଲୀ, ୧୩।୧୨ (ଏଜେନ୍ସି): ଭାରତ ଏବେ ବୃହତ ଅର୍ଥନୀତି ହେବାକୁ ଯାଉଛି । ଏଠାରେ ସବୁପ୍ରକାର ସୁବିଧା ସୁଯୋଗ ରହିଥିବା ବେଳେ ଲକ୍ଷ ଲକ୍ଷ ଭାରତୀୟ ଦେଶ ଛାଡ଼ି ଅନ୍ୟ ଦେଶର ନାଗରିକତ୍ୱ ଗ୍ରହଣ କରିବା ଭଳି ଆଶ୍ଚର୍ଯ୍ୟଜନକ ଖବର ମିଳିଛି । ୨୦୧୧ରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ୨୦୧୯ରେ କୋଭିଡ ମହାମାରୀ ପରେ ଏହି ଧାରା ତ୍ୱରାନ୍ୱିତ ହୋଇଛି । ୨୦୧୧ରୁ ବର୍ତ୍ତମାନ ସୁଦ୍ଧା ୨୧ ଲକ୍ଷ ଭାରତୀୟ ବିଦେଶୀ ନାଗରିକତା ଆପଣାଇଥିବା ବେଳେ କେବଳ ଗତ ୫ ବର୍ଷ ମଧ୍ୟରେ ୯ ଲକ୍ଷରୁ ଅଧିକ ଲୋକ ଭାରତୀୟ ନାଗରିକତା ଛାଡ଼ିଛନ୍ତି ।

ଭାରତ ସରକାରଙ୍କ ପକ୍ଷରୁ ସଂସଦରେ ଏଭଳି ଉଦ୍‌ବେଗଜନକ ତଥ୍ୟ ପ୍ରଦାନ କରାଯାଇଛି । ଏଥିରେ କୁହାଯାଇଛି ଯେ



୨୦୨୨ରେ ସର୍ବାଧିକ ୨ ଲକ୍ଷ ୨୫ ହଜାର ଲୋକ ଭାରତୀୟ ନାଗରିକତା ଛାଡ଼ିଥିଲେ । ୨୦୨୩ରେ ୨ ଲକ୍ଷ ୧୬ ହଜାର ଏବଂ ୨୦୨୪ରେ ୨ ଲକ୍ଷ ୬ ହଜାର ଭାରତୀୟ ନାଗରିକତା ତ୍ୟାଗ କରିଛନ୍ତି । ଗତ ୫ ବର୍ଷ ମଧ୍ୟରେ ୯ ଲକ୍ଷ ଭାରତୀୟ ନାଗରିକତା ଛାଡି ବିଦେଶରେ ସ୍ଥାୟୀ ଭାବେ ବସବାସ କରିଛନ୍ତି । ରାଜ୍ୟସଭାରେ

### କୋଭିଡ ମହାମାରୀ ପରେ ବଢ଼ିଛି ବିଦେଶ ପ୍ରୀତି

ଏ ନେଇ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତର ଦେଇ ବିଦେଶ ରାଜ୍ୟମନ୍ତ୍ରୀ କିର୍ତ୍ତିବର୍ଦ୍ଧନ ସିଂହ କହିଛନ୍ତି ଯେ ୨୦୧୧ରୁ ୨୦୨୪ ମଧ୍ୟରେ ପାଖାପାଖି ୨୧ ଲକ୍ଷ ଭାରତୀୟ ବିଦେଶୀ ନାଗରିକତା ଆପଣାଇଛନ୍ତି; କିନ୍ତୁ ୨୦୨୧ ପରେ ଏହି ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ଘଟିଛି । ୨୦୨୦ କରୋନା ମହାମାରୀ ବର୍ଷରେ ଏହି ସଂଖ୍ୟାରେ ଅବନତି ହୋଇଥିଲା ଓ ଏହା ୮୫ ହଜାରରେ ପହଞ୍ଚିଥିଲା । କିନ୍ତୁ ଏହାପରେ ଏହି ସଂଖ୍ୟା ୨ ଲକ୍ଷ ଆଖପାଖରେ ପହଞ୍ଚିଛି । ୨୦୧୧ରେ ୧୨୨୮୧୯, ୨୦୧୨ରେ ୧୨୦୯୨୧, ୨୦୧୩ରେ ୧୩୧୪୦୫, ୨୦୧୪ରେ ୧୨୯୩୨୮, ୨୦୧୫ରେ ୧୩୧୪୮୯, ୨୦୧୬ରେ ୧୪୧୬୦୩, ୨୦୧୭ରେ ୧୩୩୦୪୯, ୨୦୧୮ରେ ୧୩୪୫୬୧, ୨୦୧୯ରେ ୧୪୪୦୧୭, ୨୦୨୦ରେ ୮୫୨୫୬, ୨୦୨୧ରେ ୧୬୩୩୭୦, ୨୦୨୨ରେ ▶ପୃଷ୍ଠା-୭

# ବର୍ଦ୍ଧିତ ଦରମା ନେବେନି ନବୀନ

## ଗରିବଙ୍କ କଲ୍ୟାଣରେ ବିନିଯୋଗ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଲେ ଚିଠି

■ ଭୁବନେଶ୍ୱର, ୧୩।୧୨ (ସମିସ): ବର୍ଦ୍ଧିତ ଦରମା ଓ ଭତ୍ତା ନେବେ ନାହିଁ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବିଧାନସଭା ଶୀତକାଳୀନ ଅଧିବେଶନରେ ସରକାର ୪ଟି ବିଲ୍ ଆଣି ବାଚସ୍ପତି, ମନ୍ତ୍ରୀ ଓ ବିଧାୟକମାନଙ୍କ ଦରମା ଓ ଭତ୍ତାକୁ ଅଢ଼େଇ ଗୁଣ ବୃଦ୍ଧି କରିବା ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଶନିବାର ନବୀନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ତାଙ୍କ ବର୍ଦ୍ଧିତ ଦରମା ଓ ଭତ୍ତା ରାଜ୍ୟ ଗରିବ ଲୋକଙ୍କ କଲ୍ୟାଣରେ ବିନିଯୋଗ କରିବାକୁ ଅନୁରୋଧ କରିଛନ୍ତି । ତାଙ୍କର ଏହି ନିଷ୍ପତ୍ତି ପ୍ରତୀକାତ୍ମକ ଭାବେ ନୈତିକତାର ବାର୍ତ୍ତା ଦେଇଛି ।

ଗତ ୯ ତାରିଖରେ ରାଜ୍ୟ ବିଧାନସଭାରେ ବିଧାୟକମାନଙ୍କର ଦରମା ଓ ଭତ୍ତା ବୃଦ୍ଧି ବିଲ୍ ପାସ୍ ହୋଇଛି । ଏହି ବିଲ୍ ପାସ ପରେ ରାଜ୍ୟର ସମସ୍ତ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ପାଇଛି । ବିଧାୟକମାନଙ୍କର ଅନ୍ୟୂନ ଅଢ଼େଇ ଗୁଣା ଦରମା ବଢ଼ିଥିବା ବେଳେ ବିରୋଧୀ ଦଳ ନେତା ଭାବେ ନବୀନଙ୍କର ବର୍ଦ୍ଧିତ ଦରମା ଓ ଭତ୍ତା ୩ ଲକ୍ଷ ୬୨ ହଜାରରେ ପହଞ୍ଚିଛି ।

ମୁଖ୍ୟମନ୍ତ୍ରୀଙ୍କୁ ନବୀନ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ମୁଁ ଗତ ୨୫ ବର୍ଷରୁ ଅଧିକ ସମୟ ଧରି ଓଡ଼ିଶାବାସୀଙ୍କ ଭଲ ପାଇବା, ସ୍ନେହ, ସମର୍ଥନ ଏବଂ ଆଶୀର୍ବାଦ ପାଇଛି । ମୋ ପ୍ରତି ଏବଂ ମୋ ପିତା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତି ଓଡ଼ିଶାବାସୀଙ୍କ ଭଲପାଇବା ପାଇଁ ମୁଁ ଚିର ଋଣୀ । ଆପଣ ଜାଣିଥିବେ ଯେ ୨୦୧୫ ମସିହାରେ ଆମ ପରିବାର କଟକସ୍ଥିତ ନିଜ ପୈତୃକ ସମ୍ପତ୍ତି 'ଆନନ୍ଦ ଭବନ'କୁ ରାଜ୍ୟବାସୀଙ୍କ ବ୍ୟବହାର ପାଇଁ ଦାନ କରିବାକୁ ନିଷ୍ପତ୍ତି ନେଇଥିଲା । ସେହିଭଳି ଓଡ଼ିଶା ବିଧାନସଭାରେ ନିକଟରେ ପାରିତ ହୋଇଥିବା ବିରୋଧୀ ଦଳ ନେତାଙ୍କ ବର୍ଦ୍ଧିତ ଦରମା ଓ ଭତ୍ତାକୁ ମଧ୍ୟ ମୁଁ ତ୍ୟାଗ କରିବାକୁ ଚାହୁଁଛି । ତେଣୁ ମୁଁ ଆପଣଙ୍କୁ ଅନୁରୋଧ କରିବାକୁ ଚାହେଁ ଯେ ଏହି ଅର୍ଥକୁ ଆମ ରାଜ୍ୟର ଗରିବ ଲୋକଙ୍କ କଲ୍ୟାଣ ପାଇଁ ବ୍ୟବହାର କରାଯାଉ । ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଏହି ପତ୍ରର କପି ନବୀନ ବାଚସ୍ପତି ସୁରମା ପାଢୀ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ପଠାଇଛନ୍ତି ।

ପୂର୍ବରୁ ମଧ୍ୟ ନବୀନଙ୍କର ଏଭଳି ଅନେକ ନିଷ୍ପତ୍ତି ▶ପୃଷ୍ଠା-୭

### ମୋ ପ୍ରତି ଏବଂ ମୋ ପିତାଙ୍କ ପ୍ରତି ଓଡ଼ିଶାବାସୀଙ୍କ ଭଲପାଇବା ପାଇଁ ମୁଁ ଚିର ଋଣୀ

### 'ଫନୀ' ସମୟରେ ୬ ମାସର ଦରମା ଦାନ କରିଥିଲେ ନବୀନ

### ୨୦୧୫ରେ ପୈତୃକ ସମ୍ପତ୍ତି 'ଆନନ୍ଦ ଭବନ'କୁ କରିଛନ୍ତି ଦାନ



## ମାଲକାନଗିରି ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହେବାକୁ ଅପେକ୍ଷା

# ଇଣ୍ଟରନେଟ୍ ସେବା ଆଉ ୩୬ ଘଣ୍ଟା ବନ୍ଦ

■ ମାଲକାନଗିରି, ୧୩।୧୨ (ସମିସ): ଏମ୍‌ଭି-୨୬ ଗ୍ରାମରେ ଶାନ୍ତି ଫେରିଛି । ଅଧିକାଂଶ ଗ୍ରାମବାସୀ ନିଜ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଗ୍ରାମରୁ ବିଏନ୍ଏସ୍ଏସ୍ ୧୬୩ ଧାରାକୁ ହଟାଇ ନିଆଯାଇଛି । ତେବେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଇଣ୍ଟରନେଟ୍ ସେବାକୁ ଆହୁରି ୩୬ ଘଣ୍ଟା ଅର୍ଥାତ୍ ସୋମବାର ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ବନ୍ଦ କରାଯାଇଛି ।

ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ । ଏହି ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍ ମଧ୍ୟ ଉପସ୍ଥିତ ଥିଲେ । ସେ କହିଛନ୍ତି ଯେ ସମସ୍ତଙ୍କ ମଧ୍ୟରେ ଶାନ୍ତି ପୂର୍ବଭଳି ଫେରିଛି । ପୁଲିସ୍ ଅଧିକାରୀଙ୍କ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳମାନଙ୍କରେ ମଧ୍ୟ ଶାନ୍ତି କମିଟି ବୈଠକ କରାଯାଉଛି । ଉଭୟ ପକ୍ଷ ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ ଅହରହ ଯୋଗାଯୋଗରେ ଅଛନ୍ତି । ଏଥିସହ ଦକ୍ଷିଣାଞ୍ଚଳ ଆରଡିସି ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏବଂ ଜିଲ୍ଲାପାଳ, ଏସପି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ବନଖଣ୍ଡ ଅଧିକାରୀ ଓ ଉପ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଆଦିବାସୀ ସମାଜର ପ୍ରତିନିଧିଙ୍କ ସହ ଦୀର୍ଘ ଦିନରୁ ରହିଥିବା ଜମି ଓ ରାଜସ୍ୱ ସମ୍ପର୍କିତ ବିଷୟରେ ଆଲୋଚନା କରାଯାଇଛି । ସେହିପରି ମୃତ ମହିଳାଙ୍କ ସନ୍ତାନଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ଆହୁରି ୪ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି । କ୍ଷୟକ୍ଷତିର ▶ପୃଷ୍ଠା-୭


### ଏମ୍‌ଭି-୨୬ ଗ୍ରାମରୁ ଉଠିଲା ବିଏନ୍ଏସ୍ଏସ୍ ଧାରା ୧୬୩

### ପୋଡ଼ାଜଳା ଘଟଣାରେ ୬ ଗିରଫ

# ଆଜିଠୁ କମିବ ଜାଡ଼

■ ଭୁବନେଶ୍ୱର, ୧୩।୧୨ (ସମିସ): ରାଜ୍ୟରେ ଲଗାତାର ୮ ଦିନ ହେବ ଶୀତ ଲହରୀ ଜାରି ରହିଛି । ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୩-୬ ଡିଗ୍ରୀ ପର୍ଯ୍ୟନ୍ତ କମ୍ ରହିଛି । ଏହାସହ ଗତ ୨୪ ଘଣ୍ଟାରେ ରାଜ୍ୟର ୧୬ ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି । ଏହି ସ୍ଥିତି ୧୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଆସନ୍ତାକାଲିଠାରୁ ଜାଡ଼ କମିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟାରେ ୩.୧ ଡିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି । ସେହିପରି ସେମିଳିଗୁଡାରେ ପାରଦ ୪.୬ ଡିଗ୍ରୀ ରହିଥିବା ବେଳେ ଫୁଲବାଣୀ ୫.୫, ଦାରିଙ୍ଗବାଡିରେ ୬, କୋରାପୁଟ ୬.୫, ଚିପିଲିମା ୭.୮, ନବରଙ୍ଗପୁର, ରାଉରକେଲା ୮, ଝାରସୁଗୁଡା ୮.୨, ଭବାନୀପାଟଣା ୮.୫, ଅନୁଗୁଳ ୯, ସୁନ୍ଦରଗଡ଼ର କିରେଇ ୯.୨, ଢେଙ୍କାନାଳ, ରାୟଗଡ଼ା, ବୌଦ୍ଧ ଏବଂ ସୁନ୍ଦରଗଡ଼ରେ ପାରଦ ୧୦ ଡିଗ୍ରୀ ରେକର୍ଡ କରାଯାଇଛି । ପାଣିପାଗ କେନ୍ଦ୍ରର ▶ପୃଷ୍ଠା-୭



## ମଣ୍ଡି ଖୋଲୁଛି; ଧାନ ଉଠୁନି

# ଜିଲ୍ଲାପାଳଙ୍କ ଗୋଡ଼ ତଳେ ପଡ଼ିଲେ ଚାଷୀ

■ ପଦ୍ମପୁର, ୧୩।୧୨ (ସମିସ): ଧାନବସ୍ତା ପକାଇ ଜିଲ୍ଲାପାଳଙ୍କ ଗୋଡ଼ ତଳେ ପଡ଼ିଲେ; ରାସ୍ତା ଉପରେ ଆଣ୍ଠେଇ ହାତଯୋଡ଼ି ମୁଣ୍ଡିଆ ବି ମାରିଲେ । ଖାଲି ଗୋଟିଏ ଦାବି ପୂରଣ କର, ଆମ ଧାନ କିଣିନିଅ । ଓଡ଼ିଶାର ଭାତହାଣ୍ଡି ଭାବେ ପରିଚିତ ବରଗଡ଼ ଜିଲ୍ଲାରୁ ଆସିଥିବା ଏଭଳି ଏକ ଚିତ୍ର ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି । ବରଗଡ଼ରୁ ଆରମ୍ଭ କରି ସମ୍ବଲପୁର ପର୍ଯ୍ୟନ୍ତ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି । ସରକାର-ମିଲର୍‌ଙ୍କ ମଧ୍ୟରେ ଟଣାଓଟରା ଏବଂ ଧାନକିଣା ପ୍ରକ୍ରିୟାରେ ବ୍ୟାପକ ସରକାରୀ ଅବ୍ୟବସ୍ଥାର ଫଳ ଚାଷୀକୁ ଭୋଗିବାକୁ ପଡୁଛି । ଫଳରେ, ପାଖାପାଖି ମାସେ ତଳୁ ଅମଳ କରିଥିବା ଧାନ ଏବେ



ଖଳାରେ ଶୀତ କାକର ଖାଉଛି । ଧାନମଣ୍ଡି ଖୋଲୁଥିଲେ ହେଁ ଚାଷୀଙ୍କ ଧାନ ଉଠୁନାହିଁ । ପଦ୍ମପୁର ଉପଖଣ୍ଡ ରାଜବୋଡ଼ାସମ୍ବରରେ ଏହାକୁ ନେଇ ଆଜି ଚାଷୀମାନେ ନିଆରା ଢଙ୍ଗରେ ପ୍ରତିବାଦ ଜଣାଇଥିଲେ । ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଧିଆ ପଡ଼ି ଧାନ ଉଠାଇବା ପାଇଁ ଗୁହାରି କରିଥିଲେ ।

ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ନେତୃତ୍ୱରେ ବହୁ ସଂଖ୍ୟାରେ ଚାଷୀ ପଦ୍ମପୁର ଉପଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଏକାଠି ହୋଇଥିଲେ । ପରେ ସେମାନେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଗୋଡ଼ ତଳେ ▶ପୃଷ୍ଠା-୭

### ଶୀଘ୍ର ଧାନ କିଣା ନ ହେଲେ ଆତ୍ମହତ୍ୟା ଚେତାବନୀ

### ପଦ୍ମପୁର ଉପଖଣ୍ଡରେ ଧାନ ବିକ୍ରି ସମସ୍ୟା ଉତ୍କଟ



## ପାକିସ୍ତାନ କୋର୍ଟରେ 'ଧୂରନ୍ଧର'

ଇସଲାମାବାଦ୍, ୧୩।୧୨(ଏଜେନ୍ସି): ପାକିସ୍ତାନର କରାଚୀର ଏକ କୋର୍ଟରେ ବଲିଉଡ ସିନେମା 'ଧୂରନ୍ଧର' ବିରୋଧରେ ଏକ ଆବେଦନ ଦାଏର କରାଯାଇଛି। ଏଥିରେ ଅଭିଯୋଗ କରାଯାଇଛି ଯେ, ଏହି ସିନେମାରେ ପାକ ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋଙ୍କ ଫଟୋ, ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ର ପତାକା ଓ ପାର୍ଟି ରାଲିଗୁଡିକର ଚିତ୍ର ବିନା ଅନୁମତିରେ ବ୍ୟବହାର କରାଯାଇଛି। ପୁଣି ଆତଙ୍କବାଦକୁ ପିପିପି ସମର୍ଥନ କରୁଛି ବୋଲି ଏହି ସିନେମାରେ ଦର୍ଶାଇବାକୁ ପ୍ରୟାସ କରାଯାଇଛି ବୋଲି କୁହାଯାଇଛି। ପିପିପି କର୍ମୀ ମହମ୍ମଦ ଆମୀର କରାଚୀର ଜିଲ୍ଲା ଓ ସେସନ କୋର୍ଟରେ ଏ ନେଇ ଆବେଦନ କରିଛନ୍ତି। ସିନେମାର ନିର୍ମାତା, ନିର୍ଦ୍ଦେଶକ, କଳାକାର ଓ ସିନେମା ପ୍ରଚାର ସହିତ ଜଡିତ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ଏଫ୍ଆଇଆର୍ ଦାଏର କରିବାକୁ ଆବେଦନରେ ଦାବି କରାଯାଇଛି। ସିନେମାର ପ୍ରମୁଖ ଅଭିନେତା ରଣବୀର ସିଂ, ଅକ୍ଷୟ ଖାନ୍ନା, ସଞ୍ଜୟ ଦତ୍ତ, ଅର୍ଜୁନ ରାମପାଲ, ଆର ମାଧବନ, ସାରା ଅର୍ଜୁନ ଓ ରାକେଶ ବେଦୀଙ୍କ ସମେତ ନିର୍ଦ୍ଦେଶକ ଆଦିତ୍ୟ ଧର, ନିର୍ମାତା ଲୋକେଶ ଧର ଓ ଜ୍ୟୋତି କିଶୋର ଦେଶପାଣ୍ଡେଙ୍କ ନାମ ଆବେଦନରେ ଉଲ୍ଲେଖ କରାଯାଇଛି। ପାକିସ୍ତାନ ବିରୋଧୀ ଆଭିମୁଖ୍ୟ ପାଇଁ ଧୂରନ୍ଧରକୁ ୬ଟି ଉପସାଗରୀୟ ଦେଶରେ ନିଷିଦ୍ଧ କରାଯାଇଛି। ମୁକ୍ତିଲାଭ କରିବାର ୯ମ ଦିନରେ ଏହି ସିନେମା ୧୫.୭୮ କୋଟି ଟଙ୍କା ଆୟ କରିଛି। ଏଥିସହ ଧୂରନ୍ଧର ମୋଟ ଉପରେ ୨୫୫.୫୩ କୋଟି ଟଙ୍କା ଆୟ କରି ସୁପରହିଟ୍ ସାବ୍ୟସ୍ତ ହୋଇଛି।



## ନୋବେଲ ପୁରସ୍କାର ବିଜୟିନୀ ଗିରଫ

ତେହେରାନ, ୧୩।୧୨ (ଏଜେନ୍ସି): ଇରାନରେ ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ତଥା ମାନବାଧିକାର କର୍ମୀ ନର୍ଗିସ ମହମ୍ମଦୀଙ୍କୁ ପୁଣିଥରେ ଗିରଫ କରାଯାଇଛି। ନର୍ଗିସ ମଶହଦ ଶହରରେ ଏକ ଶୋକ ସଭାରେ ସାମିଲ ହେବାକୁ ଯାଇଥିଲେ। ସେଠାରେ ହିଁ ତାଙ୍କ ଗିରଫ କରାଯାଇଛି। ସେ ସ୍ୱର୍ଗତ ମାନବାଧିକାର ଓକିଲ ଖୋସରୋ ଅଲକୋର୍ଦୀଙ୍କ ସ୍ମୃତି ସଭାରେ ଯୋଗ ଦେବାକୁ ଯାଇଥିଲେ। ଗତ ସପ୍ତାହରେ ଅଲକୋର୍ଦୀଙ୍କୁ ନିଜ କାର୍ଯ୍ୟାଳୟରେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସେ ହୃଦ୍‌ଘାତ କାରଣରୁ ମୃତ୍ୟୁବରଣ କରିଥିଲେ ବୋଲି ଇରାନ ଅଧିକାରୀମାନେ କହିଥିଲେ। କିନ୍ତୁ ଏହାକୁ ସନ୍ଦେହ କରାଯାଉଛି। ବିନା ହିଜାବରେ ସେ ଭାଷଣ ଦେଇଥିବାରୁ ତାଙ୍କୁ ଗିରଫ କରାଯାଇଛି ବୋଲି କୁହାଯାଇଛି। ନର୍ଗିସଙ୍କୁ କେଉଁଠାରେ ରଖାଯାଇଛି ସେ ନେଇ କିଛି କୁହାଯାଇନାହିଁ। ନର୍ଗିସଙ୍କ ଗିରଫ ନେଇ ନୋବେଲ କମିଟି ଚିନ୍ତା ପ୍ରକଟ କରିଛି। ୨୦୨୩ରେ ତାଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଇରାନ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ସଂଘର୍ଷ ଓ ମାନବାଧିକାରଗୁଡିକୁ ଆଗକୁ ବଢ଼ାଇବା ପାଇଁ ନୋବେଲ ପୁରସ୍କାର ଦିଆଯାଇଥିଲା। ଇରାନରେ ମୃତ୍ୟୁଦଣ୍ଡ, ଜବରଦସ୍ତି ହିଜାବ ପିନ୍ଧାଇବା, ଅଭିବ୍ୟକ୍ତିର ସ୍ୱାଧୀନତା ନେଇ ଲଗାଯାଇଥିବା କଟକଣା ବିରୋଧରେ ସେ ସ୍ୱର ଉତ୍ତୋଳନ କରୁଥିଲେ। ଏହି କାରଣରୁ ତାଙ୍କୁ ୨୦୨୧ରେ ଗିରଫ କରାଯାଇଥିଲା।

## ପାକିସ୍ତାନରେ ପଢ଼ା ହେବ ସଂସ୍କୃତ, ଗୀତା

ଲାହୋର, ୧୩।୧୨(ଏଜେନ୍ସି): ସ୍ୱାଧୀନତା ପରେ ପାକିସ୍ତାନରେ ପ୍ରଥମଥର ପାଇଁ ସଂସ୍କୃତ ଭାଷାରେ ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ଲାହୋର ୟୁନିଭର୍ସିଟି ଅଫ୍ ମ୍ୟାନେଜମେଣ୍ଟ ସାଇନ୍ସ (ଏଲ୍‌ୟୁଏମ୍‌ଏସ୍)ରେ ପ୍ରଥମ ୩ ମାସରେ ଏ ନେଇ ଏକ କ୍ଷୁଦ୍ରକାଳୀନ ସପ୍ତାହନ୍ତ କର୍ମଶାଳା ଆରମ୍ଭ କରିଛି। ଏହାକୁ ନେଇ ଛାତ୍ରମାନଙ୍କ ମଧ୍ୟ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ସଂସ୍କୃତ ଭାଷା ସହିତ ଭଗବତ ଗୀତା ଓ ମହାଭାରତକୁ ମଧ୍ୟ ପାଠ୍ୟକ୍ରମରେ ସାମିଲ କରାଯିବ ବୋଲି କୁହାଯାଇଛି। ଏହି ପଦକ୍ଷେପ ଧାର୍ମିକ ନୁହେଁ ବରଂ ଏହା ଶିକ୍ଷାଗତ ଓ ସାଂସ୍କୃତିକ ଐତିହ୍ୟର ପୁନରୁଦ୍ଧାର ପାଇଁ ଗ୍ରହଣ କରାଯାଇଛି ବୋଲି ବିଶ୍ୱବିଦ୍ୟାଳୟର ଅଧିକାରୀ ଓ ଅଧ୍ୟାପକମାନେ କହିଛନ୍ତି। ଜଣେ ଅଧ୍ୟାପକ କହିଛନ୍ତି ଯେ, ସଂସ୍କୃତ ଏହି ଭୂମି ପାଇଁ ବିଦେଶୀ ନୁହେଁ। ଏହା ଏହି ଅଞ୍ଚଳର ଭାଷା, ସାହିତ୍ୟ ଓ ଚିନ୍ତାଧାରକୁ ନୂଆ ରୂପ ଦେଇଛି। ଏହାକୁ ଅଧ୍ୟୟନ କଲେ ଆମେ ଆମର ନିଜସ୍ୱ ଅତୀତକୁ ଭଲଭାବେ ବୁଝିବାରେ ସକ୍ଷମ ହୋଇପାରିବୁ। ସଂସ୍କୃତ କୌଣସି ଗୋଟିଏ ଧର୍ମରେ ବନ୍ଧା ନୁହେଁ ବୋଲି କୁହାଯାଇଛି।

## 'ଜାନୁଆରୀରେ ଶିବ୍‌କୁମାର ମୁଖ୍ୟମନ୍ତ୍ରୀ ହେବେ'

ବେଙ୍ଗାଲୁରୁ, ୧୩।୧୨(ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସ ବିଧାୟକ ଇକବାଲ ହୁସେନ ଏକ ବଡ଼ ଭବିଷ୍ୟବାଣୀ କରି ହଇଚଇ ସୃଷ୍ଟି କରିଛନ୍ତି। ବିଧାନସଭାର ଶୀତକାଳୀନ ଅଧିବେଶନ ପରେ ଅର୍ଥାତ ଡିସେମ୍ବର ୬ରେ ସେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିବେ ବୋଲି ସେ କହିଛନ୍ତି। ଫଳରେ କର୍ଣ୍ଣାଟକରେ କଂଗ୍ରେସ ନେତୃତ୍ୱ ନେଇ ହେଉଥିବା ଆକଳନ, ଆଲୋଚନ ଓ ଅନୁମାନ ଆହୁରି ଜୋରଧରିଛି। ଇକବାଲ ରାମନଗର ବିଧାୟକ ଭାବେ ଶିବକୁମାର ଓ ଅନ୍ୟ ବିଧାୟକଙ୍କ ବିଳମ୍ବିତ ରାତି ବୈଠକରେ ଯୋଗ ଦେବା ପରେ ଏହି କଥା କହିଛନ୍ତି। ଏହି ବୈଠକରେ ୫୦ରୁ ୫୫ ବିଧାୟକ ଯୋଗ ଦେଇଥିଲେ। ତେବେ ଏହା ଶକ୍ତି ପ୍ରଦର୍ଶନ ନଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଥାଉ କି, ପଦ ପାଇଁ ଶିବକୁମାର ଓ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କ ମଧ୍ୟ ଟଣାଓଟଣା ଦୀର୍ଘ ବର୍ଷ ଧରି ଚାଲୁ ରହିଛି।

## ୟୁପି ବିଜେପିର ନୂଆ ଅଧ୍ୟକ୍ଷ ହେବେ ପଙ୍କଜ ଚୌଧୁରୀ

ଲକ୍ଷ୍ନୌ, ୧୩।୧୨(ଏଜେନ୍ସି): କେନ୍ଦ୍ର ଅର୍ଥ ରାଜ୍ୟମନ୍ତ୍ରୀ ପଙ୍କଜ ଚୌଧୁରୀ ଉତ୍ତରପ୍ରଦେଶ ବିଜେପିର ଅଧ୍ୟକ୍ଷ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ରାଜଧାନୀ ଲକ୍ଷ୍ନୌସ୍ଥିତ ବିଜେପି କାର୍ଯ୍ୟାଳୟରେ ସେ ନିଜର ନାମାଙ୍କନ ଦାଖଲ କରିଛନ୍ତି। ଅପରାହ୍ଣ ୩ଟା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରିବାର ସମୟସୀମା ଥିଲା। କିନ୍ତୁ ଆଉ କେହି ନାମାଙ୍କନ ଦାଖଲ କରି ନଥିବାରୁ ପଙ୍କଜ ଏକମାତ୍ର ପ୍ରାର୍ଥୀ ଭାବେ ନିର୍ବିରୋଧରେ ବିଜେପି ଅଧ୍ୟକ୍ଷ ହେବା ସ୍ପଷ୍ଟ ହୋଇଛି। ପଙ୍କଜ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ନିକଟତର ଭାବେ ଜଣାଶୁଣା। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଉପ-ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଓ ବ୍ରଜେଶ ପାଠକଙ୍କ ସମେତ ୧୦ଜଣ ନେତା ପଙ୍କଜଙ୍କ ନାମକୁ ନେଇ ପ୍ରସ୍ତାବ ଦେଇଥିଲେ। ଏବେ ରବିବାର ଲୋହିଆ ନ୍ୟାସନାଲ ଲ ୟୁନିଭର୍ସିଟିରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ ନୂଆ ଅଧ୍ୟକ୍ଷ ଭାବେ ପଙ୍କଜଙ୍କ ନାମ ଘୋଷଣା କରିବେ ବୋଲି ଆଶା କରାଯାଉଛି। ପଙ୍କଜ ଯୋଗୀଙ୍କ ଗଡ଼ ଗୋରଖପୁରରୁ ଆସିଛନ୍ତି ଓ ସେ ମହରାଜଗଞ୍ଜରୁ ୭ଥର ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି।

## ଗୁଇନ୍ଦାଗିରି ଅଭିଯୋଗରେ ପୂର୍ବ ସେନା ଅଧିକାରୀ ଗିରଫ

ଗୌହାଟୀ, ୧୩।୧୨(ଏଜେନ୍ସି): ପାକିସ୍ତାନ ଗୁପ୍ତଚର ନେଟ୍‌ୱର୍କ ସହିତ ସମ୍ପର୍କ ରଖିବା ଅଭିଯୋଗରେ ଆସାମରେ ଜଣେ ପୂର୍ବତନ ବାୟୁସେନା ଅଧିକାରୀଙ୍କୁ ଗିରଫ କରାଯାଇଛି। ପାକିସ୍ତାନ ପାଇଁ ଗୁପ୍ତଚର ଅଭିଯୋଗରେ ଆସାମ ପୁଲିସ ବାୟୁସେନା ଅଧିକାରୀ କୁଳେନ୍ଦ୍ର ଶର୍ମାଙ୍କୁ ଶୁକ୍ରବାର ରାତିରେ ଗିରଫ କରିଛି। କୁଳେନ୍ଦ୍ର ଜେଜପୁରର ପଟିଆ ଅଞ୍ଚଳରେ ବାସିନ୍ଦା। ପୁଲିସ ତାଙ୍କ ଉପରେ ଲଗାତର ନଜର ରଖିଥିଲା ଓ ପ୍ରାଥମିକ ତଦନ୍ତ ପରେ ତାଙ୍କୁ ଗିରଫ କରାଯାଇଛି ବୋଲି କୁହାଯାଇଛି। ପାକିସ୍ତାନର ଏକ ଗୁପ୍ତଚର ସଂସ୍ଥାକୁ ସେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ସୂଚନା ଦେଉଥିବାର ଅଭିଯୋଗ ହୋଇଛି। ତାଙ୍କ ମୋବାଇଲ ଓ ଲାପଟପ୍‌ରୁ ଏ ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ସନ୍ଦେହଜନକ ସାମଗ୍ରୀ ଜବତ କରାଯାଇଛି। ଅବସର ନେବା ପୂର୍ବରୁ ତାଙ୍କୁ ତେଜପୁରର ଏୟାର ଫୋର୍ସ ଷ୍ଟେସନରେ ଜୁନିଅର ୱାରେଣ୍ଟ ଅଧିକାରୀ ଭାବେ ନିୟୋଜିତ କରାଯାଇଥିଲା। ୨୦୦୨ରେ ସେ ଅବସର ନେଇଥିଲେ। ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ମାମଲା ରୁଜୁ କରାଯାଇଛି ବୋଲି ପୁଲିସ କହିଛି।

# ପଶ୍ଚିମବଙ୍ଗ ଏସ୍‌ଆଇଆର୍‌ରେ କଟିଲା ୫୮ ଲକ୍ଷ ଭୋଟରଙ୍କ ନାମ

କୋଲକାତା, ୧୩।୧୨(ଏଜେନ୍ସି): ପଶ୍ଚିମବଙ୍ଗରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍)ର ପ୍ରଥମ ପର୍ଯ୍ୟାୟ ଶେଷ ପରେ ନିର୍ବାଚନ କମିଶନ ଶୁକ୍ରବାର ଆସନ ଅନୁଯାୟୀ ତଥ୍ୟ ଉପସ୍ଥାପନ କରିଛି। ରାଜ୍ୟରେ ମୋଟ୍ ୫୮ ଲକ୍ଷରୁ ଅଧିକ ନାମ ଭୋଟର ତାଲିକାରୁ ହଟାଯାଇଛି ବୋଲି କମିଶନ କହିଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଭବାନୀପୁର ଆସନରୁ ୪୪, ୭୮୭ ଭୋଟରଙ୍କ ନାମ ହଟାଯାଇଛି। ଏଠାରେ ଗତ ଜାନୁଆରୀରେ ତାଲିକାରେ ୧, ୬୧, ୫୦୯ ଭୋଟର ଥିଲେ। ସେହିପରି ବିଜେପି ନେତା ତଥା ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ନନ୍ଦୀଗ୍ରାମ ଆସନରେ ୧୦, ୫୯୯ ଭୋଟ ହଟାଯାଇଛି। ଏସ୍‌ଆଇଆର୍ ପୂର୍ବରୁ ଏଠାରେ ୨, ୭୮, ୨୧୨ ଭୋଟର ଥିଲେ। ଜିଲ୍ଲାଗୁଡିକୁ ନେଇ ପ୍ରକାଶିତ ପରିସଂଖ୍ୟାନରେ ସାଉଥ ୨୪ ପ୍ରଗଣା ସବୁଠାରୁ ଉପରେ ରହିବ। ଏହି ଜିଲ୍ଲାରେ ୮ ଲକ୍ଷ ୧୬ ହଜାରରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ ତାଲିକାରୁ ହଟାଯାଇଛି। ଏହି ଅଞ୍ଚଳ ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀଙ୍କ ଗଡ଼ ବୋଲି ବିବେଚନା କରାଯାଇଥାଏ। ସେ ଡାଇମଣ୍ଡ ହାର୍ବର ଆସନରେ ଗତ ଲୋକସଭା ନିର୍ବାଚନରେ ୭ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିଲେ। ସେପଟେ ବିଜେପି ନେତା ଅମିତ ମାଲବୀୟ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଡିସେମ୍ବର ୧୧ ପୂର୍ବରୁ ଅନ୍ତିମ ତାରିଖରେ ନିଜ ଏସ୍‌ଆଇଆର ଫର୍ମ ପୂରଣ କରିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ



■ ମମତାଙ୍କ ଆସନରେ ୪୪ ହଜାର ନାମ କଟାଗଲା
■ ସାଉଥ ପ୍ରଗଣା ଜିଲ୍ଲାରେ ବାଦ୍ ପଡ଼ିଲେ ୮ ଲକ୍ଷ

'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ, ମମତା ପୁଣି ଥରେ ଲୋକଙ୍କୁ ଭୂଆଁ ବୁଲାଇବାକୁ ପ୍ରୟାସ କରିବାର ନିଜର ପୁରୁଣା ପ୍ରକୃତିକୁ ଦୋହରାଇଛନ୍ତି। ସେ ଡିସେମ୍ବର ୧୧ରେ ନିଜର ଏସ୍‌ଆଇଆର ଫର୍ମ ଭରିଛନ୍ତି। ପଶ୍ଚିମବଙ୍ଗର ଜଣେ ବୈଧ ମତଦାତା ଭାବେ ବଜାୟ ରହିବା ପାଇଁ ସେ ଫର୍ମ ପୂରଣ କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି।

ନିର୍ବାଚନ କମିଶନ ଦେଇଥିବା ପରିସଂଖ୍ୟାନ ଅନୁସାରେ ରାଜ୍ୟର ୧୯୪ଟି ବିଧନସଭା ଆସନଗୁଡିକ ମଧ୍ୟରୁ କୋଲକାତାର ଚୋରଙ୍ଗି ଓ କୋଲକାତା ପୋର୍ଟ ଭଳି କ୍ଷେତ୍ରରେ ସର୍ବାଧିକ ନାମ କଟାଯାଇଛି। ଚୋରଙ୍ଗି ଆସନରେ ୭୪, ୫୫୩ ନାମ ହଟାଯାଇଛି। ଏଠାରେ ନୟନା ବନ୍ଦୋପାଧ୍ୟାୟ ଟିଏମସି ଟିକେଟରେ ନିର୍ବାଚିତ ହୋଇଥିଲେ। ସେହିପରି କୋଲକାତା ପୋର୍ଟରୁ ୬୩, ୭୩୦ ନାମ ଭୋଟର ତାଲିକାରୁ କଟାଯାଇଛି। ଏଠାରୁ ବରିଷ୍ଠ ମନ୍ତ୍ରୀ ଫିରହାଦ ହାକିମ ବିଜୟୀ ହୋଇଥିଲେ।

ସେହିପରି ଟାଲିଗଞ୍ଜରୁ ୩୫, ୩୦୯ ନାମ ହଟାଯାଇଛି। ତେବେ ବାଙ୍କୁଡା ଜିଲ୍ଲାର କୋତୁଲପୁରରୁ ସବୁଠାରୁ କମ୍ ୫, ୬୭୮ ନାମ କଟାଯାଇଛି। ମତଦାତାଙ୍କ ମୃତ୍ୟୁ, ଅନ୍ୟସ୍ଥାନକୁ ସ୍ଥାନାନ୍ତର ହେବା ଓ ନକଲି ପ୍ରବେଶ କାରଣରୁ ଭୋଟରମାନଙ୍କ ଏହି ନାମଗୁଡିକୁ କଟାଯାଇଛି। ବିଜେପି ବିଧାୟକଙ୍କ କ୍ଷେତ୍ରରୁ ମଧ୍ୟ ନାମ କଟାଯାଇଛି। ଏହି କ୍ରମରେ ନନ୍ଦୀଗ୍ରାମରେ ସର୍ବାଧିକ ନାମ କଟାଯାଇଛି। ଆସନସୋଲ ସାଉଥରୁ ୩୯, ୨୦୨, ସିଲିଗୁଡିରୁ ୩୧, ୧୮୧ ନାମ କଟାଯାଇଛି ବୋଲି କୁହାଯାଇଛି। ଡିସେମ୍ବର ୧୬ରେ ମତଦାତା ସୂଚୀ ପ୍ରକାଶ ପାଇବ।




ସଂସଦ ଆକ୍ରମଣ ଘଟଣାର ୨୪ ବର୍ଷ ପୂରିଛି। ଏହି ଅବସରରେ ସଂସଦ ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଉପ ରାଷ୍ଟ୍ରପତି ରାଧାକ୍ରିଷ୍ଣନ୍ , ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ୟ ସାଂସଦ ସହିଦ ସୁରକ୍ଷାକର୍ମୀଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରୁଛନ୍ତି।

## ସେନାରେ ୪୯୧ ନୂଆ ଯୁବ ଅଧିକାରୀ

ଡେରାଡୁନ୍, ୧୩।୧୨(ଏଜେନ୍ସି): ଡେରାଡୁନସ୍ଥିତ ଭାରତୀୟ ସୈନ୍ୟ ଏକାଡେମୀ (ଆଇଏମ୍‌ଏ)ର ଐତିହାସିକ ଡ୍ରିଲ ସ୍କୋୟାରରେ ଶନିବାର ୧୫୭ତମ ପାସିଂ ଆଉଟ ପରେଡ୍ ଅନୁଷ୍ଠିତ ହୋଇଥିଲା। ଏହି ପରେଡ୍‌ରେ ପରମ୍ପରା, ଅନୁସାଶନ, ସୈନ୍ୟ ଗାରିମାର ଜୀବନ୍ତ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଏହି ଅବସରରେ କଠିନ ପ୍ରଶିକ୍ଷଣ ପୂରା କରିଥିବା ଅଧିକାରୀଙ୍କୁ କ୍ୟାଡେଟ ଭାରତୀୟ ସେନାରେ କମିଶନ ପ୍ରଦାନ କରାଯାଇଥିଲା। ଏହିକ୍ରମରେ ନୂଆ ୪୯୧ ଅଧିକାରୀ ଭାରତୀୟ ସେନାରେ ଯୋଗ ଦେଇଥିଲେ।

## ଅସହ୍ୟ ହେଲା ଦିଲ୍ଲୀ ପ୍ରଦୂଷଣ



ନୂଆଦିଲ୍ଲୀ, ୧୩।୧୨(ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ପ୍ରଦୂଷଣ ଅତିଶୟ ହୋଇଛି ଓ ବାୟୁ ବିଷାକ୍ତ ହେବାରେ ଲାଗିଛି। ଏହି ବର୍ଦ୍ଧିତ ଏକ୍ୟୁଆଇକୁ ଦୃଷ୍ଟିରେ ରଖି ବାୟୁ ଗୁଣବତ୍ତା ପ୍ରବନ୍ଧନ ଆୟୋଗ (ସିକ୍ୟୁଏଏମ୍) ଜିଆର୍‌ଏପି-୪ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ସ୍ଥିତି ଏତେ ଖରାପ ହୋଇଛି ଯେ, ଗୋଟିଏ ଦିନରେ ଦୁଇଥର ଗ୍ରାପ ବଦଳାଯାଇଛି। ସକାଳେ ଗ୍ରାପ୍-୩ ଲାଗୁ କରାଯାଇଥିଲା। କିନ୍ତୁ ପରେ ଏହରାକୁ ହଟାଇ ଗ୍ରାପ୍-୪ ଲାଗୁ କରାଯାଇଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ବାୟୁ ଗୁଣବତ୍ତା ଶନିବାର ସନ୍ଧ୍ୟାରେ ଆହୁରି ଖରାପ ହୋଇଥିଲା। ସନ୍ଧ୍ୟା ୪ଟାରେ ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୪୩୧ ଥିଲା। ଏହାର ଦୁଇଘଣ୍ଟା ପରେ ୬ଟାରେ ଏକ୍ୟୁଆଇ ୪୪୧ରେ ପହଞ୍ଚିଥିଲା। ସ୍ଥିର ବାୟୁ ଓ ବାତାବରଣ ଏବଂ ଖରାପ ପାଗ ସ୍ଥିତିକୁ ଆହୁରି ବିଗାଡିଛି। ଗ୍ରାପ-୪ ଲାଗୁ ହେବା ପରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ଉପରେ କଟକଣା ଲାଗୁ କରାଯାଇଥାଏ। ଜାତୀୟ ରାଜପଥ, ସଡ଼କ, ଫ୍ଲାଏ ଓଭର, ଓଭର ବ୍ରିଜ୍, ବିଜୁଳି ବଣ୍ଟନ ସମ୍ପର୍କିତ ଯୋଜନା ଓ ଅତିଆବଶ୍ୟକୀୟ କାର୍ଯ୍ୟକୁ ବାଦ ଦେଲେ ଅନ୍ୟ ସବୁପ୍ରକାର ନିର୍ମାଣ କାର୍ଯ୍ୟକୁ ନିଷିଦ୍ଧ କରାଯାଇଥାଏ। ପୁଣି ଦିଲ୍ଲୀରେ ଟ୍ରକର ପ୍ରବେଶକୁ ରୋକା ଯାଇଥାଏ ଓ ଅନ୍ୟାନ୍ୟ କେତୋଟି କଟକଣା ଲାଗୁ କରାଯାଇଥାଏ। ଦିଲ୍ଲୀ ବାହାରର ପଞ୍ଜୀକୃତ ଗାଡ଼ିକୁ ଭିତରକୁ ଛଡାଯାଇନଥାଏ। ସେହିପରି ସ୍କୁଲ୍‌ରେ ଷଷ୍ଠରୁ ୯ମ ଓ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଅନଲାଇନ୍ କ୍ଲାସ କରିବାକୁ କିମ୍ବା ହାଇବ୍ରିଡ୍ ମୋଡରେ କ୍ଲାସ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥାଏ। ଏକ୍ୟୁଆଇ ଯେତେବେଳେ ୪୫୦ ପାର କରିଥାଏ ସେତେବେଳେ ହିଁ ଗ୍ରାପ୍-୪ ଲାଗୁ କରାଯାଇଥାଏ।

■ ଦିଲ୍ଲୀ-ଏନ୍‌ସିଆରରେ ଗ୍ରାପ୍-୪ ଲାଗୁ

## କେରଳ ପୌର ନିର୍ବାଚନ: ୟୁଡିଏଫ୍‌ର ବାଜିମାତ୍

## ବିଜେପି ଛଡ଼ାଇନେଲା ତିରୁଅନନ୍ତପୁରମ୍ ନିଗମ

ତିରୁଅନନ୍ତପୁରମ୍, ୧୩।୧୨(ଏଜେନ୍ସି): କେରଳର ସ୍ଥାନୀୟ ନଗରପାଳିକା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଐତିହାସିକ ସଫଳତା ହାସଲ କରିଛି। ଏହା କେରଳ ରାଜନୈତିକ ଦୃଶ୍ୟପଟରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ଭାବ୍ୟ ପରିବର୍ତ୍ତନକୁ ସୂଚାଉଛି। ପୂର୍ବରୁ କେରଳରେ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟର ପ୍ରଭାବ ଥିଲା। ଏବେ ଏହି ପ୍ରଭାବ କ୍ଷୁଣ୍ଣ ହେବାରେ ଲାଗିଛି।

ରାଜଧାନୀ ତିରୁଅନନ୍ତପୁରମ୍ ନଗର ନିଗମର ୧୦୧ଟି ୱାର୍ଡ ମଧ୍ୟରୁ ଏନ୍‌ଡିଏ ୫୦ଟିରେ ବିଜୟୀ ହୋଇଛି। ଗତ ୪୫ ବର୍ଷ ଧରି ଏହା ବାମ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ଅକ୍ତିଆରରେ ଥିଲା। ନିର୍ବାଚନରେ ଏଲ୍‌ଡିଏଫ୍ ୨୯ ଓ କଂଗ୍ରେସ ମେଣ୍ଟ (ୟୁଡିଏଫ୍) ୧୯ଟି ୱାର୍ଡରେ ବିଜୟୀ ହୋଇଛି। ପୂର୍ବରୁ ୨୦୨୦ ନିର୍ବାଚନରେ ଏଲ୍‌ଡିଏଫ୍ ୫୧ଟି ୱାର୍ଡରେ ବିଜୟୀ ହୋଇଥିଲା ଓ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ ୩୫ଟି ୱାର୍ଡରେ ବିଜୟ ମିଳିଥିଲା। ସେହିପରି ୟୁଡିଏଫ୍ ୧୦ଟିରେ ବିଜୟ ହାସଲ କରିଥିଲା। ତିରୁଅନନ୍ତପୁରମ୍‌କୁ ବରିଷ୍ଠ କଂଗ୍ରେସ ନେତା ଶଶି ଥରୁରଙ୍କ ଗଡ଼ ବୋଲି ବିବେଚନା କରାଯାଏ। ସେ ୨୦୦୯ ରୁ ଏହି ଲୋକସଭା ଆସନରୁ ବିଜୟୀ ହୋଇ ଆସୁଛନ୍ତି। ଏନଡିଏର ବିଜୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୋଟର ଏବଂ ଦଳୀୟ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଜେପିର ଏହି ଐତିହାସିକ ବିଜୟରେ ଶଶି ଥରୁର ଅଭିନନ୍ଦନ ଜଣାଇଛନ୍ତି। ଜନାଦେଶକୁ ସମ୍ମାନ ଦିଆଯିବା ଆବଶ୍ୟକ ବୋଲି ସେ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ ଯେ ସ୍ଥାନୀୟ ପୌର/ପଞ୍ଚାୟତ ନିର୍ବାଚନରେ ୬ଟି ପୌର ନିଗମ ମଧ୍ୟରୁ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ୪ଟିରେ ବିଜୟୀ ହୋଇଥିବା ବେଳେ ବାମ ସାମ୍ମୁଖ୍ୟ ଓ ଏନଡିଏ ଗୋଟିଏ ଲେଖାଏଁ ନିଗମରେ ବିଜୟୀ ହୋଇଛନ୍ତି। ସେହିଭଳି ଜିଲ୍ଲା ପରିଷଦ ନିର୍ବାଚନରେ ୟୁଡିଏଫ ସର୍ବାଧିକ ୫୯ଟିରେ ବିଜୟୀ ହୋଇଥିବା ବେଳେ ୩୦ରେ ଏଲଡିଏଫ୍ ଏବଂ ଦୁଇଟିରେ ଏନଡିଏ ବିଜୟୀ ହୋଇଛି। ପଞ୍ଚାୟତ ସମିତି ନିର୍ବାଚନରେ ୟୁଡିଏଫକୁ ୧୦୬୩, ଏଲଡିଏଫକୁ ୮୨୩ ଏବଂ ଏନଡିଏକୁ ୫୦ ମିଳିଥିବା ବେଳେ ଗ୍ରାମ ପଞ୍ଚାୟତ ନିର୍ବାଚନରେ ୟୁଡିଏଫକୁ ୭୪୫୧, ଏଲଡିଏଫକୁ ୬୧୩୭ ଏବଂ ଏନଡିଏକୁ ୧୩୬୩ ମିଳିଛି। ଆସନ୍ତା ବର୍ଷ କେରଳ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଏହି ନିର୍ବାଚନ ବିଶେଷ ଗୁରୁତ୍ୱ ବହନ କରୁଛି।

## ମସ୍କଙ୍କ ସହାୟତା ଲୋଡ଼ିଲେ ଇମ୍ରାନଙ୍କ ପୂର୍ବତନ ପତ୍ନୀ ଜେମିମା

ଇସଲାମାବାଦ୍, ୧୩।୧୨(ଏଜେନ୍ସି): ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ପୂର୍ବତନ ପତ୍ନୀ ଜେମିମା ଗୋଲ୍ଡସ୍ମିଥ ସାମାଜିକ ଗଣମାଧ୍ୟମ 'ଏକ୍ସ'ର ମାଲିକ ଏଲନ ମସ୍କଙ୍କୁ ଏକ ଖାସ୍ ନିବେଦନ କରିଛନ୍ତି। ଇମ୍ରାନଙ୍କୁ ନେଇ ଏକ୍ସରେ ଯେଉଁ ପୋଷ୍ଟ କରୁଛି, ତାହା ଲୋକଙ୍କ ପାଖରେ ପହଞ୍ଚିବାକୁ ଦିଆଯାଉନାହିଁ। ଖାସ୍ କରି ଇମ୍ରାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଅନ୍ୟାୟ ନେଇ କରୁଥିବା ପୋଷ୍ଟ ଲୋକଙ୍କ ପାଖରେ ପହଞ୍ଚୁନାହିଁ ବୋଲି କହିଛନ୍ତି। ଏଥିପାଇଁ ଏକ୍ସ ଏକାଉଣ୍ଟର ଭିଜିବିଲିଟି ଫିଲ୍ଟରିଂକୁ ଠିକ୍ କରିବାକୁ ସେ ନିବେଦନ କରିଛନ୍ତି। ଏକ୍ସକୁ ପୂର୍ବରୁ ଟୁଇଟର ବୋଲି କୁହାଯାଉଥିଲା। ମୋର ଦୁଇ ପୁଅଙ୍କୁ ଇମ୍ରାନଙ୍କ ସହ ଭେଟିବାକୁ ଓ କଥା



ହେବାକୁ ସୁଯୋଗ ଦିଆଯାଉନାହିଁ ବୋଲି ଜେମିମା ଅଭିଯୋଗ କରିଛନ୍ତି। ତେଣୁ କେବଳ ଏକ୍ସରେ ହିଁ ସେ ଇମ୍ରାନଙ୍କ ବିଷୟରେ ଯାହା କିଛି ଉଲ୍ଲେଖ କରିପାରିବେ। ମୋ ପୋଷ୍ଟର ପହଞ୍ଚକୁ ପ୍ରତିବନ୍ଧିତ କରାଯାଇଛି। ତେଣୁ ଏ ନେଇ ସେ ମସ୍କଙ୍କଠାରୁ ସାହାଯ୍ୟ ଲୋଡିଛନ୍ତି।

# ଟ୍ରମ୍ପଙ୍କ 'ଗୋଲ୍ଡ କାର୍ଡ'କୁ ଆମେରିକାରେ ଜୋର୍‌ଦାର୍ ବିରୋଧ

ୱାଶିଂଟନ, ୧୩।୧୨ (ଏଜେନ୍ସି): କ୍ଷମତାସୀନ ହେବା ଦିନଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକଛତ୍ରନୀତିକୁ ସବୁଠି ସମାଲୋଚନା କରାଯାଉଛି। କେବେ ଶୁଳ୍କ ଲଗାଇ ତ ଆଉ କେବେ ପ୍ରବାସୀଙ୍କୁ ଅତ୍ୟାଚାର ଦେଇ ବିଶ୍ୱରେ ଆତଙ୍କ ସୃଷ୍ଟି କରିଛନ୍ତି। ଏବେ ପୁଣି ଭିସା ନୀତି ଆଣି ମୂଲ୍ୟ ବୃଦ୍ଧି କରିଦେଇଛନ୍ତି। 'ଟ୍ରମ୍ପ ଗୋଲ୍ଡ କାର୍ଡ ଭିସା' ଆବେଦନ ପାଇଁ ଟ୍ରମ୍ପ ପ୍ରଶାସନ ୧ ନିୟୁତ ଡଲାର ତଥା ୯ କୋଟି ଟଙ୍କା ନେଉଛନ୍ତି। ଟ୍ରମ୍ପଙ୍କ ଏହି ନିଷ୍ପତ୍ତିକୁ ନିଜ ଦେଶରେ ଜୋରଦାର ବିରୋଧ କରାଯାଉଛି। ଆମେରିକାର ୨୦ ରାଜ୍ୟ ଏହା ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ରାଜ୍ୟ ମଧ୍ୟରେ ନ୍ୟୁୟର୍କ, ଇଲିନୟ, ୱାଶିଂଟନ, ମାସାଚୁସେଟ୍‌ସ ପ୍ରମୁଖ ସାମିଲ ଅଛନ୍ତି। ଟ୍ରମ୍ପ ପ୍ରଶାସନ ଲଗାଇଥିବା ଦେୟ ସମ୍ପୂର୍ଣ୍ଣ ବେଆଇନ ବୋଲି ଏହି ରାଜ୍ୟଗୁଡ଼ିକ କହିଛନ୍ତି। ଏହା ଦ୍ୱାରା କର୍ମଚାରୀଙ୍କ ଘୋର ଅଭାବ ଦେଖାଦେବ। ଏବେ ରାଜ୍ୟର ଡାକ୍ତରଖାନା, ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ସରକାରୀ ସେବାରେ ଡାକ୍ତର,ଶିକ୍ଷକ ଅଭାବ ଜନିତ ସମସ୍ୟା ଭୋଗୁଛି। ଏଭଳି ସ୍ଥିତିରେ ଭିସା ମୂଲ୍ୟ ବୃଦ୍ଧି ପାଇଁ ସ୍ଥିତି ଅଧିକ ସଙ୍ଗୀନ ହୋଇଯିବ।

■ କୋର୍ଟଙ୍କ ଦ୍ୱାରସ୍ଥ ହେଲେ ୨୦ ରାଜ୍ୟ
■ ଡାକ୍ତର, ଶିକ୍ଷକ ଅଭାବ ସମସ୍ୟା ବୃଦ୍ଧି ପାଇବ
■ ଆମେରିକାର ୭୫% ଜିଲ୍ଲା ସ୍କୁଲ୍‌ରେ ଶିକ୍ଷକ ଅଭାବ

କାଲିଫର୍ଣ୍ଣିଆର ଆଟର୍ଣ୍ଣି ଜେନେରାଲ ରବ୍ ବୋଣ୍ଟା କହିଛନ୍ତି ଯେ ଡାକ୍ତର, ଇଞ୍ଜିନିୟର, ନର୍ସ, ବୈଜ୍ଞାନିକ, ଶିକ୍ଷକଙ୍କ ଭଳି ଦକ୍ଷ ବୃତ୍ତିଗତଙ୍କ ପାଇଁ ହୋଇଥାଏ। ସାରା ବିଶ୍ୱର ଉଦୀୟମାନ ପ୍ରତିଭା ଆମେରିକା ଆସିଲେ ସାରା ଦେଶ ଆଗକୁ ବଢ଼ିଥାଏ। ରାଜ୍ୟଗୁଡ଼ିକ ପକ୍ଷରୁ କୁହାଯାଇଛି ଯେ ପୂର୍ବରୁ ଏଚ-୧ବି ଭିସା ମୂଲ୍ୟ ହଜାରେରୁ ୭,୫୦୦ ଡଲାର (ଲକ୍ଷେରୁ ୬ ଲକ୍ଷ ଟଙ୍କା) ମଧ୍ୟରେ ଥିଲା। କିନ୍ତୁ ସଂସଦର ମଞ୍ଜୁରୀ ନ ନେଇ ସରକାର ଏହି ମୂଲ୍ୟକୁ ବଢ଼ାଇ ଦେଇଥିଲେ। ଏପରି କରିବା ବେଆଇନ। ଏହି ମୂଲ୍ୟ ଭିସା ପ୍ରୋସେସିଂର ବାସ୍ତବିକ ଖର୍ଚ୍ଚଠାରୁ ଶତାଧିକ ଗୁଣ ଅଧିକ। ଏପରି କରି ସରକାର ପ୍ରଶାସନିକ ପ୍ରକ୍ରିୟା ନିୟମ (ଏପିଏ) ଉଲ୍ଲଙ୍ଘନ କରିଛନ୍ତି। କାରଣ ବିନା ନୋଟିସ ଏବଂ ସାର୍ବଜନୀନ ମତାମତ ବିନା ଏଭଳି ନିୟମ ଅଣା ଯାଇପାରିବ ନାହିଁ।

ରାଜ୍ୟଗୁଡ଼ିକ ମତରେ ଭିସା ନିୟମର ସର୍ବାଧିକ ପ୍ରଭାବ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଉପରେ ପଡ଼ିବ। ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ଡାକ୍ତରଖାନା ଗୁଡ଼ିକୁ ଭିସାରେ ଆଶ୍ୱସ୍ତି ମିଳୁଥିଲା। କିନ୍ତୁ ଏବେ ଶିକ୍ଷକ ଏବଂ ଡାକ୍ତର ଆଣିବାରେ ୯ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ଦ୍ୱାରା ସଂସ୍ଥାଗୁଡ଼ିକୁ ସେବା ହଟାଇବାକୁ ପଡ଼ିବ କିମ୍ବା ଅନ୍ୟ ଜରୁରୀ ଯୋଜନାରୁ ଖର୍ଚ୍ଚ କାଟ କରିବାକୁ ହେବ। ଆମେରିକା ଶିକ୍ଷା ବିଭାଗର ସଦ୍ୟ ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ଆମରିକାର ପ୍ରାୟ ୭୫ ପ୍ରତିଶତ ଜିଲ୍ଲା ସ୍କୁଲ୍‌ରେ ଶିକ୍ଷକ ଅଭାବ ରହିଛି। ବିଶେଷ କରି ସ୍ୱତନ୍ତ୍ର ଶିକ୍ଷା, ବିଜ୍ଞାନ ଏବଂ ଦ୍ୱିଭାଷୀ ଶିକ୍ଷକଙ୍କ ଘୋର ଅଭାବ ରହିଛି। ସେହିପରି ୨୦୨୪ରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଡାକ୍ତର ଏବଂ ନର୍ସଙ୍କୁ ୧୭ ହଜାର ଭିସା ଦିଆଯାଇଥିଲା।

# ପାରିବାରିକ କଳହରୁ ସ୍ୱାମୀଙ୍କୁ ହତ୍ୟା!

ଖଣ୍ଡପଡ଼ା, ୧୩।୧୨(ସମିସ): ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି ପଞ୍ଚାୟତ ଅନ୍ତର୍ଗତ ବାସୁଦେବପୁର (ପୁଆଣିଆଁ) ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ମୃତକ ହେଲେ, ଗ୍ରାମର ମଧୁସୂଦନ ମହାପାତ୍ରଙ୍କ ଏକମାତ୍ର ପୁଅ ବାପୁନି ମହାପାତ୍ର (୩୮)। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ବାପୁନିଙ୍କୁ ତାଙ୍କ ସ୍ତ୍ରୀ ଶଶିରେଖା ଓରଫ୍ ଲକି ହତ୍ୟା କରିଥିବା ନେଇ ବାପୁନିଙ୍କ ପରିବାରଲୋକ ଅଭିଯୋଗ କରିଛନ୍ତି। ପୁଲିସ ଶଶିରେଖାଙ୍କୁ ଅଟକ ରଖି ପଚରାଉଚରା କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ଉପରୁ ପରଦା ହଟିବ ବୋଲି ପୁଲିସ ଆଶାବାଦୀ ରହିଛି।



ସୂଚନାନୁଯାୟୀ, ଶଶିରେଖାଙ୍କୁ ବାପୁନି ୬ମାସ ତଳେ ପ୍ରେମ ବିବାହ କରିଥିଲେ। ପରିବାରଲୋକଙ୍କ କହିବା ଅନୁଯାୟୀ, ବିବାହ ପରଠାରୁ ବିଭିନ୍ନ ସମୟରେ ବାପୁନିଙ୍କୁ ସେ ମାନସିକ ଯନ୍ତ୍ରଣା ଦେବା ସହ ଧମକଚମକ ଦେବା ଯୋଗୁଁ ଘରେ ଅଶାନ୍ତି ଲାଗି ରହିଥିଲା। ଏପରିକି, ଏସବୁ କାର୍ଯ୍ୟରେ ଶଶିରେଖାଙ୍କ ବାପା ଏବଂ ଭିଣୋଇ ସହଯୋଗ ଓ ସାହସ ଦେଉଥିଲେ। ଏହାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ଦାମ୍ପତ୍ୟ ଜୀବନ ଖରାପ ହୋଇଯାଇଥିଲା। ବାପୁନିଙ୍କ ବାପା ମଧୁସୂଦନ ଏବଂ ମା' ବାସନ୍ତୀ ଶୁକ୍ରବାର ଏକ ଦଶାହ କାର୍ଯ୍ୟରେ ନିଜ ସମ୍ପର୍କୀୟ ଘରକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଶଶିରେଖା ଏବଂ ତାଙ୍କ ସମ୍ପର୍କୀୟ ମିଳିମିଶି ବିଳମ୍ବିତ ରାତିରେ ବାପୁନିଙ୍କୁ ହତ୍ୟା କରିଥିବା ତାଙ୍କ ପରିବାରଲୋକ



- ଗୁରୁତର ଅଭିଯୋଗ ଆଣିଲେ ପରିବାରଲୋକ
- ମହିଳାଙ୍କୁ ଅଟକ ରଖି ପୁଲିସର ପଚରାଉଚରା
- ହତ୍ୟାରେ ମହିଳାଙ୍କ ବାପା ଓ ଭିଣୋଇଙ୍କ ସଂପୃକ୍ତି ସନ୍ଦେହ

ଅଭିଯୋଗ କରିଛନ୍ତି। ମୃତ୍ୟୁର ରହସ୍ୟ ଜାଣିବା ପାଇଁ ଶଶିରେଖାଙ୍କୁ ଖଣ୍ଡପଡ଼ା ପୁଲିସ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଥିବା ତଦନ୍ତକାରୀ ଅଧିକାରୀ ତଥା ଡିଏସ୍‌ପି ନୀହାର ରଞ୍ଜନ ମହାନ୍ତି କହିଛନ୍ତି।

# ମହାନଦୀ ସଙ୍କଟର ସମାଧାନ କେବେ

## ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ସରକାର: ବିଜେଡି

ଭୁବନେଶ୍ୱର,୧୩।୧୨(ସମିସ): ମହାନଦୀ ହେଉଛି ଓଡିଶାର ଜୀବନ ସ୍ରୋତ। ଗତ କିଛି ଦଶନ୍ଧି ହେଲା ଓଡିଶାବାସୀଙ୍କ ମା' ସମାନ ମହାନଦୀର ଜୀବନସ୍ରୋତକୁ ସଂକୁଚିତ କରି ବିକଳାଙ୍ଗ କରିଦେବାର ହୀନ ଚକ୍ରାନ୍ତ ସମଗ୍ର ଓଡିଶାବାସୀଙ୍କ ପାଇଁ ବେଦନା ଦାୟକ ହୋଇପଡିଛି। ଏହାର ଆର୍ତ୍ତଚିତ୍କାର ନା କେନ୍ଦ୍ର ସରକାର ଶୁଣିପାରୁଛନ୍ତି ନା ଛତିଶଗଡ଼ ସରକାର। ଓଡ଼ିଶା ରାଜ୍ୟର ବିନା ସହମତିରେ ଆନ୍ତଃରାଜ୍ୟ ନଦୀ ଜଳ ସଂପର୍କିତ ସମସ୍ତ ବିଧିବିଧାନକୁ ବେଖାତିର କରି ଛତିଶଗଡ଼ ରାଜ୍ୟ ସରକାର ମହାନଦୀ ଉପରେ ଅତ୍ୟାଚାର କରୁଛନ୍ତି ଏବଂ କେନ୍ଦ୍ର ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ବୋଲି ବିଜେଡିର ବରିଷ୍ଠ ନେତା ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି।

ଶ୍ରୀ ଆଚାର୍ଯ୍ୟ ଆହୁରି କହିଛନ୍ତି, ମହାନଦୀ ଉପର ମୁଣ୍ଡରେ ବ୍ୟାରେଜ ପରେ ବ୍ୟାରେଜ ନିର୍ମାଣ କରି ମହାନଦୀର ଜଳସ୍ରୋତକୁ ମନଇଚ୍ଛା ନିଜ ଅଧୀନରେ ରଖି ଓଡିଶାରେ ମହାନଦୀର ଧାରାକୁ ଶୁଷ୍କ ଓ ନିରସ କରି ରଖିଥିବା ଛତିଶଗଡ଼ ସରକାରଙ୍କ ମନମୁଖି କାର୍ଯ୍ୟ ଓଡିଶାର ଦାରୁଣ କ୍ଷତି ଘଟାଉଛି। ପୂର୍ବତନ ରାଜ୍ୟ ସରକାରଙ୍କ ସକଳ ଅନୁରୋଧ ଓ ଆବେଦନ ଛତିଶଗଡ଼ ସରକାର ତ ଶୁଣିଲେ ନାହିଁ, କେନ୍ଦ୍ର ସରକାର ଓ କେନ୍ଦ୍ର ଜଳ ଆୟୋଗ ମଧ୍ୟ ନୀରବ ଦ୍ରଷ୍ଟା ସାଜିଲେ। ଜଳସେଚନର ଦ୍ୱାହି ଦେଇ ଛତିଶଗଡ଼ ସରକାର



ମହାନଦୀର ଉପର ମୁଣ୍ଡର କୂଳେ କୂଳେ ଅଗଣିତ ଘରୋଇ ଶିଳ୍ପମାନଙ୍କୁ ଅଜସ୍ର ଜଳ ପ୍ରଦାନ କରି ଓଡିଶାର ମହାନଦୀର ତଳ ମୁଣ୍ଡରେ ଜଳ ସଂକଟ ସୃଷ୍ଟି କଲେ। ଓଡ଼ିଶାରେ ଯେଉଁ ମହାନଦୀ ଦିନେ ବର୍ଷତମାମ୍ ଚଳଚଞ୍ଚଳ ଓ ଜଳ ପରିପୂର୍ଣ୍ଣ ରହୁଥିଲା, ତାହା ଆଜି ଶୁଷ୍କ ଓ ରୁଗ୍ଣ ହେବାକୁ ଯାଉଛି। ଏହି ପକ୍ରିୟା ଜାରି ରହିଲେ ହୀରାକୁଦ ଜଳଭଣ୍ଡାର ଦିନେ ଜଳଶୂନ୍ୟ ହେବ ଓ ଅନିଶ୍ଚିତ ସଂକଟ ଭିତରକୁ ଠେଲି ହୋଇଯିବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି, ବର୍ତ୍ତମାନ କେନ୍ଦ୍ର, ଛତିଶଗଡ଼ ଓ ଓଡିଶାରେ ଗୋଟିଏ ଦଳର ସରକାର ରହିଛି। ତେଣୁ ଏହି ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ଲୋକେ ଆଶା ରଖିଥିଲେ। କିନ୍ତୁ ତାହା ରାଜ୍ୟ ସରକାରଙ୍କ

- ଛତିଶଗଡ଼ ସରକାର ମହାନଦୀ ଉପରେ ଅତ୍ୟାଚାର କରୁଛନ୍ତି
- ରାଜ୍ୟ ସରକାରଙ୍କ କମିଟି ପରେ କମିଟି ଗଠନ; ଫଳ ଶୂନ୍

ଆନ୍ତରିକତାର ଅଭାବ ଯୋଗୁଁ 'ଆକାଶ କଇଁଆ ଚିଲିକା ମାଛ'ରେ ପରିଣତ ହୋଇଛି। ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାଜ୍ୟ ସରକାର କେବଳ କମିଟି ପରେ କମିଟି ଗଠନ କରୁଛନ୍ତି; କିନ୍ତୁ ଫଳ ଶୂନ୍। ମହାନଦୀ ଟ୍ରିବ୍ୟୁନାଲରେ ୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ମାମଲା ପଡ଼ି ରହିଥିଲେ ସୁଦ୍ଧା କେବଳ ତାରିଖ ପରେ ତାରିଖ ଗଡୁଛି। ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି; କିନ୍ତୁ ପ୍ରଗତି ଅତ୍ୟନ୍ତ ନୈରାଶ୍ୟଜନକ। ବର୍ତ୍ତମାନ ରାଜ୍ୟ ସରକାର ଆପୋଷ ସମାଧାନର ପ୍ରସ୍ତାବନା କରିଛନ୍ତି। ତେବେ ଆପୋଷ ସମାଧାନ ପାଇଁ ଆଲୋଚନାର ସର୍ତ୍ତାବଳୀ କ'ଣ କ'ଣ ରହିବ? ସରକାର ଟ୍ରିବ୍ୟୁନାଲରୁ ଓହରିଯିବେ କି? ରାଜ୍ୟ ସରକାର ଆପୋଷ ସମାଧାନକୁ ଯିବା ପୂର୍ବରୁ ରାଜ୍ୟର ସମସ୍ତ ପ୍ରମୁଖ ରାଜନୈତିକ ଦଳ ଓ ମହାନଦୀ ବଞ୍ଚାଅ ଆନ୍ଦୋଳନର ସଂଗଠନମାନଙ୍କୁ ବିଶ୍ୱାସକୁ ନେଇ ତାଙ୍କ ସହ ଆଲୋଚନା କରିବେ କି? ଛତିଶଗଡ଼ ସରକାର ଏବେ ସୁଦ୍ଧା ଚାଲୁ ରଖିଥିବା ମହାନଦୀ ଓ ତାର ଶାଖା ନଦୀମାନଙ୍କରେ ନିର୍ମାଣାଧୀନ ଆନିକଟ କାର୍ଯ୍ୟକୁ ଆପୋଷ ଆଲୋଚନାରେ ବନ୍ଦ କରିବେ କି? ମହାନଦୀ ଟ୍ରିବୁ୍ୟନାଲର ଦୈନନ୍ଦିନ କାର୍ଯ୍ୟ ବସ୍ତୁତ ବନ୍ଦ ରହିଥିବାରୁ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଟ୍ରିବ୍ୟୁନାଲ ନିକଟରେ ଆବେଦନ କରିବେ କି? ରାଜ୍ୟବାସୀ ଟ୍ରିପଲ୍ ଇଞ୍ଜିନ ସରକାରଙ୍କଠାରୁ ଏ ସମସ୍ତ ବିଷୟରେ ସ୍ପଷ୍ଟୀକରଣ ଆଶା ରଖିଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

# ମାଟି ତଳୁ 'ରାମୁ'ର କଙ୍କାଳ ଉଦ୍ଧାର

ଭୁବନେଶ୍ୱର, ୧୩।୧୨(ସମିସ): ଦୀର୍ଘ ୧୫ ମାସ ପରେ ମାଟି ତଳୁ ବାହାରିଲା ଚନ୍ଦକାର ଚର୍ଚ୍ଚିତ ହାତୀ 'ରାମୁ'ର କଙ୍କାଳ। ଭୁବନେଶ୍ୱର ଉପକଣ୍ଠ ଗୋଡ଼ିବାରି ପ୍ରକୃତି ନିବାସରେ ରାମୁର କଙ୍କାଳ ସଂରକ୍ଷିତ ହୋଇ ରହିବ। ଏହାର ପ୍ରଦର୍ଶନୀ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ବନ ବିଭାଗ ନିଷ୍ପତ୍ତି ନେଇଛି। ଏହାକୁ ଆଧାର କରି ଶନିବାରଠାରୁ ଭରତପୁରସ୍ଥିତ ଜଙ୍ଗଲରେ ପୋତା ହୋଇଥିବା ରାମୁର କଙ୍କାଳ ମାଟି ତଳୁ ଖୋଳି ବାହାର କରାଯାଇଛି।

- ୧୫ ମାସ ପରେ ଉଦ୍ଧାର ହେଲା
- ପ୍ରକୃତି ନିବାସରେ ପ୍ରଦର୍ଶିତ ହେବ

ପ୍ରାଣୀବିଜ୍ଞାନୀ ଡଃ ଶିବପ୍ରସାଦ ପରିଡ଼ାଙ୍କ ନେତୃତ୍ୱରେ ୨୫ଜଣିଆ ଏକ ବିଶେଷଜ୍ଞ ଟିମ ଏହି କାମରେ ନିୟୋଜିତ ଥିଲେ। ସକାଳୁ ଜେସିବି ଲଗାଇ ମାଟି ଖୋଳାଯିବା ପରେ ଉଦ୍ଧାରକାରୀ ଟିମ୍ ଅତି ସତର୍କତାର ସହ ପିପିଇ କିଟ୍, ମାସ୍କ, ଜୋତା ପିନ୍ଧି ଖାତରେ ପଶି ହାତୀର କଙ୍କାଳ ଉଦ୍ଧାର କରିଛନ୍ତି।

ସୂଚନା ଅନୁଯାୟୀ, ସନ୍ଧ୍ୟା ସୁଦ୍ଧା ହାତୀର ସମ୍ପୂର୍ଣ୍ଣ ଶରୀରକୁ ଉଦ୍ଧାର କରାଯାଇଥିବା ବେଳେ ଅଧିକାଂଶ ହାଡ଼ ଅକ୍ଷତ ରହିଛି। କିଛି ହାଡ଼ ଭାଙ୍ଗିଥିବା ବେଳେ ଗୋଟିଏ ଦୁଇଟି ହାଡ଼ ନଥିବା ଜଣାପଡ଼ିଛି। ଏହି କଙ୍କାଳଗୁଡ଼ିକୁ ଖରାରେ ଶୁଖାଯିବା ସହ ପର୍ଯ୍ୟାୟକ୍ରମେ କେମିକାଲ୍ ପେଣ୍ଟିଂ କରାଯିବ। ପରେ ତାହାକୁ ସମ୍ପୂର୍ଣ୍ଣ ହାତୀର ଆକୃତିରେ ଯୋଡ଼ାଯାଇ ପ୍ରଦର୍ଶନୀ ପାଇଁ ରହିବ।



ଉଲ୍ଲେଖଯୋଗ୍ୟ, ଚନ୍ଦକା-ଡମପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟର ସବୁଠୁ ବୟସ୍କ ଓ ବଡ଼ ଅଣ୍ଡିରା ହାତୀ ଭାବେ ରାମୁର ନିଆରା ପରିଚୟ ଥିଲା। ଗତବର୍ଷ ୨୦୨୪ ଅଗଷ୍ଟ ୧୯ ତାରିଖରେ ବିଦ୍ୟୁତ୍ ଆଘାତରେ ତା'ର ମୃତ୍ୟୁ ହୋଇଥିଲା। ରାମୁର କଙ୍କାଳକୁ ପ୍ରଦର୍ଶନୀ ପାଇଁ ପଦକ୍ଷେପ ନେବାକୁ ସ୍ନେକ୍ ହେଲ୍ପଲାଇନ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଚିଠି ଲେଖି ତତ୍‌କାଳୀନ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦଙ୍କୁ ଅନୁରୋଧ କରିଥିଲେ। ପରେ ଶ୍ରୀ ନନ୍ଦ ଏହି ପଦକ୍ଷେପ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ପରିଣାମସ୍ୱରୂପ, ରାମୁର ଦେହାବଶେଷକୁ କଢ଼ାଯାଇ ତାକୁ ପୁଣି ଲୋକଙ୍କ ସ୍ମୃତିରେ ଉଜ୍ଜୀବିତ ରଖିବାକୁ ବନବିଭାଗ ଯୋଜନା କରିଛି।

ଏହି ଉଦ୍ଧାରକାରୀ ଦଳରେ ଚନ୍ଦକା ରେଞ୍ଜର୍ ଧ୍ୟାନ ଟୁଡୁ, ଭୁବନେଶ୍ୱର ଏମ୍ସ ଫୋରେନ୍ସିକ ମେଡିସିନ୍ ବିଭାଗର ପ୍ରଫେସର୍ ଡାକ୍ତର ସୁଦୀପ୍ତ ରଞ୍ଜନ ସିଂହ, ଖୋର୍ଦ୍ଧା ଜିଲ୍ଲାର ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକଙ୍କ ସମେତ ୨୫ ଜଣ କର୍ମଚାରୀ ସାମିଲ ହୋଇଛନ୍ତି। ହାତୀ କଙ୍କାଳ ଖୋଳି ବାହାର କରିବା ପାଇଁ ସବୁ ଯନ୍ତ୍ରପାତି କିଣା ହୋଇଛି। ସ୍ୱାସ୍ଥ୍ୟ ସମସ୍ୟା ନ ଉପୁଜିବା ଲାଗି ସମସ୍ତଙ୍କୁ ସ୍ୱତନ୍ତ୍ର ସୁରକ୍ଷା କିଟ୍ ମଧ୍ୟ ଯୋଗାଇ ଦିଆଯାଇଛି।

■ ଏସ୍ଆଇ ଚାକିରି ବିକ୍ରି ମାମଲା

# ନିତୁ ଆରୋରାଙ୍କୁ ଗିରଫ କଲା ସିବିଆଇ

ଭୁବନେଶ୍ୱର,୧୩।୧୨(ସମିସ): ଏସ୍ଆଇ ଚାକିରି ବିକ୍ରି ମାମଲା ସିବିଆଇ ହାତକୁ ଆସିବା ପରେ ଖୋଲିବାରେ ଲାଗିଛି ରାଜ୍ୟ ବାହାର ଲିଙ୍କ୍। ଶନିବାର ରାଜ୍ୟ ବାହାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ସିବିଆଇ। ସେ ହେଲେ ନିତୁ ଆରୋରା। ଗୁଜୁରାଟରୁ ତାଙ୍କୁ ଗିରଫ କରାଯାଇଛି ବୋଲି ସିବିଆଇ ପକ୍ଷରୁ ସୂଚନା ମିଳିଛି। ଗିରଫ କରାଯିବା ପରେ ତାଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ସିବିଆଇକୁ ଦୁଇ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡର ଅନୁମତି ପ୍ରଦାନ କରିଛନ୍ତି। ଏହି ସମୟ ମଧ୍ୟରେ ଭୁବନେଶ୍ୱର ଅଣାଯାଉଛି। ଭୁବନେଶ୍ୱର ଆଣାଯିବା ପରେ ନିତୁଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯିବ। ପୂର୍ବରୁ ନିତେଶ ନାମକ ଯୁବକଙ୍କୁ ସିବିଆଇ ବିହାରରୁ ଗିରଫ କରିଥିଲା। ସିବିଆଇ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ନିତୁ କ୍ରାଇମ୍ ସିଣ୍ଡିକେଟ୍‌କୁ ରାଜ୍ୟବାହାରେ ଲଜିଷ୍ଟିକ୍ ସପୋର୍ଟ୍ ପ୍ରଦାନ କରୁଥିଲେ। ରାଜ୍ୟ ବାହାରେ ସିଣ୍ଡିକେଟ୍ କିଭଳି କାମ କରିପାରିବ। ଟ୍ରେନିଂ ପାଇଁ ଆସୁଥିବା ଲୋକଙ୍କୁ କେଉଁଠି ରଖାଯିବ। ଏସବୁକୁ ନିତୁ ହିଁ ବୁଝୁଥିଲେ। ଏହା ବ୍ୟତୀତ ସିଲିକନ୍ ମୁଖ୍ୟ ସୁରେଶ ନାୟକଙ୍କ ସେ ହେଉଛନ୍ତି ଅତି ନିକଟତର ବୋଲି ଚର୍ଚ୍ଚା ହେଉଛି। ସୁରେଶଙ୍କ ସହ ତାଙ୍କର ବହୁ ସମୟରେ କଥାବର୍ତ୍ତା କରିଥିବା ନେଇ ସିବିଆଇକୁ ପ୍ରମାଣ ମିଳିଛି।

## ସ୍ୱପ୍ନ ପାଲଟିବ ସହରାଞ୍ଚଳ ଜମି କିଣା

# ବର୍ଷକୁ ୫ ପ୍ରତିଶତ ବଢ଼ିବ ବେଞ୍ଚମାର୍କ ମୂଲ୍ୟ

ଭୁବନେଶ୍ୱର,୧୩।୧୨(ସମିସ): ରାଜ୍ୟର ସହରାଞ୍ଚଳଗୁଡ଼ିକରେ ଜମିର ବେଞ୍ଚମାର୍କ ମୂଲ୍ୟ ପ୍ରତିବର୍ଷ ୫ ପ୍ରତିଶତ ବୃଦ୍ଧି ପାଇବ। ପୂର୍ବରୁ ସର୍ବୋଚ୍ଚ ନିଲାମ ମୂଲ୍ୟକୁ ଭିତ୍ତି କରି ଦର ଧାର୍ଯ୍ୟ କରାଯାଉଥିବା ବେଳେ ଏବେ ସେହି ଅଞ୍ଚଳର 'ହାରାହାରି ନିଲାମ ମୂଲ୍ୟ'କୁ ବେଞ୍ଚମାର୍କ ଭାଲ୍ୟୁ ଭାବେ ଗ୍ରହଣ କରାଯିବ। ଏହାସହ, ଏଣିକି ଏପ୍ରିଲ ୧ ତାରିଖରୁ ପ୍ରତି ଦୁଇବର୍ଷରେ ଥରେ ବେଞ୍ଚମାର୍କ ଭାଲ୍ୟୁ ସଂଶୋଧନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଓଡ଼ିଶା ଷ୍ଟାମ୍ପ ନିୟମ, ୧୯୫୨କୁ ସଂଶୋଧନ କରି ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହାକୁ ଓଡ଼ିଶା ଷ୍ଟାମ୍ପ (ସଂଶୋଧନ) ନିୟମ, ୨୦୨୫ ଭାବେ ନାମିତ କାରଯାଇଛି। ଗେଜେଟ୍‌ରେ ପ୍ରକାଶିତ ହେବା ଦିନଠାରୁ ଏହା କାର୍ଯ୍ୟକାରୀ ହେବ ବୋଲି ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି, ସହରାଞ୍ଚଳରେ ସଂଶୋଧନର ପ୍ରଥମ ବର୍ଷ ପରେ ସ୍ଥାବର ସମ୍ପତ୍ତିର ମୂଲ୍ୟରେ ସ୍ୱୟଂଚାଳିତ ଭାବେ ୫ ପ୍ରତିଶତ ବୃଦ୍ଧି ପାଇବ। ଏହି ସଂଶୋଧିତ ବିଜ୍ଞପ୍ତିର ନିୟମ-୪୦(୨) ଅନୁସାରେ, ଯଦି ଜିଲ୍ଲାସ୍ତରୀୟ କମିଟି ନିର୍ଦ୍ଧାରିତ ସମୟ ଦୁଇବର୍ଷ ମଧ୍ୟରେ ଜମିର ବେଞ୍ଚମାର୍କ ଭାଲ୍ୟୁ ସଂଶୋଧନ କରିବାରେ ବିଫଳ ହୁଅନ୍ତି, ତା'ହେଲେ ଜିଲ୍ଲାପାଳ ସିଧାସଳଖ ପୂର୍ବଦରରେ ୧୦ପ୍ରତିଶତ ବୃଦ୍ଧି କରିପାରିବେ। ଅନ୍ୟପଟେ ଏଥିରେ ଗ୍ରାମାଞ୍ଚଳର କୃଷି ଜମିର ବର୍ଗୀକରଣ ତାଲିକାରେ ଜମିକୁ ରାସ୍ତାକଡ଼ ଓ ଗାଁ ଭିତରର ଜମି ଭାବରେ ଅଲଗା କରାଯାଇଛି। ଜାତୀୟ ଓ ରାଜ୍ୟ ରାଜପଥ କଡ଼ରେ ଥିବା ଜମିକୁ ରାସ୍ତାଠାରୁ ଦୂରତା ଅନୁସାରେ ମଧ୍ୟ ଦୁଇଟି ଭାଗରେ ବଣ୍ଟାଯାଇଛି। ଜୋନ୍-୧ରେ ରାସ୍ତାଠାରୁ ୫୦ ମିଟର ପର୍ଯ୍ୟନ୍ତ ଜମିକୁ ରଖାଯାଇଥିବା ବେଳେ ଜୋନ୍-୨ରେ ରାସ୍ତାଠାରୁ ୫୦ରୁ ୨୦୦ ମିଟର ପର୍ଯ୍ୟନ୍ତ ଜମିଗୁଡ଼ିକ ରହିଛି। ଏଥିରେ ଜଳସେଚିତ ଓ ଅଣ-ଜଳସେଚିତ ଜମିକୁ ଦୋଫସଲି, ଏକଫସଲି କିମ୍ବା ପଡ଼ିଆ ଜମି ଭାବେ ରେକର୍ଡ କରିବାର ବ୍ୟବସ୍ଥା ରହିଛି।

ଏହାବ୍ୟତୀତ, ଘର ଓ କୋଠାବାଡ଼ିର ମୂଲ୍ୟାୟନ ପାଇଁ ମଧ୍ୟ ନିୟମରେ ଦୃଷ୍ଟି ଦିଆଯାଇଛି। ବିଜ୍ଞପ୍ତିରେ ଦର୍ଶାଯାଇଥିବା ନିୟମ ୪୨ର ସଂଶୋଧନ ଅନୁସାରେ ଏଣିକି ଗୃହ ନିର୍ମାଣ କେଉଁସ୍ତରରେ ପହଞ୍ଚିଛି ଓ ଘର ତିଆରିରେ ବ୍ୟବୃହତ ସାମଗ୍ରୀ ଯଥା ଆଜବେଷ୍ଟସ୍, ଟିଣ, କଂକ୍ରିଟ୍, ଛାତ ଆଦି ଦେଖି ମୂଲ୍ୟାୟନ କରାଯିବାର ବ୍ୟବସ୍ଥା କରାଯାଇଛି। ବେଞ୍ଚମାର୍କ ଭାଲ୍ୟୁରେ ପ୍ରତିବର୍ଷ ସ୍ୱୟଂଚାଳିତ ଭାବେ ୫ ପ୍ରତିଶତ ବୃଦ୍ଧି ଓ ଅଫିସରଙ୍କ ବିଫଳତା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ୧୦ ପ୍ରତିଶତ ବୃଦ୍ଧି ବ୍ୟବସ୍ଥା ସରକାରଙ୍କ ପାଇଁ ରାଜସ୍ୱ ବୃଦ୍ଧିର ବାଟ ଖୋଲିଥିଲେ ମଧ୍ୟ ଏହା ଜନସାଧାରଣଙ୍କ ପାଇଁ ଆର୍ଥିକ ବୋଝ ପାଲଟିବାର ଆଶଙ୍କା ସୃଷ୍ଟି କରିଛି। ବିଶେଷକରି ଯେଉଁମାନେ ଭୁବନେଶ୍ୱର, କଟକ, ପୁରୀ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁର ଭଳି ଯେକୌଣସି ସହରାଞ୍ଚଳରେ ଜମି ଓ ଘର କିଣିବା ସ୍ୱପ୍ନ ଦେଖୁଛନ୍ତି, ସେମାନଙ୍କ ପାଇଁ ଆଗକୁ ବଡ଼ ପରିମାଣର ଅର୍ଥ ସରକାରଙ୍କୁ ଦେବା ଏକପ୍ରକାର ନିଶ୍ଚିତ ହୋଇଛି।

# ମନ୍ତ୍ରୀ, ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧି ରାଜ୍ୟ ରାଜକୋଷକୁ ଦୁର୍ବଳ କରିବ: ଯୁବ କଂଗ୍ରେସ

ଭୁବନେଶ୍ୱର,୧୩।୧୨(ସମିସ): ରାଜ୍ୟର ବହୁ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଯୁବପିଢ଼ି ଅତି ନଗଣ୍ୟ ଦରମାରେ କାର୍ଯ୍ୟ କରୁଛନ୍ତି। ଆଉଟ୍‌ସୋର୍ସିଂ ସଂସ୍ଥା ମାଧ୍ୟମରେ ରାଜ୍ୟର ସଚିବାଳୟଠାରୁ ଶୌଚାଳୟ କାର୍ଯ୍ୟ ଚାଲିଛି। କୃଷି ଅର୍ଥନୀତି ଉପରେ ନିର୍ଭର କରୁଥିବା ଆମ ରାଜ୍ୟର ହେଉଛି, ବର୍ତ୍ତମାନ ସର୍ବାଧିକ ମାତ୍ର ୫୦୦ ଟଙ୍କାରେ ଅନ୍‌ଲିମିଟେଡ୍ କଲ୍ ଓ ଇଣ୍ଟରନେଟ୍ ସୁବିଧା ଉପଲବ୍ଧ ଥିବାବେଳେ ଏ ବାବଦରେ ୧୫୦୦୦ ଟଙ୍କା ଖର୍ଚ୍ଚ ବରାଦ କରାଯାଇଛି। ରାଜ୍ୟ ରାଜକୋଷରେ ଅର୍ଥ ଅଭାବ ଯୋଗୁଁ ହଜାର ହଜାର ଯୁବକ ଯୁବତୀ ଆଜି ଆଉଟ୍‌ସୋର୍ସିଂ ସଂସ୍ଥା ମାଧ୍ୟମରେ ସ୍ୱଳ୍ପ



## ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ସ୍ୱାର୍ଥ ଭୁଲି ବିଧାୟକଙ୍କ ୩ ଗୁଣା ଦରମା ବୃଦ୍ଧି ନିନ୍ଦନୀୟ

ଦରମାରେ କାର୍ଯ୍ୟ କରୁଛନ୍ତି। ଏହାସହ ବହୁ ସରକାରୀ ପଦବୀ ବର୍ତ୍ତମାନ କୃଷକମାନଙ୍କ ଅବସ୍ଥା ମଧ୍ୟ ଦୟନୀୟ। ଏପରି ସ୍ଥିତିରେ ରାଜ୍ୟର ଜନପ୍ରତିନିଧି ବିଶେଷକରି ମନ୍ତ୍ରୀ, ବିଧାୟକମାନଙ୍କୁ ନୂଆବର୍ଷ ଭେଟି ଭାବରେ ତିନିଗୁଣା ଦରମା ବୃଦ୍ଧି ସହିତ ପେନ୍‌ସନ୍ ବାବଦରେ ଲକ୍ଷାଧିକ ଟଙ୍କା ବରାଦ କରିବା ସମଗ୍ର ଦେଶରେ ରାଜ୍ୟକୁ ନିନ୍ଦିତ କରିଛି ବୋଲି ରାଜ୍ୟ ଯୁବ କଂଗ୍ରେସର ପୂର୍ବତନ ସଭାପତି ତଥା ସର୍ବଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡଃ ସ୍ମୃତିରଞ୍ଜନ ଲେଙ୍କା କହିଛନ୍ତି।

ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ଡଃ ଲେଙ୍କା କହିଛନ୍ତି, ଲୋକତନ୍ତ୍ରରେ ଜନତା ହେଉଛନ୍ତି ଜନାର୍ଦ୍ଦନ। ଜନପ୍ରତିନିଧିମାନେ ସେମାନଙ୍କ ସେବା ପାଇଁ ରହିଥା'ନ୍ତି। କିନ୍ତୁ ଜନତାଙ୍କ ପ୍ରତିନିଧି ଭାବେ ଜନ ସେବା ପାଇଁ ନିର୍ବାଚିତ ହେଉଥିବା ପ୍ରତିନିଧିମାନେ ଜନତାଙ୍କ କଷ୍ଟ ଉପାର୍ଜିତ ଅର୍ଥରେ ନିଜର ଦରମା ତିନିଗୁଣ ବୃଦ୍ଧି କରି ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କରିବା ନିମନ୍ତେ ବିଧେୟକ ପାରିତ କରିଛନ୍ତି। ବଡ଼ କଥା ଖାଲିପଡିଥିବାବେଳେ ଏନେଇ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରାଯାଉନାହିଁ। ଫଳରେ ରାଜ୍ୟର ବହୁ ମେଧାବି ଛାତ୍ରଛାତ୍ରୀଙ୍କ ବୟସ ସୀମା ଅତିକ୍ରାନ୍ତ କରିଯିବ ସିନା, ସେମାନେ ନିଯୁକ୍ତି ପାଇପାରିବେ ନାହିଁ ବୋଲି ଡଃ ଲେଙ୍କା ଅଭିଯୋଗ କରିଛନ୍ତି।

ରାଜ୍ୟରେ ବେକାରୀ ସମସ୍ୟା ବୃଦ୍ଧି ପାଉଥିବାବେଳେ ଜନସାଧାରଣଙ୍କ ଆର୍ଥିକ ମାନଦଣ୍ଡରେ ସୁଧାର ଆସିପାରୁ ନାହିଁ। ଏ ପରିସ୍ଥିତିରେ ଜନପ୍ରତିନିଧିମାନେ ରାଜ୍ୟ ରାଜକୋଷରୁ ସିଂହଭାଗ ଅର୍ଥ ନେବା ନିଶ୍ଚିତ ଭାବେ ରାଜ୍ୟର ଅର୍ଥନୈତିକ ସ୍ଥିତିକୁ ଆହୁରି ଦୁର୍ବଳ କରିଦେବ। ତେଣୁ ଜନପ୍ରତିନିଧିମାନଙ୍କ ଏହି ଅହେତୁକ ଦରମା ବୃଦ୍ଧି ପ୍ରତ୍ୟାହାର ଓ ରାଜ୍ୟରେ ଆଉଟ୍ ସୋର୍ସିଂ ସଂସ୍ଥାମାନଙ୍କ ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ଦାବିରେ ଖୁବ୍‌ଶୀଘ୍ର ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ଡଃ ଲେଙ୍କା କହିଛନ୍ତି।

**ନାବାଳକଙ୍କୁ ହତ୍ୟା ଘଟଣା**

# ଜାଳିଦେଲେ ଅଭିଯୁକ୍ତ ମହିଳାଙ୍କ ଘର

 କବିସୂର୍ଯ୍ୟନଗର,୧୩।୧୨(ସମିସ): କବିସୂର୍ଯ୍ୟନଗର ଥାନା ଅଧୀନ ସାମନ୍ତରାପୁର ଗାଁରେ ଗତ ବୁଧବାର ଜଣେ ନାବାଳକଙ୍କ ମୃତଦେହ ତାଙ୍କ ଆଇ ଘର ବାଡ଼ିପଟୁ ଉଦ୍ଧାର ହୋଇଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହେବା ପରେ ପୁଲିସ ଗତକାଲି ପଡ଼ୋଶୀ ସୋନାଲି ସ୍ୱାଇଁଙ୍କୁ ଗିରଫ କରିଥିଲା। ଆଜି ଉତ୍ତ୍ୟକ୍ତ ଗ୍ରାମବାସୀ ଗିରଫ ମହିଳାଙ୍କ ଘରେ ନିଆଁ ଲଗାଇବା ସହ ଭଙ୍ଗାରୁଜା କରିଛନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରିବା ସହ ଆଉ ଏକ ମାମଲା ରୁଜୁ କରିଛି। ପାଖାପାଖି ବର୍ଷେ ତଳେ ସୋନାଲିଙ୍କର ୧୦ ବର୍ଷର ପୁଅର ଅକାଳ ମୃତ୍ୟୁ ଘଟିଥିଲା। ଏହାକୁ ସୋନାଲି ସହଜରେ ଗ୍ରହଣ କରିପାରିନଥିଲେ। ପୁଅ ମୃତ୍ୟୁ ପଛରେ ଷଡ଼ଯନ୍ତ୍ର ରହିଥିବା ସେ ସନ୍ଦେହ କରିଥିଲେ। ତେଣୁ, ମୃତ୍ୟୁର ରହସ୍ୟ ଜାଣିବା ପାଇଁ ବହୁ ଗୁଣିଆଙ୍କ ନିକଟକୁ ଯାଇଥିଲେ। ପଡ଼ୋଶୀ ସନିଆ ଭୂୟାଁଙ୍କ ପରିବାରଲୋକ ଗୁଣି କରି ତାଙ୍କ ପୁଅକୁ ମାରିଦେଇଥିବା ଜଣେ ଗୁଣିଆ କହିବା ପରେ ସୋନାଲି ପ୍ରତିଶୋଧ ପରାୟଣ ହୋଇଯାଇଥିଲେ। ସେବେଠାରୁ ସେ ସୁଯୋଗ ଅପେକ୍ଷାରେ ରହିଥିଲେ। ଗତ ୧୦ତାରିଖ ଦିନ ସନିଆଙ୍କ ଘରକୁ ତାଙ୍କ ନାତି ଶେରଗଡ଼ ବ୍ଲକ୍ ଖମାର ଗ୍ରାମର ଆଦିତ୍ୟ ଜେନା (୯) ବୁଲି ଆସିଥିଲେ। ପୁଅମୃତ୍ୟୁର ପ୍ରତିଶୋଧ ନେବାକୁ ସୋନାଲି ଏହାକୁ ମୌକା ବୋଲି ଭାବି ନେଇଥିଲେ। ଆଦିତ୍ୟଙ୍କୁ ହତ୍ୟା କରିବାକୁ ସେ ଯୋଜନା କରିଥିଲେ। ବୁଧବାର ଦିନ ସେ ଆଦିତ୍ୟକୁ ନିଜ ଘରକୁ ଡାକି ତା'ର ତଣ୍ଟି ଚିପି ହତ୍ୟା କରିଥିଲେ। ପରେ ବାଡ଼ିପଟେ ଶବକୁ ପକାଇ ଦେଇଥିଲେ।



**ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ପ୍ରସଙ୍ଗ**

# ପୂର୍ବରୁ ହେଉଥିଲା; ଏବେ ଅସୁବିଧା କେଉଁଠି?

ପୁରୀ, ୧୩।୧୨(ସମିସ): ପୁରୀ ସହରବାସୀଙ୍କ ନିମନ୍ତେ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଲାଗି ଦାବି ହୋଇଆସୁଛି। ଏହି ଦାବିର ବି ପ୍ରାସଙ୍ଗିକତା ରହିଛି। ସବୁ ସମୟରେ ପ୍ରଶାସନର ନିଷ୍ପତ୍ତିକୁ ସମ୍ମାନ ଦେଇ ଆସିଛନ୍ତି ପୁରୀବାସୀ। ଭକ୍ତ, ପର୍ଯ୍ୟଟକଙ୍କ ସୁବିଧା ପାଇଁ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ 'ଅତିଥି ଦେବୋ ଭବ' ନୀତିକୁ ଆପଣାଇ ପ୍ରଶାସନର ସବୁ କଟକଣାକୁ ମାନି ନେଉଛନ୍ତି। କିନ୍ତୁ ଏବେ ଶ୍ରୀମନ୍ଦିର ପ୍ରବେଶ ପାଇଁ ଯେଉଁ କଟକଣା କରାଯାଇଛି, ତାହା ବିଶେଷକରି ପୁରୀବାସୀଙ୍କୁ ଅଧିକ କଷ୍ଟ ଦେଉଛି। ତେଣୁ ସେମାନଙ୍କ ମନ୍ଦିର ପ୍ରବେଶ ଏବଂ ଦର୍ଶନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି ହୋଇଆସୁଛି। ଏଥିପାଇଁ ଗଠିତ ମଞ୍ଚ ବି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚି ସେମାନଙ୍କ ଦାବିର ପ୍ରାସଙ୍ଗିକତା ଜଣାଇସାରିଛନ୍ତି। ହେଲେ ଏପର୍ଯ୍ୟନ୍ତ କୌଣସି ନିଷ୍କର୍ଷ ବାହାରିପାରିନାହିଁ। ଏହାର ସମାଧାନର ବାଟ ଅସମ୍ଭବ ବି ନୁହେଁ। ପୂର୍ବରୁ ପୁରୀ ସହରବାସୀଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ଥିଲା। ନିଜର ପରିଚୟପତ୍ର ଦେଖାଇ ପଶ୍ଚିମଦ୍ୱାର ଦେଇ ସେମାନେ ମନ୍ଦିରକୁ ପ୍ରବେଶ କରୁଥିଲେ। ହେଲେ ବର୍ତ୍ତମାନ ଏହି ସୁବିଧା କରିବାରେ ଅସୁବିଧା କେଉଁଠି ବୋଲି ବୁଦ୍ଧିଜୀବୀମହଲ ପ୍ରଶ୍ନ ଉଠାଇଛନ୍ତି। ପ୍ରଶାସନ ଏବଂ ସରକାରଙ୍କ ଇଚ୍ଛାଶକ୍ତି ରହିଲେ ପୁରୀବାସୀଙ୍କ ଦାବି ପୂରଣ ହୋଇପାରିବ ବୋଲି ସେମାନେ କହିଛନ୍ତି।

ସମୟ ଥିଲା, ପୁରୀ ସହରବାସୀ ଦିନକୁ ଏକାଧିକଥର ମନ୍ଦିରକୁ ଯାଉଥିଲେ। ମଙ୍ଗଳଆଳତି ହେଉ କି ସନ୍ଧ୍ୟା ଆଳତି ଅବା ଚନ୍ଦନଲାଗି,



ବଡ଼ସିଂହାର ବେଶ ଦେଖୁଥିଲେ। ପୁଣି ମନ ହେଲେ, ଆନନ୍ଦବଜାରକୁ ଯାଇ ଅବଢ଼ା ଖାଇ ପରିବାର ପାଇଁ ଧରି ଆସୁଥିଲେ। ହେଲେ କିଛି ବର୍ଷ ହେବ ଏଭଳି ଚିତ୍ର ଆଉ ଦେଖିବାକୁ ମିଳୁନି। ପୂର୍ବଭଳି ଆଉ ଶ୍ରୀମନ୍ଦିରକୁ ଯାଉନାହାନ୍ତି। ପ୍ରଶାସନିକ କଟକଣା ଯୋଗୁଁ ଏକପ୍ରକାର ରୁଦ୍ଧି ହୋଇଯାଇଛନ୍ତି।

ପୁରୀ ବାସିନ୍ଦାଙ୍କ ଦୈନନ୍ଦିନ ଜୀବନରେ ମହାପ୍ରଭୁ ହେଉଛନ୍ତି ସ୍ୱତନ୍ତ୍ର। ସେମାନଙ୍କ ପାଇଁ ଶ୍ରୀମନ୍ଦିର ହେଉଛି ଗାଁ ମନ୍ଦିର ଆଉ ଶ୍ରୀଜଗନ୍ନାଥ ହେଉଛନ୍ତି ଗ୍ରାମ ଦେବତା। ଶ୍ରୀମନ୍ଦିର ପୁରୀ ଅଧିବାସୀଙ୍କ ଶୁଭ-ଅଶୁଭ କାର୍ଯ୍ୟ ଓ ଷୋହଳ ସଂସ୍କାର ସହ ଓତପ୍ରୋତ ଭାବେ ଜଡ଼ିତ। ଶହଶହ ବର୍ଷ ଧରି ଶ୍ରୀମନ୍ଦିରକୁ ଅବାଧରେ ଯା'ଆସ କରିବା ପରେ

- ଜିଲ୍ଲାପାଳଙ୍କଠୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚିଲାଣି ଦାବି
- ବାହାରିପାରୁନି ନିଷ୍କର୍ଷ

ଏବେ ସେମାନଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଘରର ବରିଷ୍ଠ ନାଗରିକଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ସତେ ଯେମିତ ସ୍ୱପ୍ନ ପାଲଟିଯାଇଛି। ମନ୍ଦିର ଯିବାକୁ ହେଲେ ସେମାନଙ୍କୁ ଭାବିବାକୁ ପଡୁଛି। ତେଣୁ ମନ୍ଦିରକୁ କିପରି ସହଜରେ ପ୍ରବେଶ ଏବଂ ଦର୍ଶନ କରିବେ, ସେନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରି ଆସୁଛନ୍ତି।

ଏହି ଦାବି ବିଧାନସଭାଠାରୁ ଆରମ୍ଭ କରି ରାଜ୍ୟସଭାରେ ବି ଉଠିଛି। ବିଧାନସଭାରେ ପୁରୀ ବିଧାୟକ ସୁନୀଲକୁମାର ମହାନ୍ତି ଏବଂ ରାଜ୍ୟସଭାରେ ସାଂସଦ ଶୁଭାଶିଷ ଖୁଣ୍ଟିଆ ଏହି ପ୍ରସଙ୍ଗ ଉଠାଇଛନ୍ତି। ପ୍ରାୟ ୨ମାସରୁ ଊର୍ଦ୍ଧ୍ୱ ହେବ, ବିଭିନ୍ନ ଫୋରମ୍‌ରେ ସେମାନଙ୍କ ଦାବି ଉଠାଇବା ସହ ସମୂହ ଦୀପଦାନ, ନିରବ ପ୍ରତିବାଦ କରି ଆସୁଛନ୍ତି ପୁରୀବାସୀ। ଏପିରକି, ଏଥିପାଇଁ ଗଠିତ ମଞ୍ଚର ପ୍ରତିନିଧି ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଛନ୍ତି। ସେମାନେ କାହିଁକି ଏହି ଦାବି କରିଆସୁଛନ୍ତି, ସେ ବିଷୟରେ ବି ଅବଗତ କରାଇଛନ୍ତି। ହେଲେ ଏଯାଏ ଏହାର ବାଟ ଫିଟିପାରିନାହିଁ।

ଶୁକ୍ରବାର ଛତିଶାନିଯୋଗ ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଥିଲେ, ଏଥିପାଇଁ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ମାଧ୍ୟମରେ ପ୍ରସ୍ତାବ ମଗାଯାଇଛି। ସେମାନେ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରି ଯାହା ପ୍ରସ୍ତାବ ଦେବେ, ତାହା ପରିଚାଳନା କମିଟିରେ ଉପସ୍ଥାପନ କରାଯିବ। ତେବେ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇବା ପରେ ଏବେ ଏହି ଅଭିଯାନରେ ସାମିଲ ସହରବାସୀ ଏକପ୍ରକାର ହତାଶବୋଧ ଭିତରକୁ ଠେଲି ହୋଇଯାଇଛନ୍ତି। କିନ୍ତୁ, ସମସ୍ତଙ୍କ ମନରେ ଗୋଟିଏ କଥା; ଯଦି ପୂର୍ବରୁ ପୁରୀ ସହରବାସୀ ପଶ୍ଚିମଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିପାରୁଥିଲେ, ଏବେ କାହିଁକି ନୁହେଁ?

# ସ୍କୁଲ ଯାଉଥିବାବେଳେ ଟଳିପଡ଼ିଲେ ଛାତ୍ର



**ମସ୍ତିଷ୍କ ମ୍ୟାଲେରିଆରେ ଆକ୍ରାନ୍ତ ଥିଲେ**

**ଦିଗପହଣ୍ଡି,୧୩।୧୨(ସମିସ):** ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଠ ଗ୍ରାମ ସ୍ଥିତ ରାଧାମୋହନ ନୋଡ଼ାଲ ବିଦ୍ୟାପୀଠର ୭ମ ଶ୍ରେଣୀ ଛାତ୍ର ଆକାଶ କୁମାର ଗୌଡ଼(୧୨) ଶୁକ୍ରବାର ସ୍କୁଲ ଯାଉଥିବା ବେଳେ ବାଟରେ ଟଳି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ପରେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏଭଳି ଦୁଃଖଦ ଘଟଣା ଘଟିଥିବାବେଳେ ପୁଲିସ ଆସି ତଦନ୍ତ କରିବ ଓ ବ୍ୟବଚ୍ଛେଦ ପାଇଁ ଘରୋଇ ଆମ୍ବୁଲାନ୍ସରେ ନେଲେ ଟଙ୍କା ଖର୍ଚ୍ଚ କରିବାକୁ ହେବ ଭାବି ପରିବାର ଲୋକେ ଆକାଶଙ୍କ ମୃତଦେହକୁ ଘରକୁ ନେଇ ମଧ୍ୟାହ୍ନରେ ଗାଁ ଶ୍ମଶାନରେ ଶେଷକୃତ୍ୟ କରିଦେଇଥିଲେ। ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଏନେଇ ଦିଗପହଣ୍ଡି ବିଡ଼ିଓ ଅନାମିକା ପାଣ୍ଡେ ଏବଂ ବ୍ଲକ ଶିକ୍ଷାଧିକାରୀ ଡ଼. ଶଙ୍କର ନାରାୟଣ ବେଜଙ୍କୁ ଜଣାଇବା ପରେ ସ୍କୁଲରେ ତାଙ୍କ ସ୍ମୃତିରେ ଶୋକସଭା କରାଯାଇଥିଲା। ପରେ ଆକାଶଙ୍କ ଶ୍ରେଣୀ ଶିକ୍ଷକ ଲାବଣ୍ୟ ସାହୁ ଏବଂ ଶିକ୍ଷୟିତ୍ରୀ ସୁରଭି ନାୟକ ତାଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ।

ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏଭଳି ଦୁଃଖଦ ଘଟଣା ଘଟିଥିଲା। ନିମଖଣ୍ଡିପେଣ୍ଠ ଗ୍ରାମ ଚୈତନ୍ୟ ନିତ୍ୟାନନ୍ଦ ମଠ ସାହିର ସୀମାଞ୍ଚଳ ଗୌଡ଼ଙ୍କ ଏକମାତ୍ର ପୁଅ ଆକାଶ ଗତ କିଛିଦିନ ହେଲା ମସ୍ତିଷ୍କ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ସାମାନ୍ୟ ସୁସ୍ଥ ଅନୁଭବ କରିବାରୁ ଶୁକ୍ରବାର ସକାଳେ ବହିବସ୍ତାନି ଧରି ସ୍କୁଲ ବାହାରିଥିଲେ। ସ୍କୁଲରେ ପହଞ୍ଚିବା ପୂର୍ବରୁ ସେ ବଡ଼ସାହି ଚାରିଛକ ରାସ୍ତାରେ ଟଳି ପଡ଼ିଥିଲେ। ଆକାଶଙ୍କ ବାପା ସୀମାଞ୍ଚଳ ଜଣେ ଗରିବ ବ୍ୟକ୍ତି ଓ ମୂଲମଜୁରୀ ଲାଗି ପରିବାର ଚଳାନ୍ତି। ସ୍ତ୍ରୀ ଏବଂ ଗୋଟିଏ ପୁଅ ଓ ଗୋଟିଏ ଝିଅଙ୍କୁ ନେଇ ତାଙ୍କ ପରିବାର। ବିବାହ ଉପଯୁକ୍ତ ବୟସ ହୋଇଥିଲେ ମଧ୍ୟ ଆବଶ୍ୟକ ଅର୍ଥ ଅଭାବରୁ ଝିଅକୁ ବିବାହ ଦେଇ ପାରିନାହାନ୍ତି। ପୁଅ ଆକାଶଙ୍କ ଆକସ୍ମିକ ମୃତ୍ୟୁ ପରେ ମା'ବାପା ଓ ଭଉଣୀ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି। କାଲିଠାରୁ ସେମାନେ ଖିଆପିଆ ଛାଡ଼ି ଦେଇଛନ୍ତି। କେବଳ ବାହୁନି ବାହୁନି କାନ୍ଦୁଛନ୍ତି। ଅନ୍ୟପକ୍ଷରେ ହାଇସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀଙ୍କ ପକ୍ଷରୁ ତାଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଓ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ମୃତ ଛାତ୍ରଙ୍କ ପରିବାର ଲୋକଙ୍କୁ ଅନୁକମ୍ପା ମୂଳକ ସହାୟତା ରାଶି ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଗଞ୍ଜାମରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ: ୧୫,୪୯୩ ମାମଲାର ସମାଧାନ

# ୧୪.୫୯ କୋଟି କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

**ବ୍ରହ୍ମପୁର,୧୩।୧୨(ସମିସ)**





ଜାତୀୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶପ୍ରକାରେ ଓ ରାଜ୍ୟ ଆଇନସେବା ପ୍ରାଧିକରଣ ସହଯୋଗରେ ବ୍ରହ୍ମପୁର ସ୍ଥିତ ଜିଲ୍ଲା ଅଦାଲତ ପରିସରରେ ଶନିବାର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ମୋଟ ୧୫,୪୯୩ଟି ମାମଲାର ସମାଧାନ କରାଯାଇ ବୀମା କମ୍ପାନୀ ଓ ସଂସ୍ଥାକୁ ୧୪କୋଟି ୫୯ଲକ୍ଷ ୬୧ହଜାର ୩୮୬ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଲୋକ ଅଦାଲତରେ ୪୯ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ସମାଧାନ କରାଯାଇ କ୍ଷତିପୂରଣ ବବାଦକୁ ୩୪ଲକ୍ଷ ୯୯ହଜାର ଟଙ୍କା ପ୍ରଦାନ ପାଇଁ ବିଭିନ୍ନ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୫୩ଟି ଚେକ ବାଉନ୍ସ ମାମଲାର ବିଚାରଣା କରାଯାଇ ୫କୋଟି ୨୨ଲକ୍ଷ ୪୬ହଜାର ୩୨୧ଟଙ୍କା ପୁନଃରୁଦ୍ଧାର କରାଯାଇଥିଲା। ୬୪ଟି ବିବାହ ସମ୍ପର୍କିତ ମାମଲାର ଆପୋସ ବୁଝାମଣା କରାଯାଇଥିବା ବେଳେ ଏହି ଦମ୍ପତିମାନେ ପୁଣିଥରେ ନିଜର ବୈବାହିକ ଜୀବନ ସୁଚାରୁରୂପେ ନିର୍ବାହ ପାଇଁ ରାଜି ହୋଇଥିଲେ। ୪୧ଟି ବ୍ୟାଙ୍କ ଲିଟିଗେସନ ମାମଲାର ସମାଧାନ ହୋଇ ୧କୋଟି ୮୮ଲକ୍ଷ ୭୯ହଜାର ୩୫୭ଟଙ୍କା ଆଦାୟ କରାଯାଇଥିଲା।

ସେହିପରି ଅନ୍ୟାନ୍ୟ ୧୦୧ଟି ସିଭିଲ ମାମଲାର ସମାଧାନ ହୋଇ ୨କୋଟି ୬୭ଲକ୍ଷ ୭୦ ହଜାର ୫୮୧ ଟଙ୍କା ଆଦାୟ କରାଯାଇଥିଲା। ମୋଟ ୧୩୫୧୪ଟି ରାଜସ୍ୱ ମାମଲାର ସାମାଧାନ କରାଯାଇ ୫ଲକ୍ଷ ୬୫ହଜାର ୯୧୮ ଟଙ୍କା ଆଦାୟ ହୋଇଥିଲା। ୫୬ଟି କ୍ରିମିନାଲ କମ୍ପାଉଣ୍ଡେବେଲ ମାମଲାର ସମାଧାନ କରାଯାଇଥିଲା। ସେହିଭଳି ୪୪୧ଟି ଟିପିଏସଓଡ଼ିଏଲ ମାମଲାର ସମାଧାନ ହୋଇ ୭୬ଲକ୍ଷ ୬୯ ହଜାର ୨୨୫ ଟଙ୍କା ସଂଗ୍ରହ କରାଯାଇଥିଲା। ମୋଟ ୯ଟି ପବ୍ଲିକ ୟୁଟିଲିଟି ସର୍ଭିସ ମାମଲାର ସମାଧାନ ହୋଇ ୨୩ ଲକ୍ଷ ୮୩ ହଜାର ୧୯୨ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତରେ ୧୦୮୭ଟି ଅନ୍ୟାନ୍ୟ ଫୌଜଦାରୀ ମାମଲାର ଆପୋସ ବୁଝାମଣା କରାଯାଇଥିଲା। ଲୋକ ଅଦାଲତରେ ଜିଲ୍ଲା ଜଜ୍ ଅଶାନ୍ତ କୁମାର ଦାସ, ଦ୍ୱିତୀୟ ଏମଏସିଟି ବିଶ୍ୱଜିତ ଦାଶ, ଅତିରିକ୍ତ ଜିଲ୍ଲା ଦୌରା ଜଜ- ନରେଶ ମହାନ୍ତି, ଏଡିଜେ-୨ ଆୟୁସ୍ମାନ ମହନ୍ତ, ଏଡିଜେ-୩ ବିବଶତ୍ୱ ଗୌତମ ମୋଟର ଦୁର୍ଘଟଣା ସମ୍ବନ୍ଧୀୟ ମକଦ୍ଦମାରେ ଅଂଶଗ୍ରହଣ କରିଥିଲେ। ଏମଏସିଟି ବେଞ୍ଚର ନୋଡାଲ ଅଫିସର ଭାବେ ସିଭିଲ ରେଜିଷ୍ଟ୍ରାର ସୌଦାମିନୀ ସିଂହ କାର୍ଯ୍ୟ ତୁଲାଇଥିଲେ। ଡ଼ିଏଲଏସଏ ସେକ୍ରେଟାରୀ ବ୍ୟୋମକେଶ ନାୟକ ଉକ୍ତ ଲୋକ ଅଦାଲତ ପରିଚାଳନା କରିଥିଲେ। ଲୋକ ଅଦାଲତରେ କୋର୍ଟର ସମସ୍ତ ବିଚାରପତି, ଆଇନଜୀବୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ତହସିଲଦାରଙ୍କୁ ତାରାତାରିଣୀ ମନ୍ଦିର ପରିଚାଳନା ଦାୟିତ୍ୱ

**ପୁରୁଷୋତ୍ତମପୁର,୧୩।୧୨(ସମିସ):** ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀ ମନ୍ଦିରର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବିନୋଦ କୁମାର ବେହେରା ଯୋଗ ଦେଇଛନ୍ତି। ଶ୍ରୀ ବେହେରା ବର୍ତ୍ତମାନ ପୁରୁଷୋତ୍ତମପୁରର ତହସିଲଦାର ଥିବାବେଳେ ତାଙ୍କୁ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ମନ୍ଦିରର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅବସର ପରେ ତହସିଲଦାର ଶ୍ରୀ ବେହେରାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଦାୟିତ୍ୱ ମିଳିବା ପରେ ଶ୍ରୀ ବେହେରା ଶନିବାର ମନ୍ଦିରରେ ପହଞ୍ଚି ମା'ଙ୍କୁ ପୂଜାର୍ଚ୍ଚନା କରିବା ସହ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିବା ସହ ମନ୍ଦିର ସେବାୟତଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ ମା'ଙ୍କ ଚୈତ୍ରଯାତ୍ରା ଥିବା ବେଳେ ଏହାର ସୁପରିଚାଳନା ଓ ଭକ୍ତ ମାନଙ୍କ ଶୃଙ୍ଖଳିତ ଦର୍ଶନ ନେଇ ଆଲୋଚନା ସହ ଆସନ୍ତା ୭ଦିନ ମଧ୍ୟରେ ସେବାୟତଙ୍କ ସହ ବୈଠକ କରି କିଭଳି ମନ୍ଦିରର ଉନ୍ନୟତିମୂଳକ କାର୍ଯ୍ୟ ପୁଣି ଥରେ ଜୋରସୋରରେ ଚାଲିବ ସେନେଇ ମଧ୍ୟ କାମ କରିବି ବୋଲି କହିଛନ୍ତି। ଦାୟିତ୍ୱ ଗ୍ରହଣ ବେଳେ ଅତିରିକ୍ତ ତହସିଲଦାର, ମନ୍ଦିର ଉନ୍ନୟନ ପରିଷଦର ସମ୍ପାଦକ, ସମସ୍ତ ସେବାୟତ ଉପସ୍ଥିତ ଥିଲେ। ଭକ୍ତମାନେ କିଭଳି ଶାନ୍ତିଶୃଙ୍ଖଳାର ସହ ଦର୍ଶନ କରିବେ ଏବଂ ମା'ଙ୍କ ରୀତିନୀତି ପ୍ରତିଦିନ ସୁରୁଖୁରୁରେ ହୋଇପାରିବ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ସେବାୟତମାନେ କହିଛନ୍ତି।



# ସ୍ୱର୍ଗତ ନିରଞ୍ଜନ ପ୍ରଧାନଙ୍କ ପରିବାରକୁ ଭେଟିଲେ ପୂର୍ବତନ ମନ୍ତ୍ରୀ



**ପୋଲସରା,୧୩।୧୨(ସମିସ):** ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ଦିନିକିଆ ଗଞ୍ଜାମ ଗସ୍ତ ବେଳେ ପୂର୍ବତନ ବିଧାୟକ ସ୍ୱର୍ଗତ ନିରଞ୍ଜନ ପ୍ରଧାନଙ୍କ ପରିବାରକୁ ପୋଲସରା ସ୍ଥିତ ବାସଭବନରେ ସାକ୍ଷାତ କରିଛନ୍ତି। ଶୁକ୍ରବାର ପୂର୍ବତନ ମନ୍ତ୍ରୀ ଶ୍ରୀ ମହାପାତ୍ରଙ୍କ ସହ ପୂର୍ବତନ ଲୋକସଭା ସାଂସଦ ରବିନାରାୟଣ ପାଣି ପ୍ରମୁଖ ପୂର୍ବତନ କୋଦଳା ଓ ପୋଲସରା ବିଧାୟକ ସ୍ୱର୍ଗତ ନିରଞ୍ଜନ ପ୍ରଧାନଙ୍କ ଧର୍ମପତ୍ନୀ ନର୍ମଦା ପ୍ରଧାନ, ପୁଅ ଦୀପକ କୁମାର ପ୍ରଧାନ (ସାଂଗଠାନିକ ବିଜେପି ସଭାପତି,ଘୁମୁସର ଜିଲ୍ଲା) ଓ ପୁତ୍ରବଧୂ ସଂଯୁକ୍ତା ପ୍ରଧାନ (ପୂର୍ବତନ ବ୍ଲକ ଅଧକ୍ଷା) ଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ। ଅନ୍ୟପଟେ ପୂର୍ବତନ ମନ୍ତ୍ରୀ ଓ ପୂର୍ବତନ ସାଂସଦଙ୍କ ଅଚାନକ ପୋଲସରା ଗସ୍ତକୁ ନେଇ ରାଜନୈତିକ ଚର୍ଚ୍ଚା ମଧ୍ୟ ଜୋର ଧରିଛି। ଯୁବ ନେତା ଦୀପକ ପ୍ରଧାନଙ୍କ ସହ ରାଜନୀତି ଭବିଷ୍ୟ ନେଇ କିଛି ପରାମର୍ଶ ଦେଇଥିବା ବେଳେ ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଆଲୋଚନାକୁ ନେଇ କିଛି ନୂଆ ସଂକେତ ଦେଉଥିବା ପୋଲସରାବାସୀ ଆଲୋଚନା କରୁଛନ୍ତି। ଏନେଇ ଯୁବ ସଭାପତି ଦୀପକ କୁମାର ପ୍ରଧାନଙ୍କ ସହ ଯୋଗାଯୋଗ ବେଳେ ବିଜୟ ମହାପାତ୍ରଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ଥିଲା ଏବଂ ମୋ ବାପାଙ୍କ ରାଜନୈତିକ ପରାମର୍ଶଦାତା ଭାବେ ସବୁବେଳେ ନୀତିଶିକ୍ଷା ଦେଇଆସୁଥିଲେ।

ବାପାଙ୍କ ମୃତ୍ୟୁ ପରେ ସେ ଆସିପାରିନଥିଲେ କିନ୍ତୁ ସମୟ ପାଇବାରୁ ମୋ ପରିବାରଙ୍କ ସହ ଭେଟିଛନ୍ତି ଏବଂ ଜଣେ ବରିଷ୍ଠ ରାଜନୈତିକ ହିସାବରେ ଅନେକ ଉପଦେଶ ଦେଇଥିବା କହିଛନ୍ତି। ଉକ୍ତ ବୈଠକରେ ସନ୍ତୋଷ କୁମାର ମାଝୀ, ବଜେନ୍ଦ୍ର ଦଳବେହେରା, ଗୌରୀ ଦାସ, କାଳିଆ ପ୍ରଧାନ, ରତ୍ନାକର ମାହାନ୍ତି, ରାକେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପଟ୍ଟା ପ୍ରଦାନ ଲାଗି ନାଗରିକ କମିଟି ଗଠିତ

**ଆସିକା,୧୩।୧୨(ସମିସ):** ଆସିକା ପୌରାଞ୍ଚଳ ୭ ରାଜସ୍ୱ ଗ୍ରାମବାସିନ୍ଦାଙ୍କୁ ଘରବାରି ପଟ୍ଟା ପ୍ରଦାନ କାର୍ଯ୍ୟ ତ୍ୱରାନ୍ୱିତ କରିବା ନେଇ ସ୍ଥାନୀୟ ସୁନାମ୍ବସାହି ଜଗନ୍ନାଥ ମନ୍ଦିର ପରିସରରେ ଏକ ବୈଠକ ଗଙ୍ଗାଧର ଶତପଥିଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସରକାରଙ୍କୁ ଆସିକା ପୌରାଞ୍ଚଳର ସମସ୍ତ ମୌଜାର ଅଧିବାସୀଙ୍କୁ ସ୍ଥାୟୀ ଭୂ-ବନ୍ଦୋବସ୍ତ (ସର୍ଭେର୍ ସେଟେଲମେଣ୍ଟ) ରାଜସ୍ୱ ରୟତି ପଟ୍ଟା ଯୋଗାଇ ଦେବାକୁ ଆଲୋଚନା କରାଯାଇଥିଲା। ଅତିଶୀଘ୍ର ନାଗରିକମାନଙ୍କର ଏକ ଶାନ୍ତି ଶୋଭାଯାତ୍ରା ନଗର ପରିକ୍ରମା କରି ଆସିକା ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳ ଓ ରାଜସ୍ୱ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଥିଲା। ପଟ୍ଟା କାର୍ଯ୍ୟକ୍ରମକୁ ଚଳାଇବାକୁ ଆସିକା ନାଗରିକ କମିଟି ଗଠନ କରାଯାଇଛି। ସଭାପତି ଭାବେ ଆଇନଜୀବୀ ଛବିଳରାମ ମିଶ୍ର, ସମ୍ପାଦକ ଶକ୍ତିପ୍ରସାଦ କର, ଉପଦେଷ୍ଟା ଭାବେ ସତ୍ୟନାରାୟଣ ରଥ, ଆଇନଜୀବୀ ବିନୋଦ ପାଣିଗ୍ରାହୀ, ଆଇନଜୀବୀ ନାରାୟଣ ମୁନୀ, ଅମଲା ସଂଘ ନେତା ପ୍ରସନ୍ନ କୁମାର ତ୍ରିପାଠୀ, ଆଇନଜୀବୀ ସନ୍ତୋଷ କୁମାର ପାଣିଗ୍ରାହୀ, ଆଇନଜୀବୀ ଦିଲିପ କୁମାର ପାଣିଗ୍ରାହୀ, ନିରୋଜ କୁମାର ପାଢୀ, ପଣ୍ଡିତ ଗଙ୍ଗାଧର ଶତପଥି, ପଣ୍ଡିତ ଉପେନ୍ଦ୍ର ନାଥ ମିଶ୍ର, ପଞ୍ଚାନନ ବିଷୋୟୀଙ୍କୁ ଚୟନ କରାଯାଇଛି। ବୈଠକରେ ସୁନାମ୍ବ ସାହି ୱାର୍ଡ ନଂ. ୯ର ୱାର୍ଡ କମିଟିରେ କାହ୍ନୁ ଚରଣ ପାତ୍ର, ଅନୋଜ କୁମାର ପାଣିଗ୍ରାହୀ, ମନୋଜ କୁମାର ସାହୁ, ମନୋରଞ୍ଜନ ସାହୁ, ନିରଞ୍ଜନ ପଣ୍ଡା, ବଜେନ୍ଦ୍ର କୁମାର ପାତ୍ର, ବୃନ୍ଦାବନ ସାହୁଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଠାକୁରାଣୀ ଓ ଶନି ମନ୍ଦିରରୁ ଚୋରି

**ବେଲଗୁଣ୍ଠା,୧୩।୧୨(ସମିସ):** ଲଗାତାର ଦ୍ୱିତୀୟ ଦିନ ପାଇଁ ମନ୍ଦିର ଲୁଟେରା ବେଲଗୁଣ୍ଠା ପୁଲିସକୁ ଦେଇଛନ୍ତି ଚାଲେଞ୍ଜ୍। ଗୁରୁବାର ରାତିରେ ଦୁର୍ବୃତ୍ତ ମାନେ ବେଲଗୁଣ୍ଠାର ଅଧିଷ୍ଠାତ୍ରୀ ଦେବୀ ମା' ବ୍ରାହ୍ମଣ ଦେବୀଙ୍କ ମନ୍ଦିରରୁ ଚୋରି କରିଥିଲେ। ଏହି ଘଟଣାର ଚବିଶି ଘଣ୍ଟା ମଧ୍ୟରେ ଅର୍ଥାତ୍ ଶୁକ୍ରବାର ରାତିରେ ଘୃ. ନୂଆଁଗାଆଁର ମା' ବାରପାହାନ୍ତି ଠାକୁରାଣୀ ଏବଂ ଶନି ମନ୍ଦିରରୁ ଚୋରି ହୋଇଛି। ମନ୍ଦିର ପରିଚାଳନା କମିଟିର ଅଭିଯୋଗ ପ୍ରକାରେ ଶୁକ୍ରବାର ରାତିରେ କୌଣସି ଦୁର୍ବୃତ୍ତ ଠାକୁରାଣୀଙ୍କ ଦେହରେ ଥିବା ସମସ୍ତ ଅଳଙ୍କାର ତଥା ରୂପା ମୁକୁଟ, ରୁପା ହାର, କାନ ଏବଂ ନାକର ଅଳଙ୍କାର, ଆଖି ଆଦି ସାମଗ୍ରୀ ଚୋରି କରି ନେଇଛି। ସେହିପରି ଗ୍ରାମର ଶନି ମନ୍ଦିରରୁ ରୁପା ଗ୍ଲାସ୍, ରୁପା ଗିନା, ପାଣିପମ୍ପ୍ ଏବଂ କିଛି ବିଦ୍ୟୁତ୍ ସାମଗ୍ରୀ ଚୋରି କରି ନେଇଛନ୍ତି। ପୁଲିସ ଘଟଣାସ୍ଥଳକୁ ଯାଇ ଛାନଭିନ ଆରମ୍ଭ କରିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତକୁ ଜୋରଦାର୍ କରିଛି।

# ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ



**ଛତ୍ରପୁର,୧୩।୧୨(ସମିସ):** ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ କୋର୍ଟ ପରିସରରେ ଚଳିତ ବର୍ଷର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ପ୍ରଦୀପ କୁମାର ସାମଲ, ସିନିୟର ସିଭିଲ ଜଜ୍ ପୂଜା ଦେ, ଏସଡିଜେଏମ ପ୍ରିତିଶ କୁମାର ରଥ ଓ ଜେଏମଏଫସି ସ୍ୱାଗତିକା ସ୍ୱାଇଁ ପ୍ରମୁଖଙ୍କ ଉପସ୍ଥିତିରେ ୧୪୮ଟି ମାମଲାର ବିଚାରଣ ହୋଇ ୬୧ଟି କେସର ଫଇସଲା କରି ମୋଟ ୪୩ଲକ୍ଷ ୬୫ ହଜାର ୮୬୦ ଟଙ୍କା ଆଦାୟ କରିଛନ୍ତି। ଏଥିରେ୧ଟି ମୋଟର ଦୁର୍ଘଟଣା ଜନିତ ମାମଲା ରେ ୧୪ଲକ୍ଷ ୭୦ ହଜାର, ୭ଟି ଚେକ ବାଉନ୍ସ ମାମଲାରେ ୨୨ଲକ୍ଷ, ୧୩ଟି ସିଭିଲ ମାମଲାରେ ୧ଲକ୍ଷ ୯୧ହଜାର ଟଙ୍କା, ୩ଟି ବ୍ୟାଙ୍କ ମାମଲାରେ ୫ଲକ୍ଷ ୪୫ହଜାର ୮୬୦ ଟଙ୍କା ଆଦାୟ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ୮ଟି କ୍ରିମିନାଲ କମ୍ପାଉଣ୍ଡବେଲ, ଗୋଟିଏ ବୈବାହିକ ଏବଂ ୨୭ଟି କ୍ରିମିନାଲ ମାମଲାର ଫଇସଲା ହୋଇଛି। ଲୋକ ଅଦାଲତ ବେଞ୍ଚ ମେମ୍ବର ଗୋକୁଳ ଚନ୍ଦ୍ର ପଣ୍ଡା, ସରକାରୀ ଓକିଲ ସୀମାଞ୍ଚଳ ମହାପାତ୍ର, ସୁରଜିତ ସାମନ୍ତରାୟ, ସୁମିତ ସାହୁ, କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଓଷ୍ଟାର ବ୍ଲକସ୍ତରୀୟ ଶିଶୁ ଉତ୍ସବ



**ଛତ୍ରପୁର,୧୩।୧୨(ସମିସ):** ଓଡିଶା ମାଧ୍ୟମିକ ଶିକ୍ଷକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଛତ୍ରପୁର ବ୍ଲକସ୍ତରୀୟ ଶିଶୁ ଉତ୍ସବ ଟାଙ୍ଗଣାପଲ୍ଲୀ ହରଗୌରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଉତ୍ସବକୁ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ରାଜ୍ୟ ଅଧକ୍ଷ ତଥା ଓଷ୍ଟା ଗଞ୍ଜାମର ପ୍ରାକ୍ତନ ସମ୍ପାଦକ କାମରାଜୁ ମହାରଣା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବି. ସୁଦାମ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ପଟ୍ଟନାୟକଙ୍କ ସଭାପତିତ୍ୱରେ ପରିଚାଳିତ ସଭାରେ ଶ୍ରୀନୀଳକଣ୍ଠେଶ୍ୱର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବିଷ୍ଣୁ ପ୍ରସାଦ ତ୍ରିପାଠୀ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ନର୍ମଦା ଦେବି, ସମିତି ସଭ୍ୟ ପ୍ରତିନିଧି ଅମରେଶ୍ୱର ସାହୁ, ବିଧାୟକ ପ୍ରତିନିଧି ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନ୍ୟତମ ଅତିଥି ରୂପେ ଓଷ୍ଟାର ଜିଲ୍ଲା ପ୍ରତିନିଧି ରାମ ଚନ୍ଦ୍ର ପୋଲାଇ, ଜିଲ୍ଲା ଯୁଗ୍ମ ସମ୍ପାଦକ ସୁଧୀର ସେଠି, ପୂର୍ବତନ ଯୁଗ୍ମ ସମ୍ପାଦକ କୈଳାଶ ବେହେରା ଓ କୋରେଶ ଚନ୍ଦ୍ର ଶତପଥୀ, ଭୀମସେନ ଗୌଡ଼ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବ୍ଲକ ସମ୍ପାଦକ ଧୀରେନ୍ଦ୍ର ନାଥ ସଭାପତି ବିବରଣୀ ସହ ମଞ୍ଚ ସଂଯୋଜନା କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ସାଗରିକା ପାଢ଼ୀ, ନିରୁପମା ମିଶ୍ର, ପ୍ରଭାସିନୀ ସାହୁ, ଶୁଭ୍ରଚଳା ବକ୍ସି, ଜି.ବିଜୟାଲକ୍ଷ୍ମୀ, ଜୟଶ୍ରୀ ଦୋରା, ସସ୍ମିତା ବେହେରା, ଯମୁନା ରେଡ଼ି, ସୁଧାକର ବଳି, ଅଭିରାମ ସାହୁ ପ୍ରମୁଖ ପରିଚାଳନା କରିଥିଲେ। କାଳୁ ନାହାକ, ମାୟା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା



**ଚିକିଟି,୧୩।୧୨(ସମିସ):** ଚିକିଟି ଗଡ଼ କୁମ୍ଭାକାର ସାହିର ଭକ୍ତବତ୍ସଳ ବେହେରା କିଛିଦିନ ପୂର୍ବେ ଗାଡ଼ି ଯୋଗେ ପୁରୀରୁ ବ୍ରହ୍ମପୁର ଆସୁଥିବାବେଳେ ଚିଲିକା ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଗାଡ଼ି ଧକ୍କା ଏତେ ଭୟାନକ ଥିଲା କି, ତାଙ୍କ ହାତ କଟି ତଳେ ପଡ଼ିଯାଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ କିଛିଦିନ ଧରି ଚିକିତ୍ସା ଚାଲିଥିବାବେଳେ ମୃତ୍ୟୁବରଣ କରିଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ନିର୍ଦ୍ଦେଶରେ ପ୍ରଥମେ ରେଡକ୍ରସରୁ ସହାୟତା ପ୍ରଦାନ କରାଯାଇଥିଲା। ଶନିବାର ପୁଣି ବିଧାୟକ ଶ୍ରୀ ଦ୍ୟାନ ସାମନ୍ତରା ଓ ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁରଙ୍କ ଉପସ୍ଥିତିରେ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୪ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି।

# ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଶୀତ ଲହରୀ

**ଧରାକୋଟ,୧୩।୧୨(ସମିସ)**



ଧରାକୋଟ ଅଞ୍ଚଳରେ ଚଳିତ ବର୍ଷ ଥଣ୍ଡାର ପ୍ରକୋପ ଅଧିକ ବଢ଼ିବାରେ ଲାଗିଛି। ଯାହା ଫଳରେ ଜନ ଜୀବନ ଏକ ରକମ ଅସ୍ତବ୍ୟସ୍ତ ହୋଇପଡିଛି। ଏଣୁ ପାହାନ୍ତିଆ ପହରରୁ ଲୋକେ ବିଭିନ୍ନ ସାହି ବସ୍ତିରେ ଧୂନି ଜାଳି ବସିଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ଧରାକୋଟରେ ପାରଦ ୧୧.୭ରେ ପହଞ୍ଚିବା ଯୋଗୁଁ ସବୁଠି ହାଡ଼ ଭଙ୍ଗା ଶୀତ ଅନୁଭୂତ ହେଉଛି। ସେହିପରି ଗାଁ ଅଞ୍ଚଳରେ ଲୋକେ ଅଧିକ ଅସୁବିଧାରେ ପଡୁଛନ୍ତି। ମଜୁରୀ ଲାଗି ପରିବାର ଚଳାଉଥିବା ଲୋକେ ସକାଳୁ ସକାଳୁ ଧାନ କଟା, ମୁଗ ବୁଣା, ବିଭିନ୍ନ ଘରୋଇ ନିର୍ମାଣ କାର୍ଯ୍ୟ କରିବା ସମ୍ଭବ ହେଉନାହିଁ। ଠିକ୍ ସେହିପରି ପ୍ରାତଃ ଭ୍ରମଣ ନକରି ଲୋକେ ଖରା ହେଲେ ଓପନ ଜିମ୍‌ରେ ବ୍ୟାୟାମ କରୁଥିବା ବେଳେ ଛୋଟ ଛୋଟ ପିଲା ସକାଳୁ ଟିଉସନ ଯିବାପାଇଁ ଅମଙ୍ଗ ହେଉଛନ୍ତି। ବିଶେଷ କରି ଛୋଟ ପିଲା ଓ ବୟସ୍କ ଲୋକମାନେ ସକାଳ ଓ ସନ୍ଧ୍ୟାରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟ ପକ୍ଷରେ ଶୀତର ମଜା ନେବାକୁ ନିକଟସ୍ଥ ଶାନ୍ତିଝର, ପତାଳେଶ୍ୱରି ଝରଣା, କସେଇ ଘାଟି, ମାଛୁଆ, କାଠୁଆ ପଲି, ରସ କୁମ୍ଭା, ତେଲିଆ ଠାକୁରାଣୀ, ମା'ଘୋଡାଦେଇଙ୍କ ପୀଠରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି।

ରମ୍ଭା: ଗତ କିଛିଦିନ ଧରି ସାରା ଓଡ଼ିଶାରେ ଅସହ୍ୟ ଶୀତ ଅନୁଭୁତ ହେଉଥିବେଳେ ଅନୁରୂପ ଭାବେ ରମ୍ଭା ପାରପାର୍ଶ୍ୱିକ ଅଞ୍ଚଳରେ ପ୍ରବଳ ଥଣ୍ଡା ହେଉଛି। ସନ୍ଧ୍ୟା ୪ଟାରୁ ସକାଳ ୮ ପର୍ଯ୍ୟନ୍ତ ଶୀତ ବସ୍ତ୍ର ଛାଡିବାକୁ ଇଚ୍ଛା ହେଉନି। ଚା' ଦୋକାନରେ ଖଟି ବଢୁଛି। ରାତି ଯେତେ ବଢୁଛି, ଥଣ୍ଡା ସେତିକି ପରିମାଣରେ ଘନୀଭୂତ ହେଉଛି। ଆଗରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ପାଶ୍ୱର୍ବର୍ତ୍ତୀ ଅଞ୍ଚଳ, ରାଜପଥ ପାଶ୍ୱର୍ ଭିଡ଼ ପରିଲକ୍ଷିତ ହେଉଥିବା ବେଳେ ଏବେ ସନ୍ଧ୍ୟା ୭ଟା ପରେ ରାସ୍ତାଘାଟ ଖାଲି ଦିଶୁଛି। ଗୋଟିଏ ପଟେ ଥଣ୍ଡାକୁ ନେଇ ଶୀତ ବସ୍ତ୍ର ବିକ୍ରୟ ବର୍ଗର ବ୍ୟବସାୟଙ୍କ ମୁହଁରେ ହସ ଫୁଟୁଥିବା ବେଳେ ଅନ୍ୟ ପଟେ ଶୀତ ବସ୍ତ୍ର ବ୍ୟବସାୟୀ ଥଣ୍ଡା ବଢ଼ିବାରୁ ସ୍ଥାୟୀ ଓ ଅସ୍ଥାୟୀ ଶୀତ ବସ୍ତ୍ର ପରଶି ବଜାରରେ ଗହଳି ବଢିବାକୁ ଲାଗିଲାଣି। ଜ୍ୟାକେଟ, ଫ୍ୟାଶନ ସ୍ୱେଟ, ଲେଦର ଜ୍ୟାକେଟ, ଟୋପି ଆଦିରେ ଭରପୁର ଚାହିଦା ରହିଛି। ତତ ସହିତ ଶୀତ ବସ୍ତ୍ର ବଜାର ଗୁଡିକରେ ଭିନ୍ନ ଭିନ୍ନ ଧରଣର ରଙ୍ଗ ବେରଙ୍ଗର କମ୍ବଳ ଦେଖିବାକୁ ମିଳୁଛି। ସେହିପରି ସାଲ୍ ଭିତରେ ରହିଛି କାଶ୍ମୀର, ରାଜସ୍ତାନୀ, ଜୟପୁରୀ ଓ ପ୍ୟାନସି ସାଲ ଏଗୁଡିକ ତିନି ଶହ ଟଙ୍କାରୁ ଆରମ୍ଭ ହୋଇ ବିକ୍ରୟ ହେଉଛି।

ଓଁ

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ ନଳିନୀ ପ୍ରଭା ପ୍ରଧାନ

ଆର୍ବିଭାବ: ୦୨.୦୭.୧୯୬୪

ତିରୋଧାନ: ୨୫.୧୨.୨୦୨୪

ସଦାନନ୍ଦ ବିହାର, ପଞ୍ଚମ ଲେନ, ଗୋସାଇଁ ନୂଆଗାଁ, ବ୍ରହ୍ମପୁର

ମାଆ, ତୁମେ ଇହଲିଳା ସମ୍ବରଣ କରିବାର ଏ ଭିତରେ ଗୋଟିଏ ବର୍ଷ ବିତିଗଲାଣି । ସବୁ ଦିନେ ତମର ଅନୁପସ୍ଥିତି ଅନୁଭବ କରୁଅଛୁ ।ତମର ସେହି ହସ ହସ ମୁହଁ ମନେ ପଡୁଛି । ତୁମର ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା

-: ଶୋକସନ୍ତପ୍ତ :-

ପ୍ରଧାନ ପରିବାର, ବନ୍ଧୁବର୍ଗ

# ଆୟୁଷ ଡାକ୍ତର ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ସ୍ଥଗିତ

ବ୍ରହ୍ମପୁର,୧୩ା୧୨(ସମିସ): ଅଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନ ପକ୍ଷରୁ ୮ଦଫା ଦାବି ନେଇ କିଛି ଦିନ ହେବା ସାମୂହିକ ଆମରଣ ଅନଶନ ଜାରିରହିଥିବା ବେଳେ ଶନିବାରଠାରୁ ତାହା ସ୍ଥଗିତ ରହିଥିବା ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଏହିକ୍ରମରେ ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲର ଛାତ୍ର ସଂସଦ ପକ୍ଷରୁ ସାମୂହିକ ଆମରଣ ଅନଶନ ଜାରି ରହିଥିଲା। ଗୁରୁବାର ସଂଗଠନ ପକ୍ଷରୁ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ସରକାରୀ ବାସଭବନରେ ତାଙ୍କର ଉପସ୍ଥିତିରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସହ ଅଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନ କିଛି କର୍ମକର୍ତ୍ତା ଆଲୋଚନା କରିଥିଲେ। ସଂଗଠନର ଦାବି ଗୁଡ଼ିକ ଖୁବ୍‌ଶୀଘ୍ର ପୂରଣ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ନୂତନ ପଦବୀ ସୃଷ୍ଟି କରିବା ବିଷୟରେ ନୂତନ କମିଟି ଗଠିତ ହେବା ସହିତ ତାହାର ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହା ପରେ ସଂଗଠନ ପକ୍ଷରୁ ଧାରଣାକୁ ସ୍ଥଗିତ ରଖିଯାଇଛି।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ

# ସମାବର୍ତ୍ତନ ଉତ୍ସବ ଅପେକ୍ଷାରେ ୩ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ

ବ୍ରହ୍ମପୁର,୧୩ା୧୨(ସମିସ)



ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବାର ଦୀର୍ଘ ୪ବର୍ଷ ପରେ ମଧ୍ୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହୋଇପାରିନି ପ୍ରଥମ ସମାବର୍ତ୍ତନ ଉତ୍ସବ ବା କନ୍‌ଭୋକେସନ। ଯଦ୍ୱାରା ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ସାର୍ଟିଫିକେଟ ହାସଲ ଅପେକ୍ଷାରେ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ରହିଛନ୍ତି। ୨୦୧୫ମସିହାରେ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ପ୍ରଥମେ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଘୋଷଣା କରାଯାଇଥିଲା। ୨୦୨୦ରେ କ୍ଲଷ୍ଟର ବିଶ୍ୱବିଦ୍ୟାଳୟକୁ ରଦ୍ଦ କରାଯାଇଥିଲା। ଫଳରେ ୨୦୨୦-୨୧ଶିକ୍ଷାବର୍ଷରେ ପୁଣି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧିନକୁ ଆସିଥିଲା ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ। ପରେ ଶିକ୍ଷାନୁଷ୍ଠାନକୁ ପୁଣି ୨୦୨୧ମସିହାରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରାଯାଇଥିଲା। ତେବେ ଘୋଷଣାର ଦୀର୍ଘବର୍ଷ ପରେ ମଧ୍ୟ ଭିତ୍ତିଭୂମିର ଅଭାବ ଓ ଅନ୍ୟାନ୍ୟ କାରଣରୁ ଏହାକୁ ୟୁଜିସିର ୨(ଏଫ୍) କିମ୍ବା ୧୨(ବି) ସ୍ୱୀକୃତି ମିଳିନଥିଲା। ଫଳସ୍ୱରୂପ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ହୋଇଯାଇଥିଲା। ବହୁ ଚେଷ୍ଟା ପରେ ନିକଟ ଅତୀତରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟକୁ ୟୁଜିସି ପକ୍ଷରୁ ୨(ଏଫ୍) ସ୍ୱିକୃତୀ ମିଳିଥିଲେ ହେଁ ବର୍ତ୍ତମାନ ସୁଦ୍ଧା ୧୨(ବି) ସ୍ୱିକୃତୀ ମିଳିପାରିନାହିଁ। ଫଳରେ ଛାତ୍ରଛାତ୍ରୀଙ୍କ ଡିଗ୍ରୀ ଓ ସାର୍ଟିଫିକେଟକୁ ସ୍ୱୀକୃତି ମିଳିଥିଲେ ହେଁ ଶିକ୍ଷାନୁଷ୍ଠାନକୁ ଆର୍ଥିକ ଅନୁଦାନ ମିଳିବାରେ ସମସ୍ୟା ଲାଗି ରହିଛି। ଏହି ସମସ୍ୟାର ସମାଧାନ ଦିଗରେ ମଧ୍ୟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଚେଷ୍ଟାରତ। ତେବେ ଏଭଳି ବିଭିନ୍ନ ସମସ୍ୟା କାରଣରୁ ଗତ ୨୦୨୧ରୁ ବିଶ୍ୱବିଦ୍ୟାଳୟ ଘୋଷିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଉଭୟ କୃତି ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ଛାତ୍ରଛାତ୍ରୀ ନିଜ ମୂଳ ସାର୍ଟିଫିକେଟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଶିକ୍ଷାନୁଷ୍ଠାନରେ ସ୍ନାତକ ଶ୍ରେଣୀରେ ୧୭ଟି ଏବଂ ସ୍ନାତକୋତ୍ତର ଶ୍ରେଣୀରେ ୧୮ଟି ବିଭାଗ ରହିଛି। ପ୍ରତିବର୍ଷ ସମାବର୍ତ୍ତନ ଉତ୍ସବ ବା କନଭୋକେସନ ଆୟୋଜନ କରି ସାର୍ଟିଫିକେଟ ପ୍ରଦାନ କରିବାର ବିଧି ରହିଥିବା ବେଳେ ଦୀର୍ଘ ୪ବର୍ଷ ଧରି ଏହା ସମ୍ଭବପର ହୋଇନାହିଁ। ଫଳରେ ଗତ ୪ବର୍ଷରେ ସ୍ନାତକ ଡିଗ୍ରୀର ଦୁଇଟି ବ୍ୟାଚ ଯଥା ୨୦୨୧-୨୪ର ୯୫୮ଜଣ ଓ ୨୦୨୨-୨୫ବ୍ୟାଚର ୧୦୫୭ଜଣ ଛାତ୍ରଛାତ୍ରୀ ଏହିଭଳି ମୋଟ ୨୦୧୫ଜଣ ସାର୍ଟିଫିକେଟକୁ ଅପେକ୍ଷା କରିଛନ୍ତି। ସେହିଭଳି ସ୍ନାତକୋତ୍ତର ଶ୍ରେଣୀରେ ୨୦୨୧-୨୩ ବ୍ୟାଚର ୩୩୩ଜଣ, ୨୦୨୨-୨୪ ବ୍ୟାଚର ୩୪୫ ଏବଂ ୨୦୨୩-୨୫ବ୍ୟାଚର ୩୬୯ଜଣ ଏଭଳି ମୋଟ ୧୦୪୭ଜଣ ଛାତ୍ରଛାତ୍ରୀ ନିଜ ସାର୍ଟିଫିକେଟ ପାଇବାକୁ ଅପେକ୍ଷା କରିଛନ୍ତି। ଏବଂ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ମୋଟ ୩ହଜାର ୬୨ଜଣ ଛାତ୍ରଛାତ୍ରୀ ସମାବର୍ତ୍ତନ ଉତ୍ସବରେ ନିଜର ସାର୍ଟିଫିକେଟ ଗ୍ରହଣ କରିବାକୁ ଚାହିଁ ରହିଛନ୍ତି। ସମାବର୍ତ୍ତନ ଉତ୍ସବ ଆୟୋଜନ ପାଇଁ କୁଳାଧିପତି ତଥା ରାଜ୍ୟପାଳଙ୍କ ଅନୁମତି ଜରୁରି। ଏଣୁ ଏଥି ପୂର୍ବରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ ପାଳନ ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସଜବାଜ ହେଉଥିବା ଜଣାପଡିଛି। ଏନେଇ ଆସନ୍ତା ୧୬ରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ହେବାକୁ ଥିବା ସିଣ୍ଡିକେଟ ବୈଠକରେ ନୂଆବର୍ଷ ୨୦୨୬ରେ ପ୍ରସ୍ତାବିତ ସମାବର୍ତ୍ତନ ଉତ୍ସବ ପାଇଁ ବିସ୍ତୃତ ଆଲୋଚନା କରାଯିବ ବୋଲି ବିଶ୍ୱବିଦ୍ୟାଳୟର ପିଜି କାଉନ୍‌ସିଲ ଅଧ୍ୟକ୍ଷ ଡଃ ମନୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେହିଭଳି ବିଶ୍ୱବିଦ୍ୟାଳୟରେ ହିନ୍ଦୀ ଓ ଫିଲୋସୋଫି ଭଳି ଦୁଇଟି ବିଭାଗକୁ ପୁନଃ ଖୋଲିବା ଉପରେ ମଧ୍ୟ ସିଣ୍ଡିକେଟ ବୈଠକରେ ଆଲୋଚନା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସେପଟେ ରାଜ୍ୟରେ ଜାତୀୟ ଶିକ୍ଷା ନିତି (ଏନଇପି) ଲାଗୁ ହେବାପରେ ବିଶ୍ୱବିଦ୍ୟାଳୟ ଗୁଡିକରେ ପୂର୍ବଭଳି ପୁଣି ସିନେଟ ଗଠନ କରିବା ଜରୁରୀ ହୋଇଛି। ଏଣୁ ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ମଧ୍ୟ ଖୁବ୍‌ଶୀଘ୍ର ସିନେଟ ଗଠିତ ହେବ ଏବଂ ଏଥିପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ର ପ୍ରତିନିଧିଙ୍କ ନାମ ସୁପାରିଶ କରାଯାଇଥିବା ବିଶ୍ୱବିଦ୍ୟାଳୟର କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ କହିଛନ୍ତି।

- ବିଶ୍ୱବିଦ୍ୟାଳୟ ଘୋଷଣା ପରଠୁ ହୋଇନି 'କନଭୋକେସନ'
- ସାର୍ଟିଫିକେଟ ଅପେକ୍ଷାରେ ୩ ବ୍ୟାଚ୍‌ର କୃତି ଛାତ୍ରଛାତ୍ରୀ
- ନୂଆବର୍ଷରେ ପ୍ରଥମ ସମାବର୍ତ୍ତନ ଉତ୍ସବ ଆୟୋଜନ ପାଇଁ ସଜବାଜ

● ପୁତୁରା ପରେ ଏବେ ଖୋଦ୍ ଖଣି ଓ ପରିବହନ ମନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ

# ନିଜ କାର୍ଯ୍ୟାଳୟ ନିକଟରେ ଯୁବକଙ୍କୁ ମାଡ଼ ମାରିଥିବା ଅଭିଯୋଗ

ବ୍ରହ୍ମପୁର,୧୩ା୧୨(ସମିସ): ପୁତୁରାଙ୍କ ପରେ ଏବେ ଖୋଦ ଖଣି ତଥା ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ଅଭିଯୋଗ ଆଣିଛନ୍ତି ବିଜେପିର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଏନ. ଡମ୍ବୁରୁ ରେଡ୍ଡୀ। ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଗୋଳନ୍ଥରା ସ୍ଥିତ ବନ୍ଦେ ମାତରଂ କାର୍ଯ୍ୟାଳୟ ନିକଟରେ କିଛି ସ୍ଥାନୀୟ ଯୁବକଙ୍କୁ ନିଜେ ମନ୍ତ୍ରୀ ପ୍ଲାଷ୍ଟିକ ପାଇପରେ ମାଡ଼ ମାରିଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଘଟଣାର ସତ୍ୟାସତ୍ୟ ପାଇଁ ଡମ୍ବୁରୁ ତଦନ୍ତ ଦାବି କରି ବ୍ରହ୍ମପୁର ଏସପିଙ୍କ ସମେତ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପୁଲିସ ମହାନିର୍ଦ୍ଦେଶକ ଓ ଗୃହବିଭାଗକୁ ଚିଠି ଲେଖି ଡାକ ଯୋଗେ ପଠାଇଥିବା କହିଛନ୍ତି।

ଡମ୍ବୁରୁଙ୍କ ଲିଖିତ ଅଭିଯୋଗକୁ ଆଧାର କରି ଆଇନଜୀବୀ ଅନନ୍ତ ନାରାୟଣ ମହାନ୍ତି ବ୍ରହ୍ମପୁର ଏସ୍‌ପି ଓ ରାଜ୍ୟ ଗୃହବିଭାଗକୁ ଟ୍ୱିଟ କରି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଥିଲେ। ଉଭୟ ଡମ୍ବୁରୁ ରେଡ୍ଡୀ ଓ ଅନନ୍ତ ମହାନ୍ତିଙ୍କ ଅଭିଯୋଗ ପରେ ରାଜ୍ୟ ଗୃହବିଭାଗ ପକ୍ଷରୁ ଘଟଣାର ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ରହ୍ମପୁର ଏସପିଙ୍କୁ ନିର୍ଦ୍ଦେଶ ହୋଇଥିବା ଗୃହବିଭାଗର ସରକାରୀ ଟୁଇଟ୍‌ରରୁ ସୂଚନା ମିଳିଛି। ତେବେ ଏଭଳି




ଅଭିଯୋଗ ସମ୍ପର୍କରେ ମନ୍ତ୍ରୀ ବିଭୂତି ଜେନାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


ପ୍ରକାଶ ଯୋଗ୍ୟ ଯେ' ୫୩ନମ୍ବର ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଏନ. ଡମ୍ବୁରୁ ରେଡ୍ଡୀଙ୍କ ଅଭିଯୋଗ ପ୍ରକାରେ ଗତ ୬ତାରିଖ ରାତି ପ୍ରାୟ ସାଢେ ୧୦ଟାରେ ଗୋଳନ୍ଥରା ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଗୋଳନ୍ଥରା ନିକଟରେ ଥିବା ମନ୍ତ୍ରୀ ଶ୍ରୀଜେନାଙ୍କ କାର୍ଯ୍ୟାଳୟ ନିକଟରେ ଏକ ପ୍ଲାଷ୍ଟିକ ପାଇପ ଜରିଆରେ ସ୍ଥାନୀୟ କିଛି ଯୁବକଙ୍କୁ ମାଡ ମାରିଥିଲେ। ଯାହାକୁ ନେଇ କେହି ମୁହଁ ଖୋଲୁନଥିଲେ ହେଁ ଏହା ସମ୍ପୃକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଶ୍ରୀଜେନାଙ୍କ ଭଳି ଜଣେ ପଦପଦବୀରେ ଥିବା ଜଣେ ଦାୟିତ୍ୱବାନ ବ୍ୟକ୍ତି ନିଜେ ଆଇନକୁ ହାତକୁ ନେବା ଶୁଭଙ୍କର ନୁହେଁ। ଏଣୁ ଏଭଳି ଚର୍ଚ୍ଚାର ସତ୍ୟାସତ୍ୟ ସମ୍ପର୍କରେ ନିରପେକ୍ଷ ତଦନ୍ତ କରିବାକୁ ଡମ୍ବୁରୁ ଦାବି କରିଛନ୍ତି। ପୂର୍ବରୁ ମଧ୍ୟ ଅନୁରୂପ ଭାବେ ମନ୍ତ୍ରୀ ଶ୍ରୀଜେନାଙ୍କ ପୁତୁରା ନିଜ ସମର୍ଥକଙ୍କ ସହ ଆଇନକୁ ହାତକୁ ନେଇ ଗଞ୍ଜାମ ଓକିଲ ସଂଘର ଜନୈକ ସଦସ୍ୟ ଆଇନଜୀବୀଙ୍କ ପରିବାର ସଦସ୍ୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା।

- ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପୁଲିସ ମହାନିର୍ଦ୍ଦେଶକ ଓ ବ୍ରହ୍ମପୁର ଏସପିଙ୍କୁ ତଦନ୍ତ ପାଇଁ ଚିଠି
- ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ବ୍ରହ୍ମପୁର ଏସ୍‌ପିଙ୍କୁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶ

● ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗବେଷକଙ୍କ ସଫଳତା

# ୫ ନୂତନ ପ୍ରଜାତିର ସାମୁଦ୍ରିକ ଜୀବ ଆବିଷ୍କୃତ

ବ୍ରହ୍ମପୁର,୧୩ା୧୨(ସମିସ): ଓଡିଶା ସମେତ ଦେଶର ବିଭିନ୍ନ ଉପକୂଳ ଅଞ୍ଚଳରୁ ପୂର୍ବରୁ ଅନେକ ନୂତନ ପ୍ରଜାତିର ସମୁଦ୍ର ଜୀବ ଆବିଷ୍କାର କରିଥିବା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଚଳିତ ବର୍ଷ ମଧ୍ୟ ପୁଣି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମୁଦ୍ର ବିଜ୍ଞାନ ବିଭାଗର ଡା ଶେଷଦେବ ପାତ୍ର ଓ ତାଙ୍କ ଟିମ୍ ଚଳିତବର୍ଷ ଅର୍ଥାତ୍ ୨୦୨୫ମସିହାରେ ମୋଟ ୫ଟି ନୂତନ ପ୍ରଜାତିର ସମୁଦ୍ରଜୀବ ଆବିଷ୍କାର କରିଛନ୍ତି। ଏହି ଗବେଷଣାକାରୀ ଦଳ ଓଡିଶା ଉପକୂଳର ସମୁଦ୍ରୀୟ ବେନ୍ଥିକ ଜୀବମାନଙ୍କ ଉପରେ ସକ୍ରିୟ ଗବେଷଣା କରୁଛନ୍ତି। ଜୀବମାନଙ୍କର ଆକୃତିଗତ ଲକ୍ଷଣ ସହ ଡିଏନଏ ଅଧ୍ୟୟନ ମାଧ୍ୟମରେ ମଲେକ୍ୟୁଲାର ପଦ୍ଧତି ବ୍ୟବହାର କରି ପ୍ରଜାତିଗୁଡିକୁ ସ୍ପଷ୍ଟ କରୁଛନ୍ତି। ନୂତନ ଆବିଷ୍କୃତ ପ୍ରଜାତିଗୁଡିକ ହେଲେ ଆର୍ସିଡିଆ ଚିଲିକେନସିସ (ଚିଲିକା ହ୍ରଦରୁ ଆବିଷ୍କୃତ ଏକ ପଲିକିଟ ଓ ହ୍ରଦର ନାମାନୁସାରେ ନାମକରଣ) କରାଯାଇଛି। ଆଡମୀରାଣ୍ଡସଓଡିଶାଏନସିସ (ଚିଲିକା ହ୍ରଦରୁ ଆବିଷ୍କୃତ ଏକ ନେମାଟୋଡ ଏବଂ ଓଡିଶାର ନାମାନୁସାରେ ନାମକରଣ) ହୋଇଛି। ସେହିଭଳି ସ୍ୟୁଡୋରହୋମ୍ବସ( ବାହୁଦା ନଦୀ ମୁହାଣରୁ ଆବିଷ୍କୃତ ଏକ ଫ୍ଲାଟ ଫିସ), ଗ୍ରାଣ୍ଡିଡିଏରେଲା ଗୀତାଞ୍ଜଲାଇ( ଚିଲିକାରୁ ଆବିଷ୍କୃତ ଏକ ଆମ୍ଫିପଡ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାଶଙ୍କ ସମ୍ମାନରେ ନାମକରଣ) ଏବଂ ଗ୍ରାଣ୍ଡିଡିଏରେଲା ଖମ୍ବାତେନ (ଗୁଜରାଟରୁ ଆବିଷ୍କୃତ ଏକ ଆମ୍ଫିପଡ, ଗଲ୍ଫ ଅଫ୍ ଖମ୍ବାତ ନାମାନୁସାରେ ନାମକରଣ) କରାଯାଇଛି। ଏହି ସମସ୍ତ ଆବିଷ୍କାର ଜର୍ଣ୍ଣାଲ ଅଫ୍ ନାଚୁରାଲ ହିଷ୍ଟ୍ରୀ ଓ ଜୋଟାକ୍ସା ପରି ପ୍ରତିଷ୍ଠିତ ଆନ୍ତର୍ଜାତୀୟ ସାମୟିକ ଗୁଡିକରେ ପ୍ରକାଶିତ ହୋଇଛି।




ଏହି ଗବେଷଣା ଦଳରେ ଭାରତ ଓ ବିଦେଶର ଅନେକ ସଂସ୍ଥା ଯଥା ଜୁ ସର୍ଭେର୍ ଅଫ୍ ଇଣ୍ଡିଆ, ଆୟରଲ୍ୟାଣ୍ଡର ୟୁନିଭରସିଟି କଲେଜ କର୍କ ଏବଂ ହେମଚନ୍ଦ୍ରାଚାର୍ଯ୍ୟ ନର୍ଥ ଗୁଜରାଟ ବିଶ୍ୱବିଦ୍ୟାଳୟର ଗବେଷକମାନେ ସମ୍ମିଳିତ ଅଛନ୍ତି। ଗବେଷଣା ଛାତ୍ରୀ ଡଃ ଗୀତାଞ୍ଜଳୀ ଭୋଇ ଓ ସୁମନ ପାତ୍ର ଏହି ପ୍ରଜାତିର ସମୁଦ୍ରଜୀବମାନଙ୍କର ଆବିଷ୍କାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ପୂର୍ବରୁ ଏହି ଗବେଷକଙ୍କ ଦ୍ୱାରା ୭ଟି ପ୍ରଜାତିର ସମୁଦ୍ରଜୀବ ଆବିଷ୍କୃତ ହୋଇଥିଲା। ଦଳର ପିଏଚଡି ନିର୍ଦ୍ଦେଶକ ଡା ଶେଷଦେବ ପାତ୍ର କହିଛନ୍ତି ଯେ' ବର୍ତ୍ତମାନ ଗବେଷଣାକାରୀ ଟିମ ଅନେକ ଅତିରିକ୍ତ ସମୁଦ୍ରଜୀବ ପ୍ରଜାତି ଉପରେ କାମ ଜାରି ରଖିଛନ୍ତି। ଯାହା ବିଜ୍ଞାନ ପାଇଁ ବେଶ ସହାୟକ ହୋଇପାରେ। ଏବଂ ଆସନ୍ତା ବର୍ଷରେ ସେଗୁଡିକ ପ୍ରକାଶିତ ହେବାର ଆଶା ଥିବା ସେ କହିଛନ୍ତି।

# ଜମିଲା ଶୀତ କବିତା ଆସର



ବ୍ରହ୍ମପୁର,୧୩ା୧୨(ସମିସ): ଗଞ୍ଜାମ କଳା ପରିଷଦରେ ରାଜଧିରାଜ ଦେବରାଜ ସାହିତ୍ୟ ସଂସଦ ଏବଂ ଲେଖିକା ସଂସଦର ମିଳିତ ଆନୁକୂଲ୍ୟରେ ଶୀତ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ କବି ଆଶୁତୋଷ ପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଡକ୍ଟର ଶ୍ୟାମା ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ସୂଚନା ପାଢ଼ୀ ସମ୍ମାନିତ ଅତିଥି ଭାବେ କାଳିନ୍ଦୀ ନାୟକ, ଏବଂ ତାପସ ପାଣିଗ୍ରାହୀ ଯୋଗ ଦେଇଥିଲେ। ନୂତନ କବିମାନେ ଶୀତ କବିତାକୁ ଆହୁରି ସୁନ୍ଦର ଭାବେ ରଚନା କରି ପତ୍ର, ପତ୍ରିକାରେ ପ୍ରକାଶ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏ ଅବସରରେ ରାଜଧିରାଜ ଅନୁଷ୍ଠାନ ତରଫରୁ ପତ୍ରିକାକୁ ଉନ୍ମୋଚନ କରାଯାଇଥିଲା। ଆସରରେ ବରିଷ୍ଠ କବି ପ୍ରଫୁଲ ତ୍ରିପାଠୀ, ବି ସତ୍ୟମ ଆଚାରୀ, ଗଙ୍ଗାଧର ମାହାଙ୍କୁଡ, ଡକ୍ଟର ସନ୍ତୋଷ ଦାଶ, ଶରତ ଦାଶ, ସୁନୀଲ ପ୍ରଧାନ, ପଦ୍ମିନୀ ମିଶ୍ର, ନିହାରିକା ସାହୁ, କ୍ଷଣପ୍ରଭା ଶତପଥି, ଅମିତା ମିଶ୍ର, ସୌଦାମିନୀ ମିଶ୍ର, ପ୍ରେମ ଶିଳା ନନ୍ଦଙ୍କ ସମେତ ବହୁ କବି କବିତା ପାଠ କରିଥିଲେ। କବିତା ଗୁଡିକୁ ସ୍ୱର୍ଣ୍ଣମୟୀ ପାଢ଼ୀ ସଞ୍ଜୀଜନା କରିଥିବା ବେଳେ ସୁଧାଞ୍ଜଳୀ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଗଞ୍ଜାମ ଜିଲ୍ଲା ଆଥ୍‌ଲେଟିକ୍ ମିଟ୍ ଉଦ୍‌ଘାଟିତ



ବ୍ରହ୍ମପୁର,୧୩ା୧୨(ସମିସ): ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ୬୨ତମ ଗଞ୍ଜାମ ଜିଲ୍ଲା ଆଥଲେଟିକ ମିଟ୍ ଉଦଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ଏକ ହଜାରରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବହ୍ମପୁର ବିଧାୟକ ପ୍ରତିନିଧି ଅଶୋକ ଶୁକ୍ଳା, ପ୍ରଦୀପ ନାୟକ ଓ ବାଳକୃଷ୍ଣ ସାମନ୍ତରାୟ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହେବ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ରାଜେନ୍ଦ୍ର ସାହୁ, ପ୍ରମୋଦ ମହାରଣା, ଗୋପାଳ ପଣ୍ଡା, ସୁଦର୍ଶନ ସେଠି, ଟୁକୁ ସେଠି, ରବୀନ୍ଦ୍ର ମହାରଣା, ବିଶ୍ୱନାଥ ପାତ୍ର ଓ ଟି. ଶ୍ରୀନିବାସ ପ୍ରତିଯୋଗୀତାକୁ ପରିଚାଳନା କରିଥିବା ବେଳେ କେ. ଭି. ଜି ରବି କୁମାର ସଂଚଳକ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ସବରେ ବେଳେ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସଦସ୍ୟ କେଦାର ଚୌଧୁରୀ, ଡି. ଆପା ରାଓ, ରାଜେନ୍ଦ୍ର ଗନ୍ତାୟତ, ଡି. ଡି ଗନ୍ତାୟତ, ଏଲ. କେ ରାଓ ରେଡ୍ଡୀ, ବିଜୟ ପଟନାୟକ ଓ ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ସିଟି ହସ୍ପିଟାଲରେ ଗୁଟ୍‌ଖା ମନା; ଧରାପଡ଼ିଲେ ଜରିମାନା

ବିଭିନ୍ନ ୱାର୍ଡରେ ଯାଞ୍ଚ କରୁଛନ୍ତି ସୁରକ୍ଷା କର୍ମୀ | ଜିଲ୍ଲା ପ୍ରଶାସନର ପଦକ୍ଷେପକୁ ପ୍ରଶଂସା

ବ୍ରହ୍ମପୁର,୧୩ା୧୨(ସମିସ)

ବ୍ରହ୍ମପୁର ନଗର ଚିକିତ୍ସାଳୟ (ସିଟି ହସ୍ପିଟାଲ) କୁ ସରସ ସୁନ୍ଦର କରିବାକୁ ବିଭିନ୍ନ ଉଦ୍ୟମ କରାଯାଉଛି। ଏଥିରେ ଆଉପାଦେ ଆଗେଇ ଏବେ ସ୍ୱଚ୍ଛ ଓ ସୁନ୍ଦର ରଖିôବାକୁ ହସ୍ପିଟାଲ ପରିସରରେ ଗୁଟ୍‌ଖା ମନା ହୋଇଛି। ଗୁଟ୍‌ଖା ଖାଇ ଛେପ ପକାଇଲେ ଜରିମାନା ଦେବାକୁ ପଡ଼ିବ। ଏନେଇ ବିଭିନ୍ନ ୱାଡର୍‌ରେ ସୁରକ୍ଷାକର୍ମୀମାନେ ବିଭିନ୍ନ ସମୟରେ ଯାଞ୍ଚ ମଧ୍ୟ କରୁଛନ୍ତି।




ସୂଚନାପ୍ରକାରେ ସିଟି ହସ୍ପିଟାଲକୁ ବିଭିନ୍ନ ସମୟରେ ବହୁ ରୋଗୀ, ସେମାନଙ୍କ ସମ୍ପର୍କୀୟ ସମେତ ବିଭିନ୍ନ କାର୍ଯ୍ୟ ଲାଗି ଲୋକେ ଆସିଥାନ୍ତି। କିଛି ବ୍ୟକ୍ତି ଗୁଟ୍‌ଖା ଖାଇ ଏଠିସେଠି ଛେପ ପକାଉଛନ୍ତି ତ, ଆଉ କିଏ ଅଳିଆ ଆର୍ବଜନା ପକାଇ ମେଡ଼ିକାଲ ଅପରିଷ୍କାର କରୁଛନ୍ତି। ଏଭଳି ଅମାନିଆଙ୍କୁ ସାବାଡ଼ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଓ ବ୍ରହ୍ମପୁର ସିଟି ହସ୍ପିଟାଲ କର୍ତ୍ତୃପକ୍ଷ ଏକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି। ହସ୍ପିଟାଲ ପରିସରକୁ ବିଭିନ୍ନ ଗୁଟଖା, ପାନ ଓ ନାଶ ଭଳି ବହୁ ନିଶା ସାମଗ୍ରୀ ନେଇ ପ୍ରବେଶ କରୁଥିବା ରୋଗୀଙ୍କ ସମ୍ପର୍କୀୟଙ୍କୁ ଯାଞ୍ଚ କରାଯାଉଛି। ତେବେ ରୋଗୀଙ୍କ ସମ୍ପର୍କୀୟ ମୁଖ୍ୟତଃ ପାନ ଓ ପୁଡ଼ିଆ ଖାଇ ମେଡ଼ିକାଲ ପରିସରରେ ଥିବା ଲିଫ୍ଟ, ବିଭିନ୍ନ କୋଠାର କାନ୍ଥ ସମେତ ବହୁ ସ୍ଥାନରେ ଛେପ ପକାଇ ଅପରିଷ୍କାର କରିଥାନ୍ତି। ଯାହାଫଳରେ ହସ୍ପିଟାଲର ସୌନ୍ଦର୍ଯ୍ୟ ନଷ୍ଟ ସହ ମେଡ଼ିକାଲ ପରିସର ଅପରିଷ୍କାର ହୋଇଥାଏ। ଏଭଳି ଅମାନିଆ ରୋଗୀଙ୍କ ସମ୍ପର୍କୀୟଙ୍କୁ ମେଡ଼ିକାଲ ପକ୍ଷରୁ ବାରମ୍ବାର ସଚେତନ କରିବା ସହ ଏଭଳି କାର୍ଯ୍ୟ ନକରିବାକୁ ଅନୁରୋଧ କରାଯାଇଛି। ଏହା ପରେ ମଧ୍ୟ ହସ୍ପିଟାଲର ବିଭିନ୍ନ ସ୍ଥାନରେ ପ୍ରତିଦିନ ପାନ ଓ ପୁଡ଼ିଆ ଛେପ ପଡୁଛି। ଏହା ଉପରେ ରୋକ୍ ଲଗାଇବାକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ସିଟି ହସ୍ପିଟାଲ କର୍ତ୍ତୃପକ୍ଷ ରୋଗୀଙ୍କ ସମ୍ପର୍କୀୟଙ୍କ ପକେଟ ଯାଞ୍ଚ କରିବା ଆରମ୍ଭ କରିଛନ୍ତି। ଦିନରେ ଏକାଧିକ ସମୟ ମେଡ଼ିକାଲର ସୁରକ୍ଷାକର୍ମୀ ବିଭିନ୍ନ ୱାଡର୍ ଓ ଓପିଡ଼ି ବୁଲି ରୋଗୀ ସମ୍ପର୍କୀୟଙ୍କ ପକେଟ ଯାଞ୍ଚ କରୁଥିବା ଦେଖିବାକୁ ମିଳିଛି। ଯେଉଁ ବ୍ୟକ୍ତି ଗୁଟଖା ଓ ପାନ ଛେପ ହସ୍ପିଟାଲର କୌଣସି ସ୍ଥାନରେ ପକାନ୍ତି। ତେବେ ଉକ୍ତ ବ୍ୟକ୍ତିଙ୍କ ୫୦ରୁ୨୦୦ଟଙ୍କା ଜରିମାନା ଆଦାୟ କରିବାକୁ ସିଟି ହସ୍ପିଟାଲ କର୍ତ୍ତୃପକ୍ଷ ନିଷ୍ପତି ନେଇଥିବା ଜଣାପଡିଛି। କର୍ତ୍ତୃପକ୍ଷ ନିଷ୍ପତି ଦ୍ୱାରା ମେଡ଼ିକାଲ ପରିସର ପରିଷ୍କାର ରହିବା ସହ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହୋଇପାରିବ। ହସ୍ପିଟାଲରେ ରୋଗୀ ଚିକିତ୍ସା ସହ ଏଭଳି କାର୍ଯ୍ୟ ପ୍ରତିଦିନ ଜାରି ରହୁ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଜିଲ୍ଲା ପ୍ରଶାସନ ଓ ସିଟି ହସ୍ପିଟାଲ କର୍ତ୍ତୃପକ୍ଷ ଏଭଳି ଉତ୍ତମ ପଦକ୍ଷେପକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ଜିଲ୍ଲାରେ ସମସ୍ତ ହସ୍ପିଟାଲ ଓ କାର୍ଯ୍ୟଳୟରେ ଏଭଳି କାର୍ଯ୍ୟ କରିବାକୁ ମତ ପ୍ରକାଶ ପାଇଛି।

# ପ୍ରଫେସର ସଦାଶିବ ପଣ୍ଡାଙ୍କ ବିୟୋଗରେ ଶୋକସଭା



ବ୍ରହ୍ମପୁର,୧୩ା୧୨(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ସଦାଶିବ ପଣ୍ଡାଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ସମୂହର ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଏହି ଶୋକସଭା ଅନୁଷ୍ଠିତ ହୋଇଥିଲା। ପ୍ରଫେସର ପଣ୍ଡା ଖଲ୍ଲିକୋଟ ମହାବିଦ୍ୟାଳୟରେ ଭୂତତ୍ତ୍ୱ ବିଭାଗର ଅଧ୍ୟାପକ ଭାବରେ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଖଲ୍ଲିକୋଟ ମହାବିଦ୍ୟାଳୟର ଏହି ବିଭାଗ ପ୍ରତିଷ୍ଠା କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ୩ ଜାନୁୟାରୀ ୧୯୯୪ ଠାରୁ ୩୦ ଜୁନ ୧୯୯୪ ମସିହା ପର୍ଯ୍ୟନ୍ତ ଖଲ୍ଲିକୋଟ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ କରିଥିଲେ ବୋଲି ଏଠାରେ କୁହାଯାଇଛି। ଗତକାଲି ସନ୍ଧ୍ୟାରେ ସେ ଇହଲୀଳା ସମ୍ବରଣ କରିଛନ୍ତି। ତାଙ୍କର ବିୟୋଗରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ, ଉପ କୁଳସଚିବ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ରଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ଦୁଇମିନିଟ ନିରବ ପ୍ରାର୍ଥନା କରିବା ସହ ପ୍ରଫେସର ସଦାଶିବ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ।

# ଆଚରଣ



ପଦ୍ମାଳୟା ସାମଲ



ରୋହନ ସ୍କୁଲରୁ ଫୋନ୍ ଆସିଲା ବିବେକବାବୁଙ୍କ ପାଖକୁ । ଯେମିତି ହେଲେ ଆଜି ଅପରାହ୍ଣ ପାଞ୍ଚଟା ସୁଦ୍ଧା ସ୍କୁଲରେ ପହଞ୍ଚି ପ୍ରିନ୍ସିପାଲଙ୍କୁ ଭେଟିବାକୁ କହିଲେ। ପିଲାଟା ପୁଣି ବଦମାସୀ କଲାକି କ'ଣ! ନହେଲେ ଗତ ସପ୍ତାହରେ ତ ତା'ର ପରୀକ୍ଷା ପରର ମିଟିଂ ହୋଇଥିଲା। ସୁନନ୍ଦା ଯାଇଥିଲା। ପୁଣି କାହିଁକି ଡକେଇ ପଠେଇଲେ ସ୍କୁଲବାଲା ତାଙ୍କୁ? ସ୍କୁଲ ଫି' ତ ତିନି ମାସ ପାଇଁ ଦେଇ ଦେଇଛନ୍ତି ସେ। ସାଙ୍ଗସାଥୀଙ୍କ ସହ ଗଣ୍ଡଗୋଳ କି ମାରପିଟ୍ କରିନି ତ ରୋହନ? ସ୍କୁଲରେ ପଡ଼ିଗଲା କି ଦେହ ଖରାପ ହେଲା କି ଆଉ? ଏମିତି ଅଫିସ୍‌ରେ ବସି ନାନା ଭାବନାରେ ଘାରି ହେଉଥିଲେ ବିବେକ।

ଅପରାହ୍ଣ ଚାରିଟା ବେଳକୁ ଅଫିସ୍‌ରୁ ଗାଡ଼ି ଷ୍ଟାର୍ଟ କଲେ ବିବେକ । ରୋହନର ସ୍କୁଲ ଅଭିମୁଖେ ସେ । ରୋହନ ଜନ୍ମବେଳେ ଅନେକ ସ୍ୱପ୍ନ ଦେଖିଥିଲେ ବାପା ହିସାବରେ । ପୁଅକୁ ପାଠ ପଢ଼େଇବେ, ଭଲ ସଂସ୍କାର ଶିଖେଇବେ । ହେଲେ ତା'ର ସ୍ୱଭାବ ଯାହା କୋଉଟା ବି ଠିକ୍ ଭାବରେ ହେଉନି। ପିଲାଟା ଏତେ ଦୁଷ୍ଟ ହେଉଛି ଯେ, ପାଖରେ ତ ବସୁ ନାହିଁ କିଛି ଶିଖେଇବା ତ ଦୂରର କଥା । ଘରର କୌଣସି ଜିନିଷ ଆଉ ଅଭଙ୍ଗା ନାହିଁ । ଅବଶ୍ୟ ଟିକେ ବଡ଼ ହେଲାରୁ ଆଉ ଭଙ୍ଗାରୁଜା କରୁନାହିଁ। ସ୍କୁଲ ଗଲା ପରେ ପ୍ରାୟ ଦିନ ସ୍କୁଲରୁ ଫୋନ୍‌ରେ ତା' ନାଁରେ ଅଭିଯୋଗ ଆସେ, ଆଜି ରୋହନ କାହାକୁ ପେଲି ଗୋଡ଼ ହାତ ଭାଙ୍ଗି ଦେଇଛି ନଚେତ୍ କାହାକୁ ମାରି ନାକ ଫଟେଇ ଦେଇଛି। ପିଟିଏମ୍‌କୁ ଗଲେ ପିଲାଙ୍କ ସମ୍ପର୍କରେ ଭଲ କଥା ଶୁଣିକି ଆସନ୍ତି ବାପା ମାଆ। ହେଲେ ରୋହନ ବାବଦରେ ସମସ୍ତଙ୍କ ସାମ୍ନାରେ କ୍ଲାସ୍ ଟିଚର୍‌ଙ୍କୁ କିଛି ପଚାରିବାକୁ ଖରାପ ଲାଗେ ବିବେକଙ୍କୁ। କାରଣ ପୂର୍ବରୁ ଅନେକ ଥର ନେଗେଟିଭ୍ ରିମାର୍କ ଶୁଣିବାକୁ ପଡ଼ିଛି ତାଙ୍କୁ। ତେଣୁ ସମସ୍ତେ ପଳେଇ ଯିବା ପରେ ଏକାନ୍ତରେ ଦି ପଦ କ୍ଲାସ୍ ଟିଚର୍‌ଙ୍କ ସହିତ କଥା ହେବେ ବୋଲି ଅପେକ୍ଷା କରନ୍ତି ସେ ଆଉ ସୁନନ୍ଦା।

"ଆଗକୁ ହଇରାଣ ହେବେ। ତାକୁ ଟିକିଏ ଜଗନ୍ତୁ ଏବେଠାରୁ", କୁହନ୍ତି କ୍ଲାସ୍ ଟିଚର୍। ପାଠ ତ ଯାହା ପଢୁଛି । ସାଙ୍ଗସାଥୀମାନଙ୍କ ସହିତ ସବୁବେଳେ ଝଗଡ଼ା ମାରପିଟ୍। ଏ ପ ରି କି ଟିଚର୍‌ଙ୍କ ସହିତ କେମିତି କଥା ହେବାକୁ ହୁଏ ଜାଣୁନି ରୋହନ। ପ୍ରିନ୍ସପାଲଙ୍କୁ ବି ଡର ଭୟ ନାହିଁ ତା'ର। ତାଙ୍କ ସାମ୍ନାରେ ବି ଅନ୍ୟ ପିଲାଙ୍କୁ ଭାଷା ଖରାପ କରି କହୁଛି । କ୍ଲାସ୍ ଟିଚର୍ ହିସାବରେ ମତେ ଶୁଣିବାକୁ ପଡୁଛି ତା' ପାଇଁ" କୁହନ୍ତି ସୋନାଲି ମିସ୍।

ଯେତେଥର ପିଟିଏମ୍ ଗଲେ ବି ରୋହନ ବାବଦରେ ଖରାପ ମନ୍ତବ୍ୟ ଶୁଣିବାକୁ ପଡ଼ିଲା ବିବେକଙ୍କୁ । ଆସିକି ଘରେ ପୁଅ ଉପରେ ବିରକ୍ତ ହୁଅନ୍ତି ସେ। ସେହି କଥାକୁ ନେଇ ସୁନନ୍ଦା ସହ ଝଗଡ଼ା ହୁଏ। ମୁହଁ ଫୁଲାଫୁଲି, କଥାବାର୍ତ୍ତା ବନ୍ଦ ହୁଏ ସପ୍ତାହେ ଯାଏଁ। ତେଣୁ ପ୍ରାୟ ପାଞ୍ଚ ମାସ ହେବ ବିବେକ ଆଉ ଯାଉ ନଥିଲେ ପିଟିଏମ୍‌କୁ। ସୁନନ୍ଦା ପାଇଁ ସ୍କୁଟି କିଣି ଦେବା ପରେ ଏକା ସେ ଯାଉଛନ୍ତି।

ମୋବାଇଲ୍‌ରେ ଖେଳିବା ଛଡ଼ା ଅନ୍ୟ କୋଉଥିରେ ଆଗ୍ରହ ନ ଥାଏ ରୋହନର। ଟିକିଏ ସମୟ ପାଇଲେ ମୋବାଇଲ୍ ଧରି ବସେ। ସେଥିରେ ଏମିତି ବୁଡ଼ିଯାଏ ଯେ କେହି ଡାକିଲେ ବି ଶୁଣିପାରେନି ସେ। କ'ଣ ସବୁ ଦେଖିକି ହସି ହସି ଗଡ଼ିଯାଏ । ମୁହଁ ଉଠାଏନି ମୋବାଇଲ୍‌ରୁ। ବିବେକ ଏସବୁ ଦେଖି ବିରକ୍ତ ହୁଅନ୍ତି । ବାବା ବିରକ୍ତ ହେବାର ଦେଖିଲେ ମୋବାଇଲ୍ ଥୋଇଦିଏ ରୋହନ। ପୁଣି କିଛି ସମୟ ପରେ ଯାହାକୁ ସେଇଆ।

ଆସନ୍ତା ସପ୍ତାହରେ ପରୀକ୍ଷା । ଷଷ୍ଠ ଶ୍ରେଣୀରେ ପଢୁଥିବା ରୋହନ ବହି ଧରୁ ନଥାଏ ଜମା। କେତେବେଳେ ସାଇକେଲ ଧରି କୁଆଡ଼େ ପଳାଏ ତ ଆଉ କେତେବେଳେ ମୋବାଇଲ୍ ଧରି ଗେମ୍ ଖେଳେ। ପୁଅକୁ ଦେଖି ବ୍ୟସ୍ତ ହୋଇପଡ଼ନ୍ତି ବିବେକ। ହେଲେ ସୁନନ୍ଦା କୁହନ୍ତି,"ଏ ବୟସରେ ବୁଝେଇ ଶୁଝେଇ କହିଲେ ଭଲ। ତା' ଉପରେ ଚିଡ଼ିଚିଡ଼ି ହେଲେ କିଛି ଲାଭ ନାହିଁ। ବଡ଼ ହେଲେ ଆପେ ବୁଝିଯିବ ସେ। ଆଜିକାଲି ଯୁଗରେ ମୋବାଇଲ୍ ଦେଖନା ବୋଲି ଆଉ କହିଲେ ହବ କି? କରୋନା ସମୟରୁ ଅନଲାଇନ୍ କ୍ଲାସ୍ ତ ସବୁ ପିଲାଙ୍କୁ ମୋବାଇଲ୍ ଧରିବା ଅଭ୍ୟାସରେ ପକାଇଦେଲା।" ତେଣୁ ପୁଅର ମୋବାଇଲ ଦେଖା ସପକ୍ଷରେ ସବୁବେଳେ ଯୁକ୍ତି ବାଢ଼ନ୍ତି ସୁନନ୍ଦା।

ଅନେକ ଭାବନା ଭିତରେ ରୋହନ ସ୍କୁଲର ପ୍ରିନ୍ସିପାଲ୍ ବସୁଥିବା କୋଠରି ଭିତରେ ଆସି ପହଞ୍ଚିଯାଇଥିଲେ ବିବେକ। ପ୍ରିନ୍ସିପାଲ୍ ରୋହିତ ଶେଖର କହିଲେ,"ବୁଝିଲେ ବିବେକବାବୁ ସବୁ ପିଲାଙ୍କର ପାଠ ହୁଏନି। ମୁଁ ବି ରୋହନର ପାଠପଢ଼ା ବାବଦରେ କହିବାକୁ ଡକେଇନି ଆପଣଙ୍କୁ। ଆପଣ ଶୁଣି ଆଶ୍ଚର୍ଯ୍ୟ ହେବେ ଯେ, ଆମ ସ୍କୁଲର ବାର୍ଷିକ ଉତ୍ସବରେ ରୋହନକୁ ଆମ ସ୍କୁଲ ପରିସରରେ ସମ୍ବର୍ଦ୍ଧିତ କରାଯିବ । ସେଦିନ ରୋହନକୁ ସମ୍ବର୍ଦ୍ଧିତ କରୁଥିବା ବ୍ୟକ୍ତି ଜଣକ ଆମ ସ୍କୁଲର ମୁଖ୍ୟ ଅତିଥି ଏବଂ ସେହି ବ୍ୟକ୍ତିଜଣଙ୍କୁ ନିଜର ଉପସ୍ଥିତ ବୁଦ୍ଧି ପାଇଁ ମରଣ ମୁହଁରୁ ବଞ୍ଚେଇ ଦେଇଛି ରୋହନ । ସେଥିପାଇଁ ଆମେ ସମସ୍ତେ ଆଜି ଗର୍ବିତ। ତାକୁ ପଚରା ଯିବାରୁ ସେ କ'ଣ କହିଲା ଜାଣନ୍ତି?" ସେ କହିଲା,"ମୋ ପୁରସ୍କାରର ଶ୍ରେୟ ମୋ ବାବାଙ୍କୁ ଦେବି । ସେ ଦିନେ ମତେ ସ୍କୁଲରୁ ଘରକୁ ନେବା ବାଟରେ ନିଜର ଗାଡ଼ି ଅଟକାଇ ଜଣେ ଅନ୍ଧଲୋକକୁ ରାସ୍ତା ପାର କରାଇ ତା'ର ଜୀବନ ରକ୍ଷା କରିଥିଲେ।" ସେଦିନର ସେହି ଘଟଣା ତା'ର କଅଁଳ ମନରେ ପ୍ରଭାବ ପକାଇଥିଲା।

ସେଦିନର ଘଟଣା ସମ୍ପର୍କରେ ସେ କ'ଣ କହିଲା ଶୁଣନ୍ତୁ - "ଦୁଇମାସ ତଳେ ଦିନେ ରୋହନ ସ୍କୁଲ ଆସିବା ରାସ୍ତାରେ ଦେଖିଲା ତା' ସାମ୍ନାରେ ଜଣେ ମୋଟର ସାଇକେଲ ଆରୋହୀଙ୍କୁ କାର୍‌ଟିଏ ଧକ୍କା ଦେଇ ଦ୍ରୁତ ବେଗରେ ପଳେଇଗଲା। ଟିକିଏ ଅଟକିଲା ନାହିଁ ଲୋକଟି ବଞ୍ଚିଲା ନା ମଲା ଦେଖିବାକୁ। ଛଟପଟ ହେଉଥାଏ ସେ ବ୍ୟକ୍ତିଜଣକ। ରୋହନ ଦେଖିଲା ଲୋକଟିର ମୁଣ୍ଡ ଫାଟି ରକ୍ତ ବାହାରୁଛି। ସେ ଚେତାଶୂନ୍ୟ ପ୍ରାୟ ହୋଇ ଯାଇଛି । ପାଖଦେଇ ଯାଉଥିବା ଲୋକେ କେହି ସାହାଯ୍ୟ ନ କରି ନିଜ ନିଜ ରାସ୍ତାରେ ଚାଲି ଯାଉଥାଆନ୍ତି । ସାଇକେଲରୁ ଓହ୍ଲେଇ ବ୍ୟାଗରୁ ପାଣି ବୋତଲ ବାହାର କରି ରୋହନ ତାଙ୍କ ମୁହଁରେ କିଛି ପାଣି ଛାଟିଦେଲା ଆଉ କେଇବୁନ୍ଦା ପାଣି ତାଙ୍କ ପାଟିରେ ଦେଲା। ତାଙ୍କ ଚେତା ଫେରିଆସିବାରୁ ରାସ୍ତାରେ ଯାଉଥିବା ଟେମ୍ପୋକୁ ଅଟକାଇ ତାଙ୍କୁ ଡାକ୍ତରଖାନା ନେଲା। ଡାକ୍ତରଙ୍କୁ ଅନୁରୋଧ କରିବାରୁ ସେ ଚିକିତ୍ସା ଆରମ୍ଭ କଲେ। ଯାହା ଫଳରେ ସେ ବଞ୍ଚିଗଲେ। ଠିକଣା ସମୟରେ ତାଙ୍କୁ ହସ୍ପିଟାଲରେ ପହଞ୍ଚାଇ ଥିବାରୁ ରୋହନକୁ ଡାକ୍ତର ସାବାସୀ ଦେଲେ ଏବଂ କହିଲେ ଆଉ କିଛି ସମୟ ବିଳମ୍ବ ହୋଇଥଲେ ହୁଏତ ସେ ବଞ୍ଚି ନଥାନ୍ତେ । ପରେ ଜଣାପଡ଼ିଲା ସେ ବ୍ୟକ୍ତି ଜଣକ କଟକର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଏବଂ ସମାଜସେବୀ। ରୋହନ ତାଙ୍କର ଜୀବନ ବଞ୍ଚେଇ ଥିବାରୁ ତାଙ୍କ ଅନୁଷ୍ଠାନ ତରଫରୁ ସେ ଆମ ସ୍କୁଲର ବାର୍ଷିକ ଉତ୍ସବରେ ତାକୁ ପୁରସ୍କୃତ କରିବେ । ଆସନ୍ତା ବାର୍ଷିକ ଉତ୍ସବରେ ରୋହନର ମାମାଙ୍କୁ ଧରି ଆପଣ ଆମ ସ୍କୁଲର ସେହି ବିଶେଷ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆମ ଖୁସିରେ ସାମିଲ ହେବାକୁ ଅନୁରୋଧ।"

ସେତେବେଳକୁ ବିବେକବାବୁଙ୍କ ଆଖିରେ ଜକେଇ ଆସିଥିଲା ଖୁସିର ଲୁହ। ସେ ଅନୁଭବ କରୁଥିଲେ, ଉଚ୍ଚାରଣରେ ନୁହେଁ ବରଂ ଆଚରଣରେ ପିଲାମାନେ ଅଧିକ ପ୍ରଭାବିତ ହୁଅନ୍ତି। ■

ଭୁବନେଶ୍ୱର
ମୋ: ୭୦୦୮୩୪୮୧୭୨

## ପ୍ରତିବିମ୍ବ

ଚକ୍ରପାଣି ପରିଚ୍ଛା



ଅଚାନକ ସାମ୍ନାରେ ଆସି ଠିଆ
ପ୍ରତିବିମ୍ବ,
ନିଜର

ବୁଝିପାରେନା
ଆଇନା ଭିତରୁ ଉଠିଆସିଲା କେମିତି,
କେଉଁ ଅର୍ଗଳି ପାର୍ ହେଇ

କହେ
କେତେ ଆକର୍ଷଣୀୟ ତମ ଚେହେରା

ଆହା
କି ମଧୁର କଟାକ୍ଷ
ସ୍ନାୟୁର ଜଙ୍ଗଲରେ ନିଆଁ ଚରିଯାଏ

ଗୋଟେ ମଳିନ
ଗୋଟେ ଅପରିଚ୍ଛନ୍ନ ଚେହେରାର
ଅସଜଡ଼ା ମଣିଷ ପାଇଁ
କେତେ ଦରଦ

କହେ ବି
ଜାଣେ, ତମ ଚେହେରା ଭିତରର


ସବୁତକ ଗୁମର
ପାପପୁଣ୍ୟର ଖେଳ

ମୁଁ ଯେ ଗୋଟେ ମାତାଲ ପତଙ୍ଗ
ଝାସ ଦେଇପାରେ
ଡହଡହ ନିଆଁର ହ୍ରଦରେ,
ପାପର

ଜଳିବାକୁ ଭଲପାଏ ବୋଲି
ଜଳେ ବାରମ୍ବାର
ଏବଂ ଉଠିଆସେ ଫିନିକ୍ସ ପକ୍ଷୀ ପରି

ପ୍ରତିବିମ୍ବ
ଜୀବନର ସର୍ବଶ୍ରେଷ୍ଠ ବିସ୍ମୟ
ନିଜ ପାଇଁ...। ■

ମୋ: ୯୧୭୮୬୪୭୧୩୭



## ଶବ୍ଦସ୍ନାନ

ପ୍ରତିଭା ପରିଡ଼ା



ଏମିତି କ'ଣ
ଶବ୍ଦମୟ ହୋଇ ଯାଉଛ ଯେ!
ମୁଁ ଢୋକି ପାରୁନି ସେ ସବୁ...
କାହିଁ କେତେ ଜନ୍ମରୁ
ମୁଁ ଶବ୍ଦଟିଏ ଶୁଣିନି,
ଚାରିପାଖରେ ମୋର ସ୍ୱରମୟ ମାଟି...
ଅଥଚ କେଉଁ କାଳରୁ
ମୁଁ ନୀରବ ହୋଇ ଯାଇଛି...

ମୁଁ ସ୍ଥିରା ପୃଥ୍ୱୀଟେ,
ଏମିତି ମହିମମୟ ଆବେଗରେ
ସାରା ସଂସାରକୁ ଢାଙ୍କି ରଖିଛ ଯେ,
ତୁମ ଆପ୍ଳୁତ ଆଶିଷର ଧାରାରେ
ମୋ ଛାତିର ଶବ୍ଦ ସବୁ
ଜୁଡୁବୁଡୁ ହୋଇ ପଡୁଛି...
ମୁଁ ତ କେଉଁ କାଳରୁ
ପ୍ରାର୍ଥନାର ନୈବେଦ୍ୟ ପାଲଟି ସାରିଛି...


ମହୁଆ ଆକାଶରୁ
ଗୋଟି ଗୋଟି ତାରା ତୋଳି ଦେବା ଭଳି,
କେଉଁଠୁ ଏତେ ଶବ୍ଦର ସମ୍ଭାର ଆଣି
ଭରି ଦେଉଛ ମୋ ଆତ୍ମାରେ!
ଟଳମଟଳ ଦେହ ମୋର
ଅଜଣା ଏକ ମହାମନ୍ତ୍ରର ଭାରାରେ
ପୁଲକିତ ହୋଇ ପଡୁଛି
ଶବ୍ଦସବୁକୁ ଶୋଷି ନେବାର ତପସ୍ୟା କରୁଛି...
ଦେଖ!
ତୁମ ସାରା ବିଶ୍ୱାସର ବିଭୂତିକୁ,
ମୋ ଆୟୁଷର ବର୍ଣ୍ଣମାଳାରେ
ମୁଁ କେମିତି ସଜେଇ ଦେଉଛି... ■

ପାର୍କ ପାରାଡାଇଜ୍ କଲୋନୀ
ରଘୁନାଥପୁର, ନନ୍ଦନକାନନ ରୋଡ୍
କିଟ୍ ଛକ, ଭୁବନେଶ୍ୱର-୭୫୧୦୨୪
ମୋ: ୮୯୧୭୬୦୩୪୪୨

## ପୁସ୍ତକ ପରିଚୟ

### ଅମନ ମନ୍ଦିରେ ବାସ

କ୍ଷୀରୋଦ ପରିଡ଼ା





ପକ୍ଷୀଘର
୩୨, ମଧୁସୂଦନ ନଗର
ଭୁବନେଶ୍ୱର-୦୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୩୫୦ ଟଙ୍କା

ଓଡ଼ିଆ କାବ୍ୟ ସାହିତ୍ୟର ଯୁଗଜନ୍ମା କବି ଭୀମ ଭୋଇ। ଏହି ମହାନ୍ କବିଙ୍କ ଜୀବନକୁ ଆଧାର କରି ରଚିତ କ୍ଷୀରୋଦ ପରିଡ଼ାଙ୍କ 'ଅମନ ମନ୍ଦିରେ ବାସ' ଚରିତ ଉପନ୍ୟାସ ପ୍ରକାଶ ପାଇଛି। ସନ୍ଥ କବି ଭୀମ ଭୋଇଙ୍କ ଜୀବନ ଜିଜ୍ଞାସାର ଅନୁପମ ପରିଚିତି ଏହି ଉପନ୍ୟାସରେ ପ୍ରତିଫଳିତ ହୋଇଛି। ଏହି ଉପନ୍ୟାସର ନାୟକ ଖୁବ୍ ଶକ୍ତିମାନ। "ସେ ଗୁଣ ନୁହେଁ ନିର୍ଗୁଣର ନୀରାଜନା କରିବେ, ବେଦ ନୁହେଁ ନିର୍ବେଦର ସାଧନା କରିବେ। ଆଭିଜାତ୍ୟ ନୁହେଁ ସରଳ ଲୋକଭାଷାରେ କହିବେ, ସଂଖ୍ୟା ଗରିଷ୍ଠ ଲୋକମାନଙ୍କ ପାଇଁ। ସେ ହେବେ ଲୋକକବି।" (ପୃଷ୍ଠା: ୯୫) ଏହି ଉକ୍ତିରୁ ଉପନ୍ୟାସର ନାୟକଙ୍କ ଜୀବନ ଦର୍ଶନ ଓ ମହତ୍ ଚିନ୍ତାଧାରା ବେଶ୍ ସ୍ପଷ୍ଟ ଭାବେ ପ୍ରସ୍ଫୁଟିତ। ଭୀମ ଭୋଇଙ୍କ କାବ୍ୟିକ ଦୃଷ୍ଟିଭଙ୍ଗୀ, ଚିନ୍ତା, ଚେତନା, ବିଚାର, ବିବେକର ସ୍ୱର ପ୍ରକାଶ ପାଇଛି ଏହି ଚରିତ ଉପନ୍ୟାସରେ। ଉପନ୍ୟାସର ଚରିତ୍ର ଚିତ୍ରଣ, ଉପସ୍ଥାପନା ଶୈଳୀ, ଭାବ, ଭାଷା ପ୍ରୟୋଗ ଓ କାବ୍ୟିକ ପ୍ରତିବେଦନ ଅତି ଚମତ୍କାର ଭାବେ ଫୁଟି ଉଠିଛି। ସନ୍ଥକବି ଭୀମ ଭୋଇଙ୍କ ଜୀବନ ଚରିତ ଉପନ୍ୟାସରେ କବିଙ୍କ ରଚିତ କାବ୍ୟ, କବିତାର ପଦପଂକ୍ତିର ସଂଯୋଜନା ଏହାର କାବ୍ୟିକ ଆବେଦନକୁ ଅଧିକ ମର୍ମସ୍ପର୍ଶୀ କରିଛି। ଜୀବନ ଦର୍ଶନ ଓ ଜୀବନବୋଧ ଆଧାରରେ ରଚିତ ଏହି ଉପନ୍ୟାସଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ମୋ ମାଆ ମୋ ପ୍ରେରଣା

ଅଚ୍ୟୁତ ସାମନ୍ତ




ବିଦ୍ୟାପୁରୀ
ବାଲୁବଜାର, କଟକ-୭୫୩୦୦୨
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୩୫୦ ଟଙ୍କା

ମା' ମମତାମୟୀ, ପ୍ରେରଣାଦାୟିନୀ, ଶକ୍ତିପ୍ରଦାୟିନୀ। ଜୀବନରେ ମା'ର ବିକଳ୍ପ ନାହିଁ। ଜଣେ ମା'ର ସଂଘର୍ଷମୟ ଜୀବନ ଓ ଆକର୍ଷଣୀୟ ବ୍ୟକ୍ତିତ୍ୱକୁ ଅତି ମାର୍ମିକ ଭାବେ ବର୍ଣ୍ଣନା କରାଯାଇଛି ଅଚ୍ୟୁତ ସାମନ୍ତଙ୍କ 'ମୋ ମାଆ ମୋ ପ୍ରେରଣା' ପୁସ୍ତକରେ। ଲେଖକ ଶ୍ରୀଯୁକ୍ତ ସାମନ୍ତ ନିଜ ମା' ନୀଳିମାରାଣୀଙ୍କ ସଂଘର୍ଷମୟ ଜୀବନର କଥାକୁ ଅତି ନିରାଡ଼ମ୍ବର ଓ ସାବଲୀଳ ଭାଷାରେ ଲିପିବଦ୍ଧ କରିଛନ୍ତି ଏହି ପୁସ୍ତକରେ। ଜୀବନର ସବୁ ଝଡ଼ଝଞ୍ଜା, ନାନା ଅଭାବଅସୁବିଧା ସତ୍ତ୍ୱେ ପରିବାର, ସମାଜ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ନୀଳିମାରାଣୀଙ୍କ ମହନୀୟ ବ୍ୟକ୍ତିତ୍ୱର ଆଭା ଏହି ପୁସ୍ତକରେ ପ୍ରସ୍ଫୁଟିତ ହୋଇଉଠିଛି। 'କଳରାବାଙ୍କର ଶେଫାଳି', 'ଅନ୍ଧାରି ମୁଲକର କଥା', 'କପାଳ ଲିଖନ କେ କରିବ ଆନ', 'ଅନାଦି ଓ ନୀଳିମାରାଣୀ', 'ଅଳପ ଧନ ବିକଳ ମନ', 'ସଂଗ୍ରାମ ସରି ନାହିଁ', 'ଶେଷହୀନ ଆଶ୍ଚର୍ଯ୍ୟ', 'ମାନବୀୟ ଚେତନାର ଚିତ୍ରଖାତା' ଆଦି ପରିଚ୍ଛେଦଗୁଡ଼ିକରେ ତାଙ୍କ ଆଦର୍ଶ ବ୍ୟକ୍ତିତ୍ୱ, ଜୀବନର ମହନୀୟ ଆଭିମୁଖ୍ୟ, ପ୍ରତିଟି ସମସ୍ୟାକୁ ସାମ୍ନା କରିବାର ସତ୍ ସାହସକୁ ଲେଖକ ଅତି ହୃଦୟସ୍ପର୍ଶୀଭାବେ ବର୍ଣ୍ଣନା କରିଛନ୍ତି। ଜଣେ ମା'ର ସଂଘର୍ଷ, ତ୍ୟାଗ, ତିତିକ୍ଷା, କରୁଣ କାହାଣୀକୁ ପାଠକମାନେ ଅନୁଭବ କରିପାରିବେ ଏହି ପୁସ୍ତକରେ। 'ମୋ ମାଆ ମୋ ପ୍ରେରଣା' ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■

# ଓଡ଼ିଆ ଲୋକଗୀତରେ ପଲ୍ଲୀପ୍ରକୃତି

ଡ. ସଂଘମିତ୍ରା ମହାପାତ୍ର



ଯେଉଁ ସାହିତ୍ୟ ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ସୃଷ୍ଟି ହୋଇଛି, ତାହା ଲୋକସାହିତ୍ୟ ପଦବାଚ୍ୟ। ମନୁଷ୍ୟର ମୌଳିକ ଆବଶ୍ୟକତା ପରିପୂରଣ ହେଲାପରେ ଚିତ୍ତ ବିନୋଦନର ପ୍ରଥମ ମାଧ୍ୟମ ପାଲଟିଥିଲା ଲୋକସାହିତ୍ୟ। ଏହାକୁ ପଲ୍ଲୀ ସାହିତ୍ୟ, ଲଘୁ ସାହିତ୍ୟ, ଗାଉଁଲି ସାହିତ୍ୟ, ଲୋକବେଦ ଓ ମୌଖିକ ସାହିତ୍ୟ ମଧ୍ୟ କୁହାଯାଏ। ବିଶିଷ୍ଟ ସମାଲୋଚକ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ଲୋକସାହିତ୍ୟ ସଂପର୍କରେ କୁହନ୍ତି- "ମୌଖିକ ସାହିତ୍ୟ ପଲ୍ଲୀ ଜୀବନର ଏକ ସ୍ୱତଃସ୍ଫୂର୍ତ୍ତ ଝରଣା। ଯେକୌଣସି ଲୋକସମାଜର ଏହା ହିଁ ଆଦିମ ସଙ୍ଗୀତ, ତେଣୁ ଅଲିଖିତ, ନିତ୍ୟ ନୂତନ, ସହଜ, ସରଳ, ସମ୍ଭ୍ରାନ୍ତ ଓ ସ୍ୱାଭାବିକ। ପଲ୍ଲୀଜୀବନର ହସକାନ୍ଦ, ସୁଖଦୁଃଖ ସହିତ ଓତଃପ୍ରୋତ ଭାବରେ ଜଡ଼ିତ ଥିବା ହେତୁ ଏହା ପ୍ରାଣସ୍ପର୍ଶୀ ଓ ଲୋକପ୍ରିୟ। ଏହା ଲୌକିକ ଭାଷା ଓ ଲୋକମାନସର ପ୍ରକୃଷ୍ଟ ବାର୍ତ୍ତା ବହନ କରିଥାଏ।"

ଲୋକସାହିତ୍ୟର ଏକ ହୃଦୟସ୍ପର୍ଶୀ ବିଭବ ହେଉଛି ଲୋକଗୀତ। ଲୋକଗୀତର ପରଂପରା ଖୁବ୍ ପ୍ରାଚୀନ। ଲୋକଗୀତର ସୁସଜ୍ଜିତ ମାଳରେ ହଳିଆଗୀତ, ଶଗଡ଼ିଆଗୀତ, ମଇଁଷିଆଳ ଗୀତ, ନାଉରିଆ ଗୀତ, ସୁଆରିଡାକଗୀତ, ଭାଲୁକୁଣୀ ଗୀତ, ଦୋଳି ଗୀତ, କାନ୍ଦଣା ଗୀତ, ପୁଚି ଖେଳ ଗୀତ, ଶିଶୁ ଗୀତ ଆଦି ଗୁନ୍ଥି ଦେଇଛି ଲୋକକବି। ଲୋକଗୀତର ବିବିଧ ବର୍ଣ୍ଣାଳୀ ଭିତରେ ସେ ଆଙ୍କିଛି ତା'ର ଆଖ ପାଖର ଚିତ୍ର ଚରିତ୍ର, ପଲ୍ଲୀ ପ୍ରକୃତି ଏବଂ ପରିବେଶ। ପୁରପଲ୍ଲୀର ମଣିଷ ପଲ୍ଲୀପ୍ରକୃତି ସହିତ ଘନିଷ୍ଠ ଭାବେ ଜଡ଼ିତ। ପ୍ରକୃତି ତା'ର ଜୀବନ ଓ ଜୀବିକା। ସେଇ ପ୍ରକୃତିର ଗଛଲତା, ନଦୀଝରଣା, ପାହାଡ଼ପର୍ବତ, ପଶୁପକ୍ଷୀ, ବିଲବଣ, ଋତୁ ବର୍ଣ୍ଣନା, ସକାଳସନ୍ଧ୍ୟା ପ୍ରଭୃତିକୁ ନେଇ ମନଲୋଭା ଗୀତ ଗାଇଛି, ପୁଣି ଏଇ ଗୀତ ତା'ର କର୍ମ କ୍ଳାନ୍ତକୁ ପାଶୋରି ଦେଇ ମନରେ ଆନନ୍ଦର ପ୍ଳାବନ ଭରି ଦେଇଛି।

ଲୋକଗୀତ ସମ୍ପର୍କରେ ଲୋକସାହିତ୍ୟର ସଂଗ୍ରାହକ ଚକ୍ରଧର ମହାପାତ୍ର କୁହନ୍ତି- "ଯେଉଁ କବିତାମାନ ଏବେ ମୁଖେ ମୁଖେ ରହିଆସିଛି, କେବେ ହେଲେ ଗ୍ରନ୍ଥ ଭାବରେ ପରିଚିତ ହେବାର ସୁଯୋଗ ଲାଭ କରି ନାହିଁ ବା କୌଣସି ବ୍ୟକ୍ତି ଦ୍ୱାରା କେଉଁ ଅଜ୍ଞାତକୋଣରେ ସୃଷ୍ଟି ଲାଭ କରି ତା'ର ବିଚକ୍ଷଣ ମହକରେ ସେ ଜନମାନସର କୋଣେ କୋଣେ ପ୍ରଚାରିତ ହୋଇ ସାର୍ବଜନୀନ ହୋଇପାରିଛି, ସେହିମାନଙ୍କୁ ହିଁ ଗ୍ରାମ୍ୟଗୀତି ବୋଲି ଅଭିହିତ କରିବା ସମୀଚୀନ।"

କୃଷି ହେଉଛି ଆମର ଜୀବନ ଜୀବିକା। କୃଷକଟିଏ ଖରା ବା ବର୍ଷା ସମୟରେ ନିଜ କ୍ଷେତରେ ଚାଷ କଲା ବେଳେ, ଶଗଡ଼ ବାହିଲା ବେଳେ କଠିନ ଶ୍ରମର ବେଦନା ଓ ନିଃସଙ୍ଗତାକୁ ପରିହାର କରି ସେ ଦୃଶ୍ୟମାନ ପଲ୍ଲୀପ୍ରକୃତିକୁ ତା'ର ସ୍ୱରରେ ବାନ୍ଧି ରଖି ଗାଉଥାଏ:-

"ଗୋଠକୁ ସୁନ୍ଦର ଗାଈ
ଗାଆଁକୁ ସୁନ୍ଦର ନଡ଼ିଆ ଗଛ ଛାଇ
ଝିଅକୁ ସୁନ୍ଦର ଜୋଇଁ
ତିରିଶ ସୁନ୍ଦର ପିତଳ ଖଡୁବାହୀ।"

ପୁନଶ୍ଚ ଯାତ୍ରୀମାନଙ୍କ ଯାତ୍ରା କାଳରେ ଶଗଡ଼ିଆ ମନୋରଞ୍ଜନ କରିବା ଉଦ୍ଦେଶ୍ୟରେ ଗାଇଛି:-

"ଏ...ଦୂରକୁ ସୁନ୍ଦର ତ ପରବତ ମାଳ
ଗାଆଁକୁ ସୁନ୍ଦର ତ ନଡ଼ିଆ ଗୁଆ ତାଳ।
ବନ୍ଧୁକୁ ସୁନ୍ଦର ତ ଦିଶଇ ଦୂର ହାଟ
ସିନ୍ଧୁକୁ ସୁନ୍ଦର ତ ଲହଡ଼ା ଭଙ୍ଗା ଘାଟ।
ସଭାକୁ ସୁନ୍ଦର ତ ପ୍ରଧାନ ସାନ ଭାଇ
ଗୋଠକୁ ସୁନ୍ଦର ତ ଦୁହାଁଳିଆ ଗାଈ।
ଘରକୁ ସୁନ୍ଦର ଯେବେ ଲୋ ଘରଣୀ
ନ ଯିବୁ ବାପଘର ଲୋ।"

(ଉତ୍କଳ ଗାଉଁଲି ଗୀତ, ପୃଷ୍ଠା-୪୨୫)

ଏହି ଗୀତରେ ଗାଁର ସୌନ୍ଦର୍ଯ୍ୟ, ବନ୍ଧୁ ଓ ପରିବାରର ସୁନ୍ଦରତା ପ୍ରାଧାନ୍ୟ ଲାଭ କରିଛି। ବିଲରେ ଚାଷ କଲାବେଳେ, ଧାନରୁଆ, ବଛା ଖେଳୁଆ, ଧାନକଟା ସମୟରେ ଚାଷୀଟିଏ ଉଦାତ୍ତ କଣ୍ଠରେ ଗାଇଥାଏ ମନମତାଣିଆ ଲୋକଗୀତ। ଏଇ ଗୀତଗୁଡ଼ିକରେ କୃଷକର ଅଭାବୀ ଦୁନିଆର ବ୍ୟଥା ବେଦନାଭରା କଥା ପ୍ରକାଶ ପାଇଥାଏ। କୃଷକଟିଏ ପାହାନ୍ତା ପ୍ରହରରୁ ଆସି ବିଲରେ ହାଡ଼ଭଙ୍ଗା ପରିଶ୍ରମ କରେ, ପେଟରେ ତା'ର ଦାନା ପଡ଼ି ନଥାଏ। ତେଣୁ ଶ୍ରମଜନିତ ବୁଭୁକ୍ଷାରୁ ଆଶ୍ୱସ୍ତି ଅନୁଭବ ଲାଗି ସେ ଲୋକଗୀତର ଆଶ୍ରିତ ହୋଇପଡ଼ିଥାଏ।

ଓଡ଼ିଶାର ଗଣପର୍ବ ହେଉଛି 'ରଜ'। ରଜର ପୂର୍ବଦିନ ସଜବାଜ, ପହିଲି ରଜ, ରଜ ସଂକ୍ରାନ୍ତି ଓ ଶେଷ ରଜ ଉତ୍ସବରେ ଓଡ଼ିଶାର ଘରେ ଘରେ ପିଠା ପଣା, ପାନ, ଦୋଳିଖେଳ ଆଦି ବହୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଆବାଳବୃଦ୍ଧବନିତା ଏହି ଲୋକପର୍ବରେ ସାମିଲ ହୁଅନ୍ତି। ବିଶେଷ କରି ଝିଅବୋହୂମାନେ ଦୋଳି ଖେଳିବା ସମୟରେ ମହାଆନନ୍ଦରେ ରଜଦୋଳି ଗୀତ ଏକ ସ୍ୱରରେ ଗାଆନ୍ତି-

"ବନସ୍ତେ ଡାକିଲା ଗଜ
ବରଷକେ ଥରେ ଆସିଚି ରଜ
ଆସିଚି ରଜ ଲୋ ଘେନି ନୂଆ ସଜବାଜ।"

ସେହିପରି କୁମାର ପୂର୍ଣ୍ଣମୀ, ଖୁଦୁରୁକୁଣୀ ଓଷା, ରଜ ଓ ବିଭିନ୍ନ ପର୍ବପର୍ବାଣିରେ ତରୁଣୀମାନେ ପୁଚି ଖେଳ ଖେଳନ୍ତି। ଏହି ଖେଳ ଶରୀରକୁ ସୁସ୍ଥ ରଖିବା ସହ ମନରେ ପ୍ରଶାନ୍ତି ଆଣେ। ପୁଚି ଖେଳ ସାଧାରଣତଃ ଦୁଇପ୍ରକାରର, ଯଥା ଠିଆ ପୁଚି ଓ ବସା ପୁଚି। ପୁଚି ଖେଳିବା ସମୟରେ ଝିଅମାନେ ଗାଁ, ପରିବାର ପରିମଣ୍ଡଳର କଥାକୁ ଗୀତରେ ରୂପାୟିତ କରି ଗାଇଥାନ୍ତି।

କୁଆଁରୀ କନ୍ୟାମାନେ କୁମାର ପୂର୍ଣ୍ଣମୀ ଦିନ "କୁଆଁର ପୁନେଇଁ ଜହ୍ନ ଗୋ...ଫୁଲ ବଉଳ ବେଣୀ" ପରି ଲାଳିତ୍ୟପୂର୍ଣ୍ଣ ଗୀତ ଗାନ କରନ୍ତି। ସେହିପରି ପରିବାରର ଅଲିଅଳ କନ୍ୟାଟିଏ ବାହାଘରର ବିଦାୟ ଲଗ୍ନରେ ଶାଶୁଘରର ପରିବେଶ ଓ ଚଳନଶିକୁ ଠଉରେଇ ଭୋ' ଭୋ' ହୋଇ ଅନ୍ତରର ବେଦନାକୁ କାନ୍ଦଣା ଗୀତ ମାଧ୍ୟମରେ ପରିପ୍ରକାଶ କରେ। ସେ ମା, ବାପା, ଭାଇ, ଭାଉଜ, ଖୁଡ଼ୀ, ସାଙ୍ଗସାଥୀମାନଙ୍କୁ ଝୁରି ହୋଇ ବାହୁନି ବାହୁନି କାନ୍ଦିଥାଏ।

ମା', ଗୋସେଇଁ ମା' ଓ ଆଈ ମା' ଛୋଟି ପିଲାମାନଙ୍କୁ ଖୁଆଇବା, ଶୁଆଇବା, ଅଝଟ ଶିଶୁକୁ ବୁଝାଇବା ସମୟରେ ଶିଶୁ ଗୀତ ଗାନ କରି ଶୁଣାଇ ଥାଆନ୍ତି। ପ୍ରଭାତ ସମୟରେ ପ୍ରକୃତିର ଚିତ୍ର ବର୍ଣ୍ଣନା କରି ଲୋକକବି ଶିଶୁକୁ ଚିଆଁଇବା ବେଳେ ଗୀତ ଗାଇଛି :- "ପହିଲା ଶର୍ବରୀରେ ବଂଶୀଧାରୀ ଉଠ ଉଠ/ କାକ କୁକ୍‌କୁଟ କୋକିଳ ଧ୍ୱନି କଲେ କୋଳାହଳ/ ପୂର୍ବ ଦିଗେ/ ଉଦେ ଗଗନ ବିହାରୀରେ/ ପାହିଲା ରଜନୀରେ ରଘୁମଣି ଉଠ ଉଠ।" ସେହିପରି ପିଲାକୁ ବୁଝାଇବା ସମୟରେ ବୁଢ଼ୀ ମା' ଗାନ କରେ- "ବାଇ ଚଢ଼େଇରେ ବାଇ ଚଢ଼େଇ/ ତୋ ମା' ଯାଇଚି ଗାଈ ଚରେଇ।" ବାଇଚଢ଼େଇ ଏବଂ ଗାଈ ଚରାଇବା ଦୁଇଟି ଯାକ କଥା ତତ୍କାଳୀନ ଗ୍ରାମୀଣ ଜୀବନକୁ ବେଶ୍ ପ୍ରଭାବିତ କରୁଥିଲା।

ଶିଶୁ ବଡ଼ ହେଲା ପରେ ସାଙ୍ଗସାଥୀ ମେଳରେ ନିଜେ ଗୀତ ଗାଇ ଖୁସି ଅନୁଭବ କରିଥାଏ। ଆଉ ଆମ୍ବ ବିଭୋର ହୋଇ ଗାଇଉଠେ : - "ମେଘ ବରଷିଲା ଟୁପୁରୁ ଟୁପୁରୁ/ କେଶୁର ମାଇଲା ଗଜା।" ଦିନେ ଦିନେ ଝୁରୁଝୁରୁ ବର୍ଷା ହେଉଥାଏ, ପୁଣି ଖରା ବି ପଡ଼ିଥାଏ। ଋତୁଚକ୍ରରେ ପ୍ରକୃତିର ପରିବର୍ତ୍ତନକୁ ଅନୁଭବ କରି ଲୋକଗୀତ ସ୍ରଷ୍ଟା ଗାନ କରିଛି- "ଖରା ହେଉଛି ବର୍ଷା ହେଉଛି, ବିଲୁଆ ନନା ବାହା ହେଉଛି।"

ଲୋକଗୀତର ଲାଳିତ୍ୟ ଓ ସରଳ ବୋଧଗମ୍ୟତା ହିଁ ଲୋକପ୍ରିୟତାର ପ୍ରଧାନ କାରଣ। ଲୋକଗୀତ କେବେ କେବେ ନିରର୍ଥକ ହେଲେ ମଧ୍ୟ ଅନେକ ସମୟରେ ସାର୍ଥକ ଅର୍ଥ ବହନ କରି ଚମତ୍କାର ବାର୍ତ୍ତା ପ୍ରେରଣ କରିଛି। ଲୋକକବି ପ୍ରାକୃତିକ ସୌନ୍ଦର୍ଯ୍ୟରେ ମନ୍ତ୍ରମୁଗ୍ଧ ହୋଇ ଗୀତ ପରେ ଗୀତ ଗାଇଛି, ଏ ଗୀତ ଗାଇବାର ଶେଷ ନାହିଁ। ■

ଶ୍ରୀଜୟଦେବ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ
ଭୁବନେଶ୍ୱର
ମୋ: ୮୩୨୮୯୫୩୭୬୭

## ହାଇୱା-କାର୍ ଧକ୍କା; ୨ ଗୁରୁତର

ଢେଙ୍କାନାଳ,୧୩।୧୨(ସମିସ): ୫୫ନଂ ଜାତୀୟ ରାଜପଥର ଢେଙ୍କାନାଳ ସଦର ଥାନା ଗେଙ୍ଗୁଟିଆ ଗ୍ରାମ ନିକଟରେ ହାଇୱା ଧକ୍କାରେ କାରରେ ଯାତ୍ରା କରୁଥିବା ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ 'ସକାଳ'ର ରାଉରକେଲା ବ୍ୟୁରୋ ମୁଖ୍ୟ ଦେବବ୍ରତ ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ ଇତିଶ୍ରୀ ପଟ୍ଟନାୟକ। ଦେବବ୍ରତଙ୍କ



ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଇତିଶ୍ରୀଙ୍କ ଗୋଡ଼ ଭାଙ୍ଗିଯାଇଛି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ କାରରେ ଥିବା ଦେବବ୍ରତଙ୍କ ଝିଅ ସୁରକ୍ଷିତ ଅଛନ୍ତି। ଅନ୍ୟପଟେ ଦୁର୍ଘଟଣା ପରେ ହାଇୱା ଚାଳକ ଫେରାର ହୋଇଯାଇଛନ୍ତି। ପୁଲିସ ହାଇୱା ଜବତ କରି ତଦନ୍ତ ଆରମ୍ଭ କରିଛି। ଦେବବ୍ରତ ତାଙ୍କ ସ୍ତ୍ରୀ ଓ ଝିଅଙ୍କ ସହ କାର୍ ଯୋଗେ ରାଉରକେଲାରୁ ଭୁବନେଶ୍ୱର ଯାଉଥିଲେ। ଗେଙ୍ଗୁଟିଆ ଗ୍ରାମ ନିକଟରେ ଦ୍ରୁତଗତିରେ ଆସୁଥିବା ହାଇୱା ଓଆର୦୬-ପି୯ ୯୨୧ ତାଙ୍କ କାରକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ।

## ଗୟଳ ଆକ୍ରମଣରେ ଜଣେ ମୃତ

ନୀଳଗିରି, ୧୩।୧୨ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ କେଶିପୁର ପଞ୍ଚାୟତ କଇମହୁଡି ଗ୍ରାମରେ ଗୟଳ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଗୋରୁ ହଜିଯାଇଥିବାରୁ ଶନିବାର ସକାଳେ ନୀଳଗିରି ବ୍ଲକ ଅଧୀନ କୁଲଡିହା ପାଦଦେଶକୁ ଲାଗି ରହିଥିବା କଇମହୁଡି ଗ୍ରାମର ମକରା ସରେନ (୫୫) ଓ ଦୁର୍ଗା କାର୍ଜି (୨୭) କଇମହୁଡି ବିଟ୍ ନିକଟ କାଶିଆଡାହିକୁ ଯାଇଥିଲେ। ସେଠାରେ ଅଭୟାରଣ୍ୟର ଏକ ଗୟଳ ଜନବସତିକୁ ଅଞ୍ଚଳକୁ ପଳାଇ ଆସିଥିବା ବେଳେ ଏହି ଦୁଇଜଣଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଆକ୍ରମଣରେ ମକରା ଗୁରୁତର ହୋଇଥିବା ବେଳେ ଦୁର୍ଗା ସାମାନ୍ୟ ଆହାତ ହୋଇଥିଲେ। ମକରା ସେଠାରୁ ଜୀବନ ବିକଳରେ ପଳାଇ ଆସି ଗାଁରେ ଖବର ଦେଇଥିଲା। ଗ୍ରାମବାସୀ ଓ ପରିବାରଲୋକେ ଗୁରୁତର ମକରାଙ୍କୁ ଉଦ୍ଧାର କରି ଉଦଳା ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଗାଙ୍କୁ ବରହମପୁର ମେଡିକାଲରେ ଭର୍ତ୍ତି କରାଯାଇଛି।

## ସ୍କୁଲରେ ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ

ବାଲେଶ୍ୱର, ୧୩।୧୨(ସମିସ): ଟାଉନ ଥାନା ଅଞ୍ଚଳରେ ଥିବା ଏକ ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ରୀଙ୍କୁ ଜଣେ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଗତ ବୁଧବାର ବିଦ୍ୟାଳୟର ଗଣିତ ଶିକ୍ଷକ ସେକ ରିହାନ ସମ୍ପୃକ୍ତ ଛାତ୍ରୀଙ୍କୁ ବିଦ୍ୟାଳୟ ଛାତ ଉପରକୁ ନେଇ ଅସଦାଚରଣ ଉଦ୍ୟମ କରିବା ବେଳେ ପୀଡ଼ିତାଜଣକ ଚିତ୍କାର କରିଥିଲେ। ଫଳରେ ଶିକ୍ଷକଜଣକ ସେଠାରୁ ପଳାଇ ଯାଇଥିଲେ। ଛାତ୍ରୀଜଣଙ୍କ ଏ ସଂପର୍କରେ ମା'ଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଆଜି ପରିବାର ଓ ଗାଁ ଲୋକେ ବିଦ୍ୟାଳୟକୁ ଆସି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ସେଠାରେ ପରିସ୍ଥିତି ଉତ୍ତେଜନାମୂଳକ ହେବା ଦେଖି ଶିକ୍ଷକଜଣକ ସ୍କୁଲ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ଖବର ପାଇ ଟାଉନ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଘଟଣାକୁ ନେଇ ଛାତ୍ରୀଙ୍କ ମା' ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପ୍ରେମ ପ୍ରତାରଣା | ପ୍ରେମିକକୁ ଖୋଜିଖୋଜି ଭୁବନେଶ୍ୱରରୁ ମୟୂରଭଞ୍ଜ

ବାରିପଦା,୧୩।୧୨(ସମିସ): ଫେସବୁକ୍‌ରୁ ଚିହ୍ନା ପରିଚୟ ଏବଂ କଥାବାର୍ତ୍ତାରୁ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ବିବାହ କରିବାକୁ ନିଷ୍ପତ୍ତି ନେଇ ଦୁହେଁ ଘରଛାଡ଼ି ଭୁବନେଶ୍ୱର ଚାଲି ଆସିଥିଲେ। ବିବାହ ପୂର୍ବରୁ କିଛି ଦିନ ଏକାଠି ରହି ପରସ୍ପରକୁ ଜାଣିବା ପାଇଁ ଲିଭ୍-ଇନ୍-ରିଲେସନସିପ୍‌ରେ ଥିଲେ। କିନ୍ତୁ, ଏଥିରେ ବାଧକ ସାଜିଲା ଘରଭଡ଼ା। ବିବାହ କରି ନଥିବାରୁ ସହରଟା ସାରା ଦୁହିଁଙ୍କୁ ଘରଭଡ଼ା ଦେବାକୁ କେହି ରାଜି ହେଲେନି। ତେଣୁ ଭୁବନେଶ୍ୱର ରେଳଷ୍ଟେସନ୍‌ରେ ୫ ମାସ କାଟିଦେଲେ। ଗୁଜୁରାଣ ମେଣ୍ଟାଇବା ପାଇଁ ଟ୍ରାଭେଲ



ଏଜେନ୍ସିରେ କାମ କଲେ। କିନ୍ତୁ ବିବାହ ପାଇଁ କଥା ଉଠାଇବାରୁ ପ୍ରେମିକାଠାରୁ ୧୫ ହଜାର ଟଙ୍କା ନେଇ ଏକୁଟିଆ ଛାଡ଼ି ଫେରାର୍ ହୋଇଗଲା ପ୍ରେମିକ। ସେପଟେ ପ୍ରେମିକକୁ ଖୋଜିଖୋଜି ଯୁବତୀଜଣଙ୍କ ସୋନପୁର ଓ ଏବେ ମୟୂରଭଞ୍ଜରେ ପହଞ୍ଚିଛନ୍ତି। ଏପରି ଏକ ଘଟଣା ଏଠାରେ ଚର୍ଚ୍ଚାରେ ବିଷୟ ହୋଇଛି। ଫେରାର୍ ପ୍ରେମିକ ହେଲା, ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅଞ୍ଚଳର ସଣ୍ଟୁ ମାଲ। ଝାରପୋଖରିଆ ପୁଲିସ ପିଣ୍ଟୁ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟ କହିଛନ୍ତି। ଆଜି ପୁଲିସ ପ୍ରତାରକ ସଣ୍ଟୁର ଘରେ ଚଢ଼ଉ କରିଥିଲା। ସେହିପରି, ପ୍ରେମିକାର ଡାକ୍ତରୀମାଇନା ପରେ ତାକୁ ପୁଲିସ ବାରିପଦା ୱାନ ଷ୍ଟପ୍ ସେଣ୍ଟର୍‌ରେ ଛାଡ଼ିଥିଲା। ଆଜି ପୁଲିସ ତାଙ୍କୁ ବସ୍‌ରେ ନିଜ ଘର ସୋନପୁରକୁ ପଠାଇ ଦେଇଛି।

### ଶିମିଳିପାଳରେ ଶିକାରୀ ଗ୍ୟାଙ୍ଗ ଧରାପଡ଼ିବା ଘଟଣା

## ଦୁଇ ଜଣକୁ ରିମାଣ୍ଡରେ ନେଲା ବନ ବିଭାଗ

ବାରିପଦା, ୧୩।୧୨(ସମିସ): ଶିମିଳିପାଳ ଦକ୍ଷିଣ ବନଖଣ୍ଡ ପକ୍ଷରୁ ଜେନାବିଲ ରେଞ୍ଜରୁ ଧରାପଡ଼ିଥିବା ୫ଜଣିଆ ଶିକାରୀ ଗ୍ୟାଙ୍ଗର ଦୁଇଜଣ ସଦସ୍ୟଙ୍କୁ ବନ ବିଭାଗ ରିମାଣ୍ଡରେ ନେଇଛି। ଅଭିଯୁକ୍ତଦ୍ୱୟ ହେଲେ, ଖୁଣ୍ଟା ଥାନା ଅନ୍ତର୍ଗତ ଡେଙ୍ଗାମ ଅଞ୍ଚଳର ଜଡ଼ିଦା ଗ୍ରାମର ଛଲେ ହୋ (୨୩) ଓ ଶୁକ୍ରା ହୋ(୩୨)। ଉଭୟଙ୍କୁ

### ପୁଣି ୨ଟି ଦେଶୀ ବନ୍ଧୁକ ଜବତ

ରିମାଣ୍ଡରେ ନେବାକୁ ବନ ବିଭାଗ ପକ୍ଷରୁ କୋର୍ଟରେ ଆବେଦନ କରାଯାଇଥିଲା। କୋର୍ଟ ଆଜି ଅନୁମତି ଦେଇଛନ୍ତି। ପଚରାଉଚରା ବେଳେ ଛଲେ ହୋ'ର ସୂଚନା ଆଧାରରେ ପୁଲିସ ତା' ପାଖରୁ ଆଉ ୨ଟି ଦେଶୀ ବନ୍ଧୁକ ଜବତ କରିଛି। ଶିକାରୀଗ୍ୟାଙ୍ଗ ଶିମିଳିପାଳ ଅଭୟାରଣ୍ୟକୁ ଶିକାର ନିମନ୍ତେ ପ୍ରବେଶ କରିଥିବା ବେଳେ ଏଆଇ କ୍ୟାମେରା ଓ ଟ୍ରାପ୍ କ୍ୟାମେରା ଜରିଆରେ ଧରାପଡ଼ିଥିଲେ। ଏହି ଗୁଇନ୍ଦା କ୍ୟାମେରାର ସୂଚନା ଓ ଗୁଇନ୍ଦା ତଥ୍ୟ ଆଧାରରେ



ଜଡ଼ିଦା ଗ୍ରାମସ୍ଥ ଘରୁ ୫ ଜଣ ଶିକାରୀଙ୍କୁ କିଛିଦିନ ପୂର୍ବେ ଗିରଫ କରାଯାଇଥିଲା। ତାଙ୍କ ପାଖରୁ ପୂର୍ବରୁ ଦେଶୀ ବନ୍ଧୁକ, ୭ଟି ଫାଶ, ୨ଟି ଟର୍ଚ୍ଚ, ୫୩୫ ଗ୍ରାମ ଶୁଖିଲା ବଣୁଆ ମାଂସ, ବାରୁଦ ଗୁଣ୍ଡ ତିଆରି ପାଇଁ ବ୍ୟବହୃତ ପଲିଥିନ ସିଟ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିଲା। ଗିରଫ ହୋଇଥିବା ଶିକାରୀ ହେଲେ ବିରସିଂ ହୋ (୩୩), ଚରଣ ହୋ (୪୩), ଛଲେ ହୋ (୨୩), ସାଗର ହୋ (୨୯) ଓ ସୁକ୍ରା ହୋ (୩୨)। ପଚରାଉଚରା ପରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ଧାରାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ।

### ଦିଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କ ଭିଆଇପି ବଙ୍ଗଳାକୁ ନେଇ ଆପତ୍ତି ଉଠାଇଲା ବିଜେଡି

# ରାଜ୍ୟ ରାଜକୋଷରୁ ହେବ ବିପୁଳ ଅର୍ଥ ବ୍ୟୟ

ଭୁବନେଶ୍ୱର,୧୩।୧୨(ସମିସ): ସ୍ୱତନ୍ତ୍ର ଓଡ଼ିଶା ଗଠନ ହେବା ପରଠାରୁ ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ମୋହନ ମାଝୀ ଦିଲ୍ଲୀରେ ଆରାମଦାୟକ ଭିଆଇପି ବଙ୍ଗଳା ନେଇଛନ୍ତି। ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟରେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଦିଲ୍ଲୀରେ ବଙ୍ଗଳା



ନିଆଯାଇଛି। ଏପରି କରି ରାଜ୍ୟ ବିଜେପି ଓଡ଼ିଶା ଶାସନର ଡୋରୀ ଦିଲ୍ଲୀରେ ରଖିବାକୁ ଚାହୁଁଛି ବୋଲି ବିଜେଡି ଅଭିଯୋଗ କରିଛି।

ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି ଓ ମୁଖପାତ୍ର ତୁମ୍ବନାଥ ପଣ୍ଡା କହିଛନ୍ତି ଯେ ଦେଶର ସବୁଠୁ ଦକ୍ଷ କୁହାଯାଉଥିବା ଦିଲ୍ଲୀ ପୁଲିସ୍ ବଦଳରେ, ରାଜ୍ୟର ମୁଖ୍ୟମନ୍ତ୍ରୀ ଓଡ଼ିଶା ପୁଲିସ୍‌ର ୧ ପ୍ଲାଟୁନ୍ ସଶସ୍ତ୍ର ଫୋର୍ସର ସୁରକ୍ଷା ବଳୟ ମଧ୍ୟରେ ରହିବେ। ଗୃହ ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ, କେନ୍ଦ୍ର ସରକାର ଦିଲ୍ଲୀର ଭିଆଇପି ଅଞ୍ଚଳ ଭାବେ ପରିଚିତ ତିନ୍ ମୂର୍ତ୍ତି ଲେନ୍‌ରେ ବଙ୍ଗଳା ନଂ-୨ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଆବଣ୍ଟନ କରିଛନ୍ତି। ପ୍ରୋଟୋକଲ

- ସୁରକ୍ଷାରେ ୧ ପ୍ଲାଟୁନ ଓଡ଼ିଶା ପୁଲିସ୍, ବୁଲେଟପ୍ରୁଫ୍ ଗାଡ଼ି
- ଦିଲ୍ଲୀରୁ ନିୟନ୍ତ୍ରିତ ହେବ ଓଡ଼ିଶା ରାଜ୍ୟ ଶାସନର ଡୋରୀ

ଅନୁଯାୟୀ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଗଲେ ଦିଲ୍ଲୀ ପୁଲିସ୍ ପକ୍ଷରୁ ତାଙ୍କୁ ନିରାପତ୍ତା ଯୋଗାଇ ଦିଆଯାଇଥାଏ। କିନ୍ତୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସୁରକ୍ଷା ନିମନ୍ତେ ଦିଲ୍ଲୀ ପୁଲିସ୍ ଉପରେ ଭରସା ନ କରି ରାଜ୍ୟ ତହବିଲରୁ ବିପୁଳ ଅର୍ଥ ବ୍ୟୟରେ ଓଡ଼ିଶା ପୁଲିସର ୧ ପ୍ଲାଟୁନ୍ ଫୋର୍ସ ନେବାର ଯଥାର୍ଥତା କ'ଣ ବୋଲି ବିଜେଡି ପ୍ରଶ୍ନ କରିଛି।

ଏହି ଅବସରରେ ଡଃ ମହାନ୍ତି କହିଛନ୍ତି, ରାଜ୍ୟବାସୀଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଦିଲ୍ଲୀରେ ଓଡ଼ିଶା ସରକାରଙ୍କ ଓଡ଼ିଶା ଭବନ, ଓଡ଼ିଶା ନିବାସ ଓ ଓଡ଼ିଶା ସଦନ ଅଛି। ଓଡ଼ିଶା ଭବନର ପୁନଃ ନିର୍ମାଣ ପାଇଁ ଏହାକୁ ଭାଙ୍ଗି ଦିଆଗଲା ପରେ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ସମୟରେ ରହିବା ପାଇଁ ଏକ ତାରକା ହୋଟେଲରେ ସୁବ୍ୟବସ୍ଥା କରାଯାଇଛି। ନିଜକୁ 'ଲୋକଙ୍କ ମୁଖ୍ୟମନ୍ତ୍ରୀ' କହୁଥିବା ମୋହନ ମାଝୀ ଏଥିରେ ସନ୍ତୁଷ୍ଟ ନ ହୋଇ ନିଜ ପାଇଁ ଭିଆଇପି ବଙ୍ଗଳା ନେଇ ଦିଲ୍ଲୀରେ ଓଡ଼ିଶା ଶାସନର ଡୋରୀ ରଖିବାକୁ ଚାହୁଁଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି।

ଡଃ ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ପାଇଁ ଏଭଳି ବନ୍ଦୋବସ୍ତ ଆଗରୁ କେବେ ଶୁଣାଯାଇ ନ ଥିଲା। ୨୪ ବର୍ଷ ମୁଖ୍ୟମନ୍ତ୍ରୀ ରହି ମଧ୍ୟ ଅତ୍ୟନ୍ତ ନିରାଡ଼ମ୍ବର ଜୀବନଯାପନ କରୁଥିବା ନବୀନ ପଟ୍ଟନାୟକ, ଦିଲ୍ଲୀରେ ରାଜ୍ୟ ତହବିଲରୁ ଅର୍ଥ ଖର୍ଚ୍ଚ କରି ବଙ୍ଗଳା ନେବା ପାଇଁ କେବେ ଚିନ୍ତା କରିନଥିଲେ। ଦେଢ଼ ବର୍ଷର ମୁଖ୍ୟମନ୍ତ୍ରୀ ହୋଇ ମୋହନ ମାଝୀଙ୍କୁ ଏଭଳି ଆବଶ୍ୟକତା କାହିଁକି ପଡ଼ିଲା? ଓଡ଼ିଶା ବିଜେପିରେ କ୍ଷମତା ବିବାଦର ଉଗ୍ର ରୂପ ସକାଶେ ମୁଖ୍ୟମନ୍ତ୍ରୀ ଅସୁରକ୍ଷିତ ଅନୁଭବ କରୁଛନ୍ତି କି ବୋଲି ବୋଲି ଡଃ ମହାନ୍ତି ପ୍ରଶ୍ନ କରିଛନ୍ତି।

ସେହିପରି ମୁଖପାତ୍ର ଶ୍ରୀ ପଣ୍ଡା କହିଛନ୍ତି ଯେ, ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେଲା ପରେ ଲୋକେ ଆଶା କରିଥିଲେ, ରାଜ୍ୟ ପାଇଁ କେନ୍ଦ୍ରୀୟ ଅନୁଦାନ ଓ ସହାୟତା ଦୁଇ ଗୁଣ ହେବ। କିନ୍ତୁ ପ୍ରତ୍ୟେକ ମାସରେ ଏକାଧିକ ବାର ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ କଲା ପରେ ମଧ୍ୟ କେନ୍ଦ୍ରୀୟ ଅନୁଦାନ ବଢ଼ିବା ପରିବର୍ତ୍ତେ କମୁଛି। କେନ୍ଦ୍ର ଉପରେ ରାଜ୍ୟର ଥିବା ବକେୟା ଅର୍ଥ ମିଳିପାରୁ ନାହିଁ। ରାଜ୍ୟର ଋଣ ଭାର ଦେଢ଼ ବର୍ଷ ଭିତରେ ଅହେତୁକ ବୃଦ୍ଧି ପାଇଛି। ଏଭଳି ସ୍ଥିତିରେ ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟ କରି ଦିଲ୍ଲୀରେ ଭିଆଇପି ବଙ୍ଗଳା ନେବା କ'ଣ ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ପରିଚୟ କି? ଜନସାଧାରଣଙ୍କ ଅବଗତି ନିମନ୍ତେ ମୁଖ୍ୟମନ୍ତ୍ରୀ ଏ ବାବଦରେ ସ୍ପଷ୍ଟୀକରଣ ଦେବା ଆବଶ୍ୟକ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଲ୍ଟ ଲେକ୍‌ରେ ଭଙ୍ଗାରୁଜା...

କାର୍ଯ୍ୟକ୍ରମକୁ ନିୟନ୍ତ୍ରଣ କରି ପାରି ନ ଥିଲେ। ଦର୍ଶକମାନେ କ୍ଷୁବ୍ଧ ହୋଇ ଷ୍ଟାଡିୟମ୍‌ରେ ଭଙ୍ଗାରୁଜା କରିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣଳ କରିବା ଲାଗି ସେଠାରେ ଦଙ୍ଗା-ବିରୋଧୀ ସୁରକ୍ଷା ଯବାନଙ୍କୁ ମୁତୟନ କରିବାକୁ ପଡ଼ିଥିଲା।

ଏହି ଗଣ୍ଡଗୋଳିଆ ସ୍ଥିତି ଯୋଗୁଁ ସରକାର ଓ ପ୍ରଶାସନକୁ ସମାଲୋଚିତ ହେବାକୁ ପଡ଼ିଛି। ଏହି ଘଟଣାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କ୍ଷମା ମାଗିଛନ୍ତି। ମୁଖ୍ୟ ଆୟୋଜକ ଶତ୍ରୁଦା ଦତ୍ତାଙ୍କୁ ପୁଲିସ୍ ଅଟକ ରଖିଛି ଓ ଦର୍ଶକଙ୍କ ସମସ୍ତ ଅର୍ଥ ଫେରସ୍ତ ଦିଆଯିବ ବୋଲି ଡିଜିପି ରାଜୀବ କୁମାର ଘୋଷଣା କରିଛନ୍ତି। ଆୟୋଜକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଘୋଷଣା କରିଛନ୍ତି। ଘଟଣାର ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ବିଚାର ବିଭାଗୀୟ ତଦନ୍ତ କରିବାକୁ ଘୋଷଣା କରିଛନ୍ତି। ଏହାପରେ ମେସି ହାଇଦରାବାଦ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ସମର୍ଥକ ଓ ଦର୍ଶକଙ୍କୁ ଆମୋଦିତ କରିଛନ୍ତି।

### ବର୍ଦ୍ଧିତ ଦରମା...

ରାଜ୍ୟବାସୀଙ୍କ ମନ ଜିଣିଛି। ୨୦୧୯ ଫନୀ ବାତ୍ୟା ବେଳେ ଓଡ଼ିଶା ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବା ବେଳେ ସେ ମୁଖ୍ୟମନ୍ତ୍ରୀ ଭାବେ ନିଜର ୬ ମାସର ଦରମା ଦାନ କରିବା ସହ ନିଜ ଦଳର ନେତା ଓ ଅନ୍ୟମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଅର୍ଥ ଦାନ ପାଇଁ ପ୍ରେରଣା ଦେଇଥିଲେ। ୨୫ ବର୍ଷ ଧରି ନିରଙ୍କୁଶ କ୍ଷମତାରେ ଥାଇ ମଧ୍ୟ କୌଣସି ବିଳାସବ୍ୟସନ ତାଙ୍କୁ ସ୍ପର୍ଶ କରି ପାରି ନ ଥିଲା। ପୋଷାକପତ୍ର କହିଲେ ଧଳା କୁର୍ତ୍ତା ପାଇଜାମା, ହାୱାଇ କିମ୍ବା କୋହ୍ଲାପୁର ଚପଲରେ ନବୀନଙ୍କ ରାଜନୈତିକ ଜୀବନ ଆରମ୍ଭ ହୋଇ ଅଦ୍ୟାବଧି ଅପରିବର୍ତ୍ତିତ ରହିଛି। ରାଜନୀତିରେ ନୀତି ଓ ନୈତିକତାକୁ ସେ ସର୍ବାଗ୍ରେ ପ୍ରାଧାନ୍ୟ ଦେଇଛନ୍ତି।

### ଇଣ୍ଟରନେଟ୍ ସେବା...

ଭରଣା ପାଇଁ ଏକ ଆକଳନ କରାଯାଇ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଛି। ଏମ୍‌ଭି-୨୬ ଗ୍ରାମରେ ନଷ୍ଟ ହୋଇଥିବା ଘର, ଦୋକାନ ଗୃହ ଏବଂ ଅନ୍ୟାନ୍ୟ ସମ୍ପତ୍ତିର କ୍ଷୟକ୍ଷତି ପ୍ରାୟ ୪୦ ଲକ୍ଷ ଟଙ୍କା ଆକଳନ କରାଯାଇଛି। ସମସ୍ତ ଗୃହକୁ ବିଦ୍ୟୁତ୍ ସଂଯୋଗୀକରଣ ପୁନଃ ସ୍ଥାପିତ କରାଯାଇଛି। ପୀଡିତଙ୍କୁ ଦିନକୁ ଦୁଇ ଥର ଗରମ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। କମ୍ବଳ, ବିଛଣା, ଟାରପଲିନ, ଶାଢ଼ୀ, ଲୁଙ୍ଗି, ଗାମୁଛା, ମଗ୍, ଜାରକିନ୍, ପୋଷାକ ଇତ୍ୟାଦି ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସେହିପରି ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ଠିକ୍ କରି ଦିଆଯାଇଛି। ସ୍କୁଲ୍ ପିଲାଙ୍କ ପାଇଁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି। ଗର୍ଭବତୀ ମହିଳା ଓ ଶିଶୁଙ୍କ ନିମନ୍ତେ ଟେକ୍ ହୋମ୍ ବ୍ୟବସ୍ଥା କରାଯାଇଛି। ଖୁବ୍‌ଶୀଘ୍ର ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ଖୋଲିବ। ପିଲାଙ୍କ ପାଇଁ ୟୁନିଫର୍ମ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ମାଲକାନଗିରି ଏସ୍‌ପି ଶ୍ରୀ ପାଟିଲ ଏମ୍‌ଭି-୨୬ ଗ୍ରାମରେ ଶାନ୍ତି ପ୍ରତିଷ୍ଠା ପାଇଁ ପୁଲିସ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ଗ୍ରାମରେ ବିଗତ ଦିନରେ ହୋଇଥିବା ପୋଡାଜଳା ଘଟଣାରେ ୬ ଜଣଙ୍କୁ ପୁଲିସ ଗିରଫ କରିଥିବା ସୂଚାଇଛନ୍ତି।

### ଆଜିଠୁ କମିବ...

ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ପାରଦ ସ୍ୱାଭାବିକଠାରୁ ୨ରୁ ୪ ଡିଗ୍ରୀ କମ୍ ରହିଛି। ଆସନ୍ତା ୧୪ ତାରିଖ ଯାଏଁ ଏହି ସ୍ଥିତି ଜାରି ରହିବା ସହ ପ୍ରବଳ ଶୀତ ଅନୁଭୂତ ହେବ। ଶୀତ ଲହରୀକୁ ନେଇ ଆସନ୍ତା ୨୪ ଘଣ୍ଟାରେ ଅର୍ଥାତ ରିବିବାର ପାଇଁ ଅନୁଗୁଳ ଓ ଝାରସୁଗୁଡ଼ାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ସେହିପରି ରାଜ୍ୟର ଅନେକ ସ୍ଥାନରେ ଘନ କୁହୁଡ଼ି ଦୃଶ୍ୟମାନ ହେଉଥିବା ବେଳେ ଏହାର ପ୍ରଭାବ ଆହୁରି ୪୮ ଘଣ୍ଟା ରହିବା ନେଇ ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟାରେ ସୁନ୍ଦରଗଡ଼, କନ୍ଧମାଳ, କଳାହାଣ୍ଡିରେ ଘନ କୁହୁଡ଼ିର ଦୃଶ୍ୟମାନ ହେବାର ଆଶଙ୍କା ରହିଛି। ତେଣୁ ଏହି ସବୁ ଜିଲ୍ଲାଗୁଡ଼ିକରେ କୁହୁଡ଼ି ଜନିତ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦିଆଯାଇଛି।

### ଜିଲ୍ଲାପାଳଙ୍କ ଗୋଡ଼ ତଳେ...

ଧାନ ବସ୍ତା ପକାଇ ମୁଣ୍ଡିଆ ମାରି ସମସ୍ତ ଧାନ ତୁରନ୍ତ କିଣିବାକୁ ଅନୁରୋଧ କରିଥିଲେ।

ଗତ ଖରିଫ ଋତୁରେ ପଦ୍ମପୁର ଆର୍‌ଏମ୍‌ସିଠାରୁ ୩୦ ଲକ୍ଷ କ୍ୱିଣ୍ଟାଲ ଧାନ କିଣା ଯାଇଥିଲା। ଚଳିତ ବର୍ଷ ୯୨ଟି ଧାନ କ୍ରୟ କେନ୍ଦ୍ର ଖୋଲା ଯାଇଛି। ହେଲେ ସେଥିରୁ ୪୨ଟି ସେଣ୍ଟରରେ ଧାନ କିଣା ଆରମ୍ଭ ହୋଇନାହିଁ। ବିଭିନ୍ନ ମଣ୍ଡିରେ ୩ ଲକ୍ଷ ପ୍ୟାକେଟ୍ ଧାନ ପଡ଼ି ରହିଛି। ମାତ୍ର ୪୦ ହଜାର ପ୍ୟାକେଟ ଧାନ କିଣା ହୋଇଛି। ସେହିପରି, ପାଖାପାଖି ୭୦% ଚାଷୀଙ୍କ ଟୋକନ ଏଯାଏଁ ଆସିନାହିଁ। ଅନେକ ଚାଷୀଙ୍କ ଟୋକନ୍ ଜମି ତୁଳନାରେ ବହୁତ କମ ଆସିଛି। କିଛି ଟୋକନରେ ଜାନୁଆରୀ ମାସରେ ଧାନ ବିକ୍ରି କରିବାର ଧାର୍ଯ୍ୟ ତାରିଖ ଅଛି। ଅଣ-ଜଳସେଚିତ ଅଞ୍ଚଳ ପାଇଁ ଏକର ପ୍ରତି ୧୩ କ୍ୱିଣ୍ଟାଲ ଧାନ ବିକ୍ରି ଅନୁମତି ଅଛି। ହେଲେ ବଳକା ଧାନ କ'ଣ କରାଯିବ, ସେ ସଂପର୍କରେ ସରକାର ଏଯାଏଁ କିଛି ନିଷ୍ପତ୍ତି ନେଇ ନାହାନ୍ତି। ଏହି ସବୁ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଥିବା ବେଳେ ଚାଷୀର ଦୁଃଖ ବଢ଼ି ଚାଲିଛି। ବର୍ଷଯାକର ପରିଶ୍ରମ ଆଖି ଆଗରେ ଖରା-ତରାରେ ନଷ୍ଟ ହେଉଥିବା ଦେଖି ଚାଷୀର କୋହ ସମ୍ଭାଳ ପଡୁନି। ତେବେ ତୁରନ୍ତ ଧାନ କିଣାନଗଲେ, ଆସନ୍ତା ସୋମବାର ବଡ଼ଧରଣର ଆନ୍ଦୋଳନ କରିବା ସହ ଚାଷୀମାନେ ଆତ୍ମହତ୍ୟା କରିବେ ବୋଲି ସଙ୍ଗଠନ ଚେତାବନୀ ଦେଇଛି।

### ନାଗରିକତା ଛାଡୁଛନ୍ତି...

୨୨୫୬୨୦, ୨୦୨୩ରେ ୨୧୬୨୧୯ ଓ ୨୦୨୪ରେ ୨୦୬୩୭୮ ଲୋକ ଭାରତୀୟ ନାଗରିକତା ଛାଡିଛନ୍ତି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ତେବେ ଗତ ୩ ବର୍ଷ ମଧ୍ୟରେ ମଧ୍ୟପ୍ରାଚ୍ୟ ଦେଶଗୁଡିକରୁ ୫,୯୫୪ ଭାରତୀୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସୁରକ୍ଷା କାରଣରୁ ଏହି ନାଗରିକଙ୍କୁ ସେଠାରୁ ବିଦା କରାଯାଇଥିଲା। ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି ଯେ ଇସ୍ରାଏଲରୁ 'ଅପରେସନ ଅଜୟ', ଇରାନ- ଇସ୍ରାଏଲର 'ଅପରେସନ ସିନ୍ଧୁ' ମାଧ୍ୟମରେ ଭାରତୀୟଙ୍କୁ ବିଦେଶରୁ ଅଣାଯାଇଛି। ପୁଣି କୁଏତ ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ୪୫ ଜଣ ଭାରତୀୟଙ୍କ ମୃତଦେହକୁ ମଧ୍ୟ ଭାରତ ଅଣାଯାଇଛି। ଭାରତୀୟମାନେ କାହିଁକି ନାଗରିକତା ଛାଡୁଛନ୍ତି, ତାହାର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ି ନଥିଲେ ମଧ୍ୟ ସେମାନ ଉତ୍ତମ ନିଯୁକ୍ତି ସୁଯୋଗ ଏବଂ ଉନ୍ନତ ଲାଇଫଷ୍ଟାଇଲ୍ ପାଇଁ ବିଦେଶ ପଳାଉଥିବା କୁହାଯାଉଛି। ଭାରତ ଛାଡ଼ି ଏମାନେ ଆମେରିକା, ବ୍ରିଟେନ, କାନାଡ଼ା, ଜର୍ମାନୀ ଓ ଅଷ୍ଟ୍ରେଲିଆ ପଳାଉଛନ୍ତି। ତେବେ ଆମେରିକା, ବ୍ରିଟେନ, କାନାଡାରେ ଏମାନଙ୍କୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବାରୁ ଏହି ଭାରତୀୟ ଏବେ ସାଉଦୀ ଆରବ, ୟୁଏଇ, ଇଟାଲି, ଫିନଲାଣ୍ଡ ଓ ଜାପାନ ମୁହାଁ ହେବା ଆରମ୍ଭ କଲେଣି।


**AFFIDAVIT**

By virtue of an affidavit no-257 before the Executive magistrate, Jatni on dt 26/11/25 , I Birendra Maharana, At- Timeipur, Po-Garhsanaput, Ps-Kanas, Dist-Puri, Pin-752060, I have changed my minor daughter's name from Senahanjali Maharana to Snehanjali Maharana. Henceforth she will be known as **Snehanjali Maharana** for all purposes.

**Birendra Maharana**

**AFFIDAVIT**

I, Chhatiani Raut M/o Kishor Chandra Rout, Resident of At- Govindapur, Po-Gadadhar Prasad, Ps-Itamati, Dist- Nayagarh, Odisha, Pin-752068, declare by this affidavit No.15AA 192677 dtd 29.10.2025 that now onwards I shall be known as **CHHATIANI ROUT** for all future purposes.

**AFFIDAVIT**

I, Kishor Chandra Raut S/o Chhatiani Rout, Resident of At-Govindapur, Po-Gadadhar Prasad, Ps-Itamati, Dist- Nayagarh, Odisha, Pin- 752068, declare by this affidavit No.15AA 192677 dtd 29.10.2025 that now onwards I shall be known as **KISHOR CHANDRA ROUT** for all future purposes.

**AFFIDAVIT**

I, Sekh Abaas Alli, S/o-Sekh Hado, At-Mirzapur, Po- Balaramgadi, Ps-Marine, Dist-Balasore, Odisha declare by this Affidavit No-10714 dtd. 10.10.2025 that now onwards I Shall be known as **SEKH ABAAS ALI** For all future purposes.

**AFFIDAVIT**

I, Sanjay Jain, aged about 51 years, S/o-Mohan Lal Jain, resident of At- Hudco Colony, Madhuban, PS-Baripada, Town, Dist-Mayurbhanj, Odisha declared by this affidavit No. 2506, dtd-13/12/2025 that now onwards I shall be known as **SANJAY KUMAR JAIN** for all future purposes.

**AFFIDAVIT**

I, Samta Jain, aged about 47 years, W/o-Sanjay Kumar Jain, resident of At-Madhuban, Ward No. 9, PS- Baripada, Town, Dist- Mayurbhanj, Odisha declared by this affidavit No. 2507, dtd-13/12/2025 that now onwards I shall be known as **SAMATA JAIN** for all future purposes.

**PUBLIC NOTICE**

This Notice is hereby given that my client Mrs. Archana Agarwal, D/O Imantaram Agrawalla has lost Original ROR bearing Khata No-2414/3800 & 2414/5965 in favour of Ramotar Agarwal and ROR bearing Khata No-2414/5964 in favour of Pawan Kumar Agarwal, Mouza-Bargarh, Tahsil-Bargarh, Dist-Bargarh, State-Odisha and a FIR (Complaint No-2486701 0072500050) for the same has beed lodged at Sahidnagar Police Station on 12-12-2025. All person/ persons are hereby informed to put their claims or interest of objection about the said above referred documents and/or about the said property or any part thereof, within a period of 15days along with the sufficient evidence from appearance of this notice. If RORs are not found within 15 days, then the certified copy of the document obtained from the registry office will be considered as the original document.

**Samir Kumar Paikaray**
**(Advocate) Bhubaneswar Court**
**Ph: 7008005419**

**AFFIDAVIT**

I, N. Pratyusha, aged about 31 years, D/o- Late Nangira Rambabu, resident of House No. 125/4409, Sitaram Chhak, PO/PS- Jatni, Dist- Khordha, PIN-752050, Odisha declared by this affidavit No. 289, dtd- 09/12/2025 that now onwards I shall be known as **NANGIRA PRATYUSHA** for all future purposes.

**AFFIDAVIT**

I, N.Sarada, aged about 54 years, W/o- Late Nangira Rambabu, resident of House No. 125/4409, Sitaram Chhak, PO/PS- Jatni, Dist- Khordha, PIN-752050, Odisha declared by this affidavit No. 290, dtd- 09/12/2025 that now onwards I shall be known as **NANGIRA SARADA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Baripada, vide No. 81 dated 02/09/2025, henceforth I shall be known as Caran Patnaik for all purpose instead of Caran A Patnaik.

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**AFFIDAVIT**

By virtue of an affidavit before the Notary Public, Titilagarh, on dated: 11/12/2025. I, **Samarath Nag** (applicant name), S/o- Anakar Nag, permanent resident of AT-Pipilibandha, PO- Siker, PS-Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from **July Nag** (old name) to **Jolly Nag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Jolly Nag** (new name) for all future purposes.

**Samarath Nag**

**AFFIDAVIT**

By virtue of an affidavit (CF No. 02, dtd- 12/12/2025) sworn before the Executive Magistrate, Padampur. I, **Kaushalya Bhoi,** W/o-Bhojaraj Budek, permanent resident of AT- Buromunda, PO- Gaisilat, Dist- Bargarh, PIN- 768037, Odisha declare that I have changed my name from **Kaushalya Budek to Kaushalya Bhoi.** Henceforth, I shall be known as **Kaushalya Bhoi** (new name) for all purposes.

**Kaushalya Bhoi**

**OFFICE OF THE PRINCIPAL / SECRETARY**
**GOPINATHPUR SANSKRIT COLLEGE**
**GOPINATHPUR SHASAN, JADUPUR, MARSHAGHAI, KENDRAPARA-754213**
E-Mail: gopinathpursanskritcollege@gmail.com
MOB: 9938848073 / 9938884525

**ADVERTISEMENT**

Online applications through the HIMS Portal are invited from the willing retired persons, whose maximum age is 69 years as on **31.10.2025** for the guest faculty Contractual post of Lect. in Vyakarana, Darshan & Clerk, each one post, through the college mail directly. **Remuneration: Contractual payment fixed by HE Dept., Govt. of Odisha.**

**Sd/- Principal**

**AFFIDAVIT**

By virtue of an affidavit (CF No. 06, dtd- 12/12/2025) sworn before the Executive Magistrate, Padampur. I, **Jharana Bhoi,** W/o- Seklal Bhoi, permanent & current resident of AT- Kandadangar, PO- Bijadhol, Dist- Bargarh, PIN- 768042, Odisha declare that I have changed my minor daughter's name from **Jyosna Bhoi to Jyotshna Bhoi.** Henceforth, she shall be known as **Jyotshna Bhoi** (new name) for all purposes.

**Jharana Bhoi**

**AFFIDAVIT**

By virtue of an affidavit sworn before The Executive Magistrate, Sambalpur on dated- 10/12/2025. I, **Kunal Panigrahi,** S/o- Muralidhar Panigrahi, resident of AT: Madhupur, PO: Tileimal, PS: Laikera, Dist: Jharsuguda, Odisha, PIN- 768221 declare that I have changed my name from **Likun Panigrahi to Kunal Panigrahi.** Henceforth, I shall be known as **Kunal Panigrahi** (new name), S/o Muralidhar Panigrahi for all purposes.

**Kunal Panigrahi**

# ରାଜ୍ୟସ୍ତରୀୟ 'ଗାଁ ଦିବସ': କଳାଗ୍ରାମ ଲୋଗୋ ଉନ୍ମୋଚିତ

ଫିରିଙ୍ଗିଆ,୧୩।୧୨(ସମିସ)




ଫିରିଙ୍ଗିଆସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ରାଜ୍ୟସ୍ତରୀୟ ଗାଁ ଦିବସ ସମ୍ମାନ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗ୍ରାମାଞ୍ଚଳରେ ଲୁଚିରହିଥିବା ପାରମ୍ପରିକ କଳା ଓ କଳାକାରଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ କଳା ସଂସ୍କୃତିର ପ୍ରଚାର ପ୍ରସାର ଓ ବିକାଶ ଉପରେ କାର୍ଯ୍ୟକ୍ରମ ଜାରି ରଖିଥିବା ରାଜ୍ୟର ଅଗ୍ରଣୀ କଳାକାର ସଂଗଠନ କଳା କ୍ଷେତ୍ର ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିବା ବେଳେ କନ୍ଧମାଳ ଜିଲ୍ଲାର ବହୁ କଳାକାର ସାମିଲ ହୋଇଥିଲେ। କନ୍ଧମାଳ ଜିଲ୍ଲା ପାରମ୍ପରିକ ଲୋକକଳା ସଙ୍ଘ ସଭାପତି ଅକ୍ଷୟ କୁମାର କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାକ୍ଷେତ୍ର ଅନୁଷ୍ଠାନର ସଭାପତି ତଥା ବରିଷ୍ଠ ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। କଳାକ୍ଷେତ୍ରର ପ୍ରତିଷ୍ଠାତା ତଥା ସମ୍ପାଦକ ବାସୁଦେବ ମାଳବିଶୋଇ, ଫୁଲବାଣୀ ବିଧାୟକ ଉମାଚରଣ ମଲିକ, ବିଜେପି ରାଜ୍ୟ ସମ୍ପାଦକ ଭଗବାନ ମହାନ୍ତି, ବରିଷ୍ଠ ବିଜେପି ନେତା ସଞ୍ଜିତ ମଣ୍ଡଳ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନେତ୍ର ମାନସେଠ, ସାଂସଦ ପ୍ରତିନିଧି ଗୋଲକ ବିହାରୀ କହଁର, ବିଧାୟକ ପ୍ରତିନିଧି ପ୍ରଶାନ୍ତ କମ୍ପ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ତଥା ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ମହାଦେବ ସାହୁ ପରିଚଳନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଏକ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ପ୍ରାୟ ଚାଳିଶ ସାଂସ୍କୃତିକ ଦଳ ଭାଗ ନେଇଥିଲେ ଓ ପରେ କଲ୍ୟାଣ ମଣ୍ଡପ ଠାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ପ୍ରାୟ ବହୁ ପାରମ୍ପରିକ କଳାକାରଙ୍କୁ ସମ୍ମାନିତ କରାଯାଇଥଲା। ଅତିଥିଙ୍କ ଦ୍ୱାରା କଳାଗ୍ରାମ ଲୋଗୋ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ପାରମ୍ପରିକ ଲୋକ କଳାକାର ସଙ୍ଘ ସଦସ୍ୟା ସ୍ୱପ୍ନରାଣୀ କର୍ଣ୍ଣ, ସମ୍ପତି ଦିଗାଳ, ଲିଳାବତୀ ଦିଗାଳ, ସଂଘ ସମ୍ପାଦକ ପ୍ରଭାତ ବେହେରା, ଅର୍ଜୁନ ମଲିକଙ୍କ ସହ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶେଷରେ ସଭାପତି ଅକ୍ଷୟ କୁମାର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

**ଯୋଗଦେଲେ ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ**

## ଧାନ ଅମଳ ମେସିନରେ ହାତ ପଶି ଯୁବକ ଗୁରୁତର



ମୋହନା,୧୩।୧୨(ସମିସ): ଧାନ ଅମଳ ମେସିନରେ ହାତ ପଶି ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ଜଣକ ହେଲେ ମୋହନା ଥାନା ପିଣ୍ଡିକି ପଞ୍ଚାୟତ ନିଜୁମା ଗ୍ରାମର ଅଭିମନ୍ୟୁ ମଲ୍ଲିକ। ନିଜ ଖଳାରେ ଟ୍ରାକ୍ଟର ଦ୍ୱାରା ଲାଗିଥିବା ଧାନ ଅମଳ ମେସିନରେ କାମ କରୁଥିବାବେଳେ ମେସିନରେ ହାତ ପଶିଯାଇଥିଲା। ପରିବାର ଓ ସମ୍ପର୍କୀୟ ମେସିନ ମଧ୍ୟରୁ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ତୁଷାରପାତ ସହ ଫିରିଙ୍ଗିଆରେ ଅସହ୍ୟ ଜାଡ଼

**ଫିରିଙ୍ଗିଆ,୧୩।୧୨(ସମିସ):** ଫିରିଙ୍ଗିଆ ବ୍ଲକରେ ଅସହ୍ୟ ଜାଡ଼ ଅନୁଭୂତ ହେଉଛି। ଏଥିଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସକାଳ ଓ ସନ୍ଧ୍ୟା ହେଲେ ଲୋକେ ନିଆଁର ଆଶ୍ରୟ ନେଉଛନ୍ତି। କମ୍ବଳ ଓ ଚାଦର ମଧ୍ୟ ଶୀତରୁ ରକ୍ଷା କରି ପାରୁନାହିଁ। ଗାଁରୁ ସହର ପର୍ଯ୍ୟନ୍ତ ଲୋକେ ନିଆଁ ଜାଳି ଶୀତରୁ ନିଜକୁ ରକ୍ଷା କରୁଛନ୍ତି। ୩ ଦିନ ଧରି ଫିରିଙ୍ଗିଆର ବିଭିନ୍ନ ଅଞ୍ଚଳରେ ତୁଷାରପାତ ହୋଇଛି। ଚାଳ ଘର ଛପର ଉପରେ ଏବଂ ପାଳ ଗଦା ସହ ବିଲରେ ମଧ୍ୟ ତୁଷାରପାତ ହୋଇଥିବା ଦେଖିବାକୁ ମିଳିଛି।



## ଜି.ଉଦୟଗିରିରେ ତୁଷାରପାତ
## ୨ଦିନ ହେଲା ସର୍ବନିମ୍ନ ତାପମାତ୍ରା ୩. ୧ ଡିଗ୍ରୀ

ଜି.ଉଦୟଗିରି,୧୩।୧୨(ସମିସ): ଜି.ଉଦୟଗିରି ଅଞ୍ଚଳରେ ଦିନକୁ ଦିନ ପାରଦ କମିବାକୁ ଲାଗିଥିବା ବେଳେ ଆଜି ତୁଷାରପାତ ହୋଇଛି। ସପ୍ତାହେ ହେଲା ତାପମାତ୍ରା ୫ଡିଗ୍ରୀ ତଳେ ରହୁଥିବାବେଳେ ଆଜି ୩.୧ ଡିଗ୍ରୀ ରହିଛି। ଅସହ୍ୟ ଶୀତରେ ଲୋକେ କଲବଲ ହେଉଛନ୍ତି। ଗ୍ରାମାଞ୍ଚଳ ସହିତ ସହରାଞ୍ଚଳ ବିଲ, ପାଳ ଗଦା, ଗାଡ଼ି ଉପରେ ଆଜି ତୁଷାରପାତ ହୋଇଥିବା ଦେଖିବାକୁ ମିଳୁଛି। ଯାହା ଆଜି ସୋସିଆଲ ମିଡ଼ିଆରେ ଘୁରି ବୁଲୁଛି। ଅସହ୍ୟ ଶୀତ ସାଙ୍ଗକୁ କୋହଲା ପବନ ଅଧିକ କଷ୍ଟଦାୟକ ହୋଇଥିବା ବେଳେ ନିଆଁ ହିଁ ସାହାରା ହୋଇଛି। ସନ୍ଧ୍ୟା ହେବା ମାତ୍ରେ ଗ୍ରାମାଞ୍ଚଳରେ ଘରେ ଘରେ ନିଆଁ ଜାଳି ଲୋକେ ନିଆଁ ପୁଉଁଥିବା ଦେଖିବାକୁ ମିଳୁଛି। ଅସହ୍ୟ ଶୀତରେ ଛଟପଟ ହେଉଥିବା ଲୋକଙ୍କୁ ଚିହ୍ନଟ କରି ସେମାନଙ୍କୁ କମ୍ବଳ ଯୋଗାଇ ଦେବାକୁ ସ୍ୱେଚ୍ଛାସେବୀ ସଂଗଠନ ସ୍ୱାକର ସଦସ୍ୟ ବିଭିନ୍ନ ଲୋକଙ୍କୁ ଭେଟି ସହାୟତା କରିବାକୁ ଅନୁରୋଧ କରିବା ସହିତ ଅସହାୟଙ୍କୁ ପ୍ରଦାନ କରୁଛନ୍ତି। ଜିଲ୍ଲାପାଳଙ୍କୁ ସାକ୍ଷତ କରି ଏହି ଅସହାୟ ଲୋକଙ୍କୁ କମ୍ବଳ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି।





● ବେଲଘର ବନାଞ୍ଚଳରେ ଦନ୍ତା ମୃତ୍ୟୁ ଘଟଣା

## ବ୍ୟବଚ୍ଛେଦ ପରେ ଶେଷକୃତ୍ୟ କଲା ବନ ବିଭାଗ

ତୁମୁଡିବନ୍ଧ,୧୩।୧୨(ସମିସ): ବାଲିଗୁଡା ବନଖଣ୍ଡ ବେଲଘର ବନାଞ୍ଚଳର ଝିରିପାଣି ପଞ୍ଚାୟତ କରଜଣ୍ଡି ଗ୍ରାମରେ ଦନ୍ତା ହାତୀର ସନ୍ଦେହଜନକ ମୃତ୍ୟୁ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବାଲିଗୁଡା ବନାଞ୍ଚଳରେ ହାତୀ ସୁରକ୍ଷାକୁ ନେଇ ବନବିଭାଗକୁ ପ୍ରଶ୍ନ କରିଛନ୍ତି ଅଞ୍ଚଳବାସୀ। ଅଞ୍ଚଳରେ ଅନେକ ସମୟରେ ହାତୀ ଫସଲ ନଷ୍ଟ କରୁଛନ୍ତି। ହେଲେ ହାତୀକୁ ସୁରକ୍ଷା ଦେବାରେ ବେଲଘର ବନବିଭାଗ ବିଫଳ ହୋଇଛି। ମୃତ ହାତୀ ଦୀର୍ଘଦିନ ଧରି ଅଞ୍ଚଳରେ ଉପଦ୍ରବ କରୁଥିବା ଓ ଅସୁସ୍ଥ ଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ ମଧ୍ୟ ବନବିଭାଗ ଅସୁସ୍ଥ ହାତୀକୁ ଟ୍ରାକ କରିବାରେ ବିଫଳ ହୋଇଥିଲା। ଏଥିଯୋଗୁ ଖାଦ୍ୟ ଅଭାବରୁ ମୃତ୍ୟୁ ହୋଇଥିବା କୁହାଯାଉଛି। ଶନିବାର ଦିନ ବେଲଘର ବନବିଭାଗର ବନପାଳ ବିନୟ କୁମାର ବିଶିଙ୍କ ନେତୃତ୍ୱରେ, ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗରେ ବ୍ରହ୍ମପୁର ଆରସିସିଏଫ ବିଶ୍ୱନାଥ ନୀଳନବର, ବାଲିଗୁଡା ବନଖଣ୍ଡ ଅଧିକାରୀ ଘନଶ୍ୟାମ ମହୋନ୍ତା, ଏସିଏଫ୍ ସୂର୍ଯ୍ୟକାନ୍ତ ବେହେରା ଓ ମନୋରଞ୍ଜନ ବାଗଙ୍କ ଉପସ୍ଥିତିରେ ମୃତ ହାତୀର ଶବକୁ ବ୍ୟବଚ୍ଛେଦ କରାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତ ହାତୀର ସତ୍କାର କରାଯାଇଥିଲା।

## ବନଶ୍ରୀ ବାଳିକା ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ସପ୍ତାହ

**ଜି.ଉଦୟଗିରି,୧୩।୧୨(ସମିସ):** ନିକଟସ୍ଥ ବନଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଇକୋ କ୍ଲବ ମେଣ୍ଟର ଜିତେନ୍ଦ୍ର କୁମାର ସାମଲ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତ ପ୍ରଭା ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶକ୍ତି ସଂରକ୍ଷଣକୁ ନେଇ ଚିତ୍ରାଙ୍କନ, ବକ୍ତୃତା, ରଙ୍ଗୋଲି ପ୍ରତିଯୋଗିତା ସହ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ଶକ୍ତି ସଂରକ୍ଷଣ ସଚେତନତା ଶୋଭାଯାତ୍ରା ହୋଇଥିଲା। ଛାତ୍ରୀମାନେ ସଚେତନାତ୍ମକ ପ୍ଲାକାର୍ଡ ସହିତ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲା। ଏଥିରେ ଶିକ୍ଷକ ଦେବେନ୍ଦ୍ର ପଣ୍ଡା, ଶିକ୍ଷୟିତ୍ରୀ ମମତା ଆଲୁକ, ସ୍ୱପ୍ନା ରାଣୀ ଗୌଡ଼ ଓ ରାଜେନ୍ଦ୍ର ବାଡତିଆ ସହଯୋଗ କରିଥିଲେ। କଳିଙ୍ଗା ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ୩୩ ଜଣ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ।




## ସାମ୍ବାଦିକଙ୍କ ଘରୁ ଚୋରି

**ପାରଳାଖେମୁଣ୍ଡି,୧୩।୧୨(ସମିସ):** ପାରଳାଖେମୁଣ୍ଡି ସହରର ରାମକୃଷ୍ଣ ପାଢ଼ୀ ମାର୍ଗସ୍ଥିତ ବାଟ ଗୌଡ ସାହି ଛକରେ ରହୁଥିବା ବରିଷ୍ଠ ସାମ୍ବାଦିକ ଦ୍ୱିଜେନ୍ ପାଢିଙ୍କ ଘରୁ ଚୋରି ହୋଇଛି। ଦୁର୍ବୃତ୍ତ ଘରକୁ ପଶୁଥିବା ଓ ବାହାରୁଥିବା ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବା ବେଳେ ଚୋରିବେଳେ କ୍ୟାମେରା ଉପରେ କପଡ଼ା ପକାଇ ଦେଇଥିଲେ। ଏପରି ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଚୋରି ନେଇ ଜନସାଧାରଣ ଭୟଭୀତ ହୋଇପଡ଼ିଛନ୍ତି। ଶ୍ରୀ ପାଢି ଗତ କିଛିଦିନ ହେଲା ସପରିବାର ବାହାରକୁ ଯାଇଥିଲେ। ଚୋରି ଖବର ପାଇ ପାରଳାଖେମୁଣ୍ଡି ପୁଲିସ ପହଞ୍ଚି ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଆରମ୍ଭ କରିଛି। ଘର ଭିତରର ସମସ୍ତ କବାଟକୁ ତାଡ଼ି ଭାଙ୍ଗି ଦିଆଯାଇଛି। ଦୁର୍ବୃତ୍ତ ୨ ଘଣ୍ଟା ଧରି ଘର ଭିତରେ ରହି ସମସ୍ତ ଆଲମାରି ଭାଙ୍ଗି କିଛି ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି କରିଛନ୍ତି। ଆଜି ସକାଳେ ଶ୍ରୀ ପାଢିଙ୍କ ସଫେଇ କର୍ମଚାରୀ ପହଞ୍ଚି ଘରର ପଛପଟେ ଦେଖିଲା ବେଳକୁ ଭେଣ୍ଟିଲେଟର ଭଙ୍ଗାଯାଇଥିବା ଦେଖି ପ୍ରଥମେ ଖବର ଦେଇଥିଲେ। ଏହାପରେ ତାଙ୍କ ସମ୍ପର୍କୀୟ ପହଞ୍ଚିଥିଲେ ଏବଂ ତାଙ୍କ ନିକଟରେ ଥିବା ଘରର ଅନ୍ୟ ଚାବିରେ ଘରର ତାଲା ଖୋଲି ଦେଖିଥିଲେ। ଶନିବାର ସନ୍ଧ୍ୟାରେ ଶ୍ରୀ ପାଢି ପାରଳାଖେମୁଣ୍ଡିରେ ପହଞ୍ଚିବା ପରେ ଥାନାକୁ ଯାଇଥିଲେ। ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଏକ ମାମଲା ରୁଜୁ କରାଯାଇ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମର ସହାୟତାରେ ତଦନ୍ତ କରାଯାଉଛି।



## ଶ୍ରୀଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଗୋଷାଣି,୧୩।୧୨(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରାବନ୍ଧସ୍ଥିତ ସରକାରୀ ଶ୍ରୀ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି. ଗଙ୍ଗାଧର କ୍ରୀଡ଼ା ପତାକା ଉତ୍ତୋଳନ କରି ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଶୁଭାରମ୍ଭ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ସଂସ୍କୃତ ଶିକ୍ଷୟିତ୍ରୀ ସୁଜାତା ପ୍ରମାଣିକ, ସମ୍ମାନିତ ଅତିଥି ରୂପେ ବରିଷ୍ଠ ଶିକ୍ଷୟତ୍ରୀ ବି. ବିଜୟା, ସଞ୍ଜୀବ କାର୍ଯ୍ୟୀ, ଗୋପୀନାଥ ଗୌଡ, ଏସ୍.ଗୀତାଞ୍ଜଳୀ ଓ ବି.ଭେଙ୍କଟରାଓ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ବିଦ୍ୟାଳୟର କନିଷ୍ଠ ଓ ବରିଷ୍ଠ ବିଭାଗର ୪୯ ଜଣ ଛାତ୍ରୀ ଓ ୧୭୨ ଜଣ ଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସଫଳ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ବହୁ ପୁରାତନ ଛାତ୍ର ସହଯୋଗ କରିଥିଲେ।



## ଗଜପତି ଜିଲ୍ଲାରେ ୪ର୍ଥ ଜାତୀୟ ଲୋକ ଆଦାଲତ



**ପାରଳାଖେମୁଣ୍ଡି,୧୩।୧୨(ସମିସ):** ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପାରଳାଖେମୁଣ୍ଡି, ମୋହନା, ଆର୍. ଉଦୟଗିରି ସିଭିଲ କୋର୍ଟ ପରିସରରେ ଏବଂ ଗ୍ରାମ୍ୟନ୍ୟାୟାଳୟ କାଶୀନଗରରେ ୪ର୍ଥ ଜାତୀୟ ଲୋକ ଆଦାଲତ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାଜଜ୍ ବିଭୂ ପ୍ରସାଦ ପଣ୍ଡା, ମୁଖ୍ୟ ନ୍ୟାୟିକ ଦଣ୍ଡାଧୀଶ ନରତ୍ତୋମ ସେଠୀ, ସିନିୟର ଡିଭିଜନ ସିଭିଲଜଜ୍ ଜୀବାନନ୍ଦ ପାଢ଼ୀ, ସିଭିଲ କୋର୍ଟର ରେଜିଷ୍ଟ୍ରାର ପ୍ରସନ୍ନ କୁମାର ବେହେରା, ଆଇନସେବା ପ୍ରାଧୀକରଣର ସଚିବ ବିମଳ ରାଉଳ, ସିଭିଲଜଜ୍ ସିନିୟର ଡିଭିଜନ ମହିଳାକୋର୍ଟ ରସ୍ମିତା ସାହୁ, ପାରଳାଖେମୁଣ୍ଡି ଏସଡିଜେଏମ୍ ବିଷ୍ଣୁପ୍ରିୟା ସାମନ୍ତରାୟ, ଜେଏମ୍ଏଫସିଂ ସତ୍ୟଜିତ ପାଣି, ଆର୍.ଉଦୟଗିରି କୋର୍ଟର ସିଭିଲଜଜ୍ ସିନିୟର ଡିଭିଜନ ସୌଦାମିନୀ ବିଶ୍ୱାଳ, ଆର୍.ଉଦୟଗରି ଜେଏମ୍ଏଫସି ତରୁଣ କୁମାର ସେଠୀ, ମୋହନା ଜେଏମ୍ଏଫସି ସୁଭଜିତ ବେହେରା, କାଶୀନଗର ଗ୍ରାମ୍ୟ ନ୍ୟାୟାଧିକାରୀ ମୋନାଲି ବେହେରା ନିଜ ନିଜ ଆଦାଲତରେ ଉପସ୍ଥିତ ରହି ଜାତୀୟ ଲୋକ ଆଦାଲତ ପରିଚାଳନା କରିଥିଲେ। ଏହି ଲୋକ ଆଦାଲତରେ ମୋଟ ୩,୫୪୨ଟି ମାମଲା ଗ୍ରହଣ କରାଯାଇଥିଲା। ୨,୭୫୩ର ମାମଲା ନିଷ୍ପତ୍ତି ହୋଇଥିଲା ଏବଂ ମୋଟ ୨୫,୨୦,୬୭୯ ଟଙ୍କା ସମାଧାନ ରାଶି ନିର୍ଦ୍ଧାରଣ କରାଯାଇଥିଲା।

## ବିଦ୍ୟାଳୟସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା

ଜି.ଉଦୟଗିରି,୧୩।୧୨(ସମିସ): ଜି.ଉଦୟଗିରି ଏନଏସି ଅନ୍ତର୍ଗତ ରାବାନାୟୁ ପ୍ରାଥମିକ ବିଦ୍ୟାଳୟରେ ୨ ଦିନିଆ ବିଦ୍ୟାଳୟସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏବିଓ ମିହିର କାନ୍ତ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ ପି.ମଧୁସ୍ମିତା ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ




ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ତୃପ୍ତି ପ୍ରଧାନ ସହ ଅନ୍ୟ ୧୪ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ କର୍ମଶାଳାରେ ପ୍ରଶିକ୍ଷଣ ନେଇଥିଲେ। ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ରାଥମିକ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ସହଜ, ଆକର୍ଷଣୀୟ ଓ ପ୍ରାୟୋଗିକ ଶିକ୍ଷା ପ୍ରଦାନ କରିବା ପାଇଁ ନୂତନ ଓ ସୃଜନାତ୍ମକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା। ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀକୁ ଶ୍ରେଣୀ କକ୍ଷରେ ବ୍ୟବହାର କରି ଶିକ୍ଷା ଦାନକୁ ଅଧିକ ରୁଚିକର ଓ ଫଳପ୍ରଦ କରିବା ଉପରେ ଆଲୋଚନା କରାଯାଇଥିଲା। କର୍ମଶାଳାର ଶେଷ ଦିନରେ ପ୍ରସ୍ତୁତ ହୋଇଥିବା ସମସ୍ତ ଶିକ୍ଷଣ ସାମଗ୍ରୀର ପ୍ରଦର୍ଶନ କରାଯାଇ ଶିକ୍ଷକମାନଙ୍କ ପ୍ରୟାସକୁ ସମସ୍ତେ ପ୍ରଶଂସା କରିଥିଲେ। ଏହି ପ୍ରକାର କର୍ମଶାଳା ଦ୍ୱାରା ଶିକ୍ଷାର ଗୁଣମାନ ବୃଦ୍ଧି ପାଇବ ବୋଲି ମତ ପ୍ରକାଶ ପାଇଥିଲା।

### ନାଏବ ସରପଞ୍ଚ ଓ ୱାର୍ଡସଭ୍ୟ ମହାସଂଘ କାର୍ଯ୍ୟକାରିଣୀ ବୈଠକ

# ଅଧିକାର ସାବ୍ୟସ୍ତ ପାଇଁ ଲଢ଼େଇ କରିବାକୁ ଆହ୍ୱାନ

ଫିରିଙ୍ଗିଆ,୧୩।୧୨(ସମିସ)

ଫିରିଙ୍ଗିଆ ବ୍ଲକ ଡ଼ିମିରିଗୁଡା ପଞ୍ଚାୟତ କାର୍ଯ୍ୟାଳୟ ସଭା ଗୃହରେ ନାଏବ ସରପଞ୍ଚ, ୱାର୍ଡସଭ୍ୟ ମହାସଂଘର ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଜନପ୍ରତିନିଧି ନିଜର କର୍ତ୍ତବ୍ୟ, ନିଷ୍ଠା ଓ ୱାଡର୍‌ର ବିକାଶ ସହ ପଞ୍ଚାୟତର ବିକାଶ କିପରି ହୋଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ୱାଡର୍‌ସଭ୍ୟ କିମ୍ବା ନାଏବ ସରପଞ୍ଚଙ୍କୁ ପଞ୍ଚାୟତ ଅଧିକାରୀ ଅଣଦେଖା କଲେ ନିରବ ନରହି ନିଜ ଅଧିକାର ସାବ୍ୟସ୍ତ କରିବା ସହ ୱାଡର୍‌ସଭ୍ୟ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ସମୟର ପଦକ୍ଷେପ କ'ଣ ରହିବ ସେ ନେଇ ଆଲୋଚନା ହୋଇଥିଲା। ନୂତନ ବର୍ଷରେ ରାଜ୍ୟ ୱାଡର୍‌ମେମ୍ବର ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ପୂର୍ବକ ଦାବିପତ୍ର ପ୍ରଦାନ ସହ କନ୍ଧମାଳ ଜିଲ୍ଲାସ୍ତରୀୟ ରାଲି ମାଧ୍ୟମରେ ଦାବିପତ୍ର ଦିଆଯିବ। ଏଥିନିମନ୍ତେ ଜିଲ୍ଲାରେ ବ୍ଲକସ୍ତରୀୟ ବୈଠକ କରି ସମସ୍ତଙ୍କୁ ଅବଗତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ରାଜ୍ୟ ୱାଡର୍‌ମେମ୍ବର ସଂଘ ସାଧାରଣ ସମ୍ପାଦକ ତଥା କନ୍ଧମାଳ ଜିଲ୍ଲା ସମ୍ପାଦକ ପରମାନନ୍ଦ ନାୟକ, କନ୍ଧମାଳ ଜିଲ୍ଲା ସଭାପତି ସଂଜୀବ କୁମାର ଦିଗାଲ, ଡ଼ିମିରିଗୁଡା ସରପଞ୍ଚ ମନୋଜ କହଁର, ଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରମୋଦ ଦିଗାଲ, ଉପଦେଷ୍ଟା ଗଣେଶ୍ୱର ପ୍ରଧାନ, ବାଲିଗୁଡା ବ୍ଲକ ଲିଡର ରଞ୍ଜିତ କୁମାର ଦିଗାଲ, ଫିରିଙ୍ଗିଆ ବ୍ଲକଲିଡର ସଂକୀର୍ତ୍ତନ ସାହାଣୀ, ସଭାନେତ୍ରୀ ବନିତା କହଁର ଏବଂ ଫିରିଙ୍ଗିଆ ବ୍ଲକର ବିଭିନ୍ନ ପଞ୍ଚାୟତର ବହୁ ୱାର୍ଡମେମ୍ବର, ନାଏବ ସରପଞ୍ଚ ବୈଠକରେ ଉପସ୍ଥିତ ଥିଲେ।



**ବାହୁଦା ପଠାରେ ବୃଦ୍ଧଙ୍କୁ ହତ୍ୟା ଘଟଣା**

# ଭାଇ ପରେ ଜେଲ୍ ଗଲା ଅଭିଯୁକ୍ତ ଭଉଣୀ

ଦିଗପହଣ୍ଡି,୧୩।୧୨(ସମିସ)

ଗଞ୍ଜାମ ଜିଲ୍ଲା କେ.ନୂଆଗାଁ ଥାନା ନୂଆପଡ଼ା ଗ୍ରାମ ନିକଟ ବାହୁଦା ନଦୀ ପଠାରେ ଗ୍ରାମର ବୃଦ୍ଧ ନାରାୟଣ ପ୍ରଧାନ(୬୧) ଙ୍କୁ ହତ୍ୟା ଘଟଣାରେ ଅନ୍ୟତମ ଅଭିଯୁକ୍ତାଙ୍କୁ ଶନିବାର ତଦନ୍ତକାରୀ ଅଧିକାରୀ ତଥା କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ଅଧିକାରୀ ଜଗବନ୍ଧୁ ବାର୍ଲା ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତା ଜଣକ ହେଲେ ନୂଆପଡ଼ା ଗ୍ରାମ ଚରିଆପଡ଼ା ସାହିର ଝୁମୁରି ବେହେରା। ଥାନା ମାମଲା ନଂ.୩୫୩/୨୫ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।

ଗତ ଅକ୍ଟୋବର ୧୨ ଭୋରରେ ନାରାୟଣଙ୍କ ରକ୍ତାକ୍ତ ମୃତଦେହ ନଦୀ ପଠାରୁ ଉଦ୍ଧାର ହୋଇଥିଲା। ତାଙ୍କ ପୁଅ ଶିବ ଏନେଇ କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ। ହତ୍ୟା ଘଟଣାର ୫ ଦିନ ପୂର୍ବେ ନାରାୟଣ ଝୁମୁରୀଙ୍କ ଘରେ ପଶି ତାଙ୍କ ଝିଅଙ୍କୁ ଅସଦାଚରଣ କରିଥିଲେ। ମା' ଘରକୁ ଫେରିବା ପରେ ଝିଅ ଏନେଇ କହିବାରୁ ଝୁମୁରିଙ୍କ ପରିବାର ଲୋକେ ନାରାୟଣଙ୍କୁ ଘଟଣା ସମ୍ପର୍କରେ ପଚାରିବା ସହ ମାଡ଼ ମାରିଥିଲେ। ଝୁମୁରି ଏନେଇ ଦିଗପହଣ୍ଡି ଥାନା କୋଟିନଡ଼ା ଗ୍ରାମରେ ରହୁଥିବା ତାଙ୍କ ସାନଭାଇ ଶୁଭରାଜ ବେହେରାଙ୍କୁ ଜଣାଇଥିଲେ। ନାରାୟଣଙ୍କୁ ହତ୍ୟା କରିବାକୁ ଶୁଭରାଜ ତାଙ୍କ ସାଙ୍ଗ ନୂଆପଡ଼ାର ଶଙ୍କର ବେହେରାଙ୍କ ସହ ମିଶି ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଅକ୍ଟୋବର ୧୧ ସନ୍ଧ୍ୟାରେ ଉଭୟେ ଦିଗପହଣ୍ଡି ପୁଞ୍ଜିକୟାଁ ଛକରେ ଯୋଜନା କରି ନୂଆପଡ଼ା ଗ୍ରାମ ନିକଟ ଧାନ୍ୟରାଶି ଶିବମନ୍ଦିରରେ ରାତି କଟାଇଥିଲେ। ଶୁଭରାଜଙ୍କ ଭଉଣୀ ଝୁମୁରି ରାତି ପ୍ରାୟ ୩ଟାରେ ନାରାୟଣ ନଦୀକୁ ଯାଉଥିବା ଫୋନ୍ କରି ଭାଇ ଶୁଭରାଜକୁ ଜଣାଇଥିଲେ। ନାରାୟଣ ନଦୀ ପଠାରେ ଥିବା ତାଙ୍କ ବଗିଚାରେ ପହଞ୍ଚି ଫୁଲ ତୋଳିବା ପରେ ନଦୀକୁ ଗାଧୋଇ ଯାଇଥିଲେ। ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଶୁଭରାଜ ଏବଂ ଶଙ୍କର ତାଙ୍କୁ କାତିରେ ହାଣି ହତ୍ୟା କରିବା ପରେ ବାଇକ୍ ଯୋଗେ ଫେରାର ହୋଇଯାଇଥିଲେ। ପୂର୍ବରୁ ଏହି ଘଟଣାରେ ସମ୍ପୃକ୍ତ ଶଙ୍କରକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଶୁଭରାଜ ଦିଗପହଣ୍ଡି କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଉଭୟେ ଦିଗପହଣ୍ଡି ସବ୍‌ଜେଲରେ ବିଚାରାଧୀନ ଅନ୍ତେବାସୀ ଭାବେ ରହିଥିବାବେଳେ ଏବେ ଝୁମିରି ମଧ ସେଠାରେ ପହଞ୍ଚିଛନ୍ତି।

## ଅପହୃତା ନାବାଳିକା ଉଦ୍ଧାର; ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୧୩।୧୨(ସମିସ): ଦିଗପହଣ୍ଡି ଅଞ୍ଚଳର ଏକ କଲେଜରେ ଯୁକ୍ତ ୩ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର ଘଟଣାରେ ଅଭିଯୁକ୍ତ ଦଣ୍ଡ ପାତ୍ରଙ୍କୁ ତଦନ୍ତକାରୀ ଅଧିକାରୀ ଦିଗପହଣ୍ଡି ଥାନା ଏସ.ଆଇ ରାଜ କିଶୋର ପାତ୍ର ଗିରଫ କରି ଶନିବାର ବ୍ରହ୍ମପୁର ପୋକ୍‌ସୋ କୋର୍ଟକୁ ଚାଲାଣ କରିଛନ୍ତି। ଥାନା ମାମଲା ନଂ.୪୪୬/୨୫ ଅନୁଯାୟୀ ଅଭିଯୁକ୍ତଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ୬ ତାରିଖରେ ଛାତ୍ରୀଙ୍କ ଘରେ କେହି ନଥିବା ସୁଯୋଗ ନେଇ ଅଭିଯୁକ୍ତ ତାଙ୍କୁ ଅପହରଣ କରି ନେଇଥିଲେ। ପରିବାର ଲୋକେ ଝିଅର ସନ୍ଧାନ ନ ପାଇ ଗତ ୮ ତାରିଖରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ମକଦ୍ଦମା ରୁଜୁ କରିଥିଲେ। ଶୁକ୍ରବାର ତଦନ୍ତକାରୀ ଅଧିକାରୀ ଅଭିଯୁକ୍ତଙ୍କ ମୋବାଇଲ ଫୋନ ଟ୍ରାକିଂ କରି ବ୍ରହ୍ମପୁର ରେଳ ଷ୍ଟେସନରେ ଚଢ଼ଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ନାବାଳିକାଙ୍କୁ ଭୁବନେଶ୍ୱର ପଳାଶୁଣି ନିକଟ ଓଭରବ୍ରିଜ ତଳେ ଏକ କୁଡ଼ିଆରେ ନେଇ ଦଣ୍ଡ ପାତ୍ର ରଖିଥିଲେ। ଗତ ୮ ତାରିଖରେ ଭୁବନେଶ୍ୱର ପଳାଶୁଣି ନିକଟ ଏକ ମନ୍ଦିରରେ ଅଭିଯୁକ୍ତ ଦଣ୍ଡ ମୋ ମୁଣ୍ଡରେ ସିନ୍ଦୂର ଲଗାଇ ମୋତେ ବିବାହ କରିଥିବା ନେଇ ମହିଳା ଥାନା ଏସ.ଆଇ ସୋଫିଆ ମିଶ୍ରଙ୍କ ସମ୍ମୁଖରେ ପୀଡ଼ିତା ଛାତ୍ରୀ ଜଣକ ବୟାନ ଦେଇଥିଲେ। ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଉଭୟ ଅଭିଯୁକ୍ତ ଏବଂ ଛାତ୍ରୀଙ୍କ ଡାକ୍ତରୀ ମାଇନା ସହ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତା ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଛି।

## କାରମେଲ ସିନିୟର ସେକେଣ୍ଡାରୀ ସ୍କୁଲର ବାର୍ଷିକ କ୍ରୀଡ଼ା



ଛତ୍ରପୁର,୧୩।୧୨(ସମିସ): ଛତ୍ରପୁର ସ୍ଥିତ କାରମେଲ ସିନିୟର ସେକେଣ୍ଡାରୀ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ପ୍ରିନ୍ସପାଲ ସିଷ୍ଟର ଡ଼ରେଟଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। ଉତ୍ସବରେ ଗ୍ରୀନ ସ୍ପୋର୍ଟ୍ସ ଗ୍ରୀନ ଫିଟର ଉପରେ ଅଧିକ ଫୋକସ ଦିଆଯାଇଥିଲା। ଏଥିରେ ପ୍ରେସିଡେନ୍‌ସି କଲେଜର ଅଧକ୍ଷ ଡ଼ଃ ଶ୍ରୀନିବାସ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଆନ୍ତର୍ଜାତିକ ପାରା କ୍ରୀଡ଼ାବିତ ଭି. ରମେଶ ରାଓ ଯୋଗଦେଇ କଠିନ ପରିଶ୍ରମ କରିଲେ ଦିନେ ନା ଦିନେ ସଫଳତା ହାସଲ କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ ଓ ମ୍ୟାନେଜର ସିଷ୍ଟର ଖ୍ରୀଷ୍ଟା ଯୋଗଦେଇଥିଲେ। ଏହି ଅବସରରେ ଛତ୍ରପୁର ପେସ୍ କ୍ଲବର ସଭାପତି ସରୋଜ କୁମାର ସାମଲ ଏବଂ ଓଜେୟୁର ଜିଲ୍ଲା ଉପସଭାପତି ପ୍ରଶାନ୍ତ କୁମାର ମହାରଣା କିଛି କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପ୍ରସାଦ ନାୟକ, ସୁବ୍ରତ କୁମାର ସାହୁ, ବି.ଭି. ରାଙ୍ଗା ରାଓ, ସଂଜୟ କୁମାର ବେହେରା, ସଂଜୀବ କୁମାର ପଣ୍ଡା, ଅମୀର କୁମାର ମହାପାତ୍ର, ଅନିତା ବେହେରା ଗୀତାଞ୍ଜଳି ଦାଶ, ଯଜ୍ଞାସେନୀ ସାମନ୍ତରା, କଲ୍ୟାଣୀ ପାତ୍ର, ବିଶ୍ୱାମିତ୍ର ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ / ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ମାନେ ସହଯୋଗ କରିଥିଲେ।

**● ନାହିଁ ନାହିଁରେ ଚାଲିଛି ହୋମିଓପାଥି ଚିକିତ୍ସାଳୟ**

## ସ୍ଥିତି ଅନୁଧ୍ୟାନ କଲେ ବିଧାୟକ ଓ ଭାରପ୍ରାପ୍ତ ଜିଲ୍ଲାପାଳ



**ଖୁବ୍‌ଶୀଘ୍ର ସମସ୍ୟା ସମାଧାନ ପାଇଁ ବିଧାୟକଙ୍କ ପ୍ରତିଶ୍ରୁତି**

ପାରଳାଖେମୁଣ୍ଡି,୧୩।୧୨(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଟାଉନହଲ୍ ପରିସରରେ ଥିବା ହୋମିଓପାଥିକ ଚିକିତ୍ସାଳୟ ଅବ୍ୟବସ୍ଥା ଘେରରେ ରହିଛି। ଏହି ଚିକିତ୍ସାଳୟ ୧୯୯୭ ସେପ୍ଟେମ୍ବର ୯ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ଥାପିତ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ବିଦ୍ୟୁତିକରଣ ବ୍ୟବସ୍ଥା ହୋଇ ନଥିବା ବେଳେ ଶୌଚାଳୟ, ପାନୀୟ ଜଳ ଆଦି ବ୍ୟବସ୍ଥା ନାହିଁ। ଏପରି ଅବ୍ୟବସ୍ଥାରେ ଚାଲିଛି ଚିକିତ୍ସାଳୟ। ଚିକିତ୍ସା ପାଇଁ ଆସୁଥିବା ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ହୋମିଓପାଥି ଚିକିତ୍ସାଳୟ ଥିବା କେହି ଜାଣିପାରୁ ନାହାନ୍ତି। ଏହାର ପ୍ରଚାରପ୍ରସାର ଏବଂ ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁ ଏପରି ଅବ୍ୟବସ୍ଥା ପରିଲକ୍ଷିତ ହେଉଥିବା ଅଭିଯୋଗ ହେଉଛି। ଏଠାରେ ଜଣେ ଡାକ୍ତର, ଜଣେ ସହାୟକ ଡାକ୍ତର ଓ ପାର୍ଟଟାଇମ୍ ସିକ୍ୟୁରିଟି ଭାବେ ଜଣେ କର୍ମଚାରୀ ରହିଛନ୍ତି। ଏପରି ନାହିଁ ନାହିଁରେ ଚାଲିଛି ହୋମିଓପାଥି ଚିକିତ୍ସାଳୟ। ଜିଲ୍ଲା ସଦରମହକୁମାରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଆଜି ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ, ପାରଳାଖେମୁଣ୍ଡି ପୌରାଧକ୍ଷାଙ୍କ ସମେତ ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନାଗା ଚିକିତ୍ସାଳୟ ପରିଦର୍ଶନ କରିବା ସହ ନିରୀକ୍ଷଣ କରିଛନ୍ତି। ବିଧାୟକ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତ। ବିଦ୍ୟୁତ ବିଭାଗ ଅଧିକାରୀଙ୍କ ସହ କଥା ହୋଇ ବିଦ୍ୟୁତ ସଂଯୋଗ କରାଯିବ ବୋଲି କହିଛନ୍ତି।

## ଓକିଲ ସଂଘ କାର୍ଯ୍ୟାଳୟରେ ହନୁମାନ ଚାଳିଶା



ଛତ୍ରପୁର,୧୩।୧୨(ସମିସ): ଛତ୍ରପୁର ସ୍ଥିତ ଓକିଲ ସଂଘ କାର୍ଯ୍ୟାଳୟରେ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ୧୦୮ ହନୁମାନ ଚାଳିଶା ଅନୁଷ୍ଠିତ ହୋଇଥିଲା। ପୂଜକ ଶଙ୍କର ମୁନୀ ଓ ଆଇନଜୀବୀ ଡ଼ଃ ପ୍ରଶାନ୍ତ କୁମାର ଶତପଥିଙ୍କ ଦ୍ୱାରା ବିଭିନ୍ନ ପୂଜା ଓ ହୋମ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଆଇନଜୀବୀ ପଦ୍ମ ଚରଣ ସାହୁ, ସୁରେନ୍ଦ୍ର ପଣ୍ଡା, ସନ୍ତୋଷ କୁମାର ସାହୁ, ସୁରେଶ ପଣ୍ଡା, ମୋହନ ରେଡ୍ଡୀ, କେଶବ ନାୟକ, ମନୋଜ କୁମାର ବେହେରା, ଗଙ୍ଗାଧର ପଣ୍ଡା, ଡମି ନାଥ ସାହୁ ଓ ପ୍ରଦୀପ ପାତ୍ରଙ୍କ ସମେତ ସମସ୍ତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ଦୁଇଟି ଦୋକାନରେ ଚୋରି ଉଦ୍ୟମ

ବିଞ୍ଝାରପୁର,୧୩।୧୨(ସମିସ): ବିଞ୍ଝାରପୁର ଥାନା ନିକଟ ବଜାରରେ ଦୁଇଟି ଦୋକାନରେ ଚୋରି ଉଦ୍ୟମ ହୋଇଥିବା ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଗତକାଲି ବିଳମ୍ବିତ ରାତିରେ ଚୋରମାନେ ଥାନା ଠାରୁ ୩୦୦ମିଟର ଦୂରରେ ଥିବା ଫେସନ୍ ବଜାର ଲୁଗା ଦୋକାନ ଓ କେଜିଏନ୍ ଟ୍ରେଡର୍ସ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଭାଙ୍ଗିବା ସହ ଦୋକାନର ମୁଖ୍ୟ ଫାଟକ ଭାଙ୍ଗିବାକୁ ଚେଷ୍ଟା କରୁଥିଲେ। ମାତ୍ର କେହି ଜଣେ ପାଟି କରିବାରୁ ଘଟଣାସ୍ଥଳରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ସବୁଠୁ ବଡ଼ କଥା ହେଲା ଦୁର୍ବୃତ୍ତ ପ୍ରତିଛବି ସିସିଟିଭି କ୍ୟାମେରାରେ କଏଦୀ ହୋଇଛି। ପୁଲିସ୍ ସିସିଟିଭିରେ କଏଦୀ ହୋଇଥିବା ଫଟୋକୁ ଆଧାର କରି ଚୋରକୁ କାବୁ କରିବାକୁ ଉଦ୍ୟମ ଚଳାଇଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି। ବିଞ୍ଝାରପୁର ଥାନା ଅଞ୍ଚଳରେ ବାରମ୍ବାର ଚୋରି ହେଉଥିଲେ ମଧ ଚୋରମାନଙ୍କୁ କାବୁ କରିବାରେ ବିଞ୍ଝାରପୁର ପୁଲିସ ସଫଳ ହୋଇପାରିନି।

## ୨୪୮ ଛାତ୍ରଛାତ୍ରୀ ଦେଲେ ନବୋଦୟ ପରୀକ୍ଷା

ଆସିକା,୧୩।୧୨(ସମିସ): ଶନିବାର ଦିନ ଆସିକା ହରିହର ହାଇସ୍କୁଲରେ ଗଞ୍ଜାମ ଜିଲ୍ଲାର ପାତ୍ରପୁର ବ୍ଲକର ସୁରଙ୍ଗି ଠାରେ ଥିବା ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ନିମନ୍ତେ ଆସିକା ବ୍ଲକର ୨୪୮ ଜଣ ବିଦ୍ୟାର୍ଥୀ ଶନିବାର ପରୀକ୍ଷା ଦେଇଛନ୍ତି।୨୦୨୬-୨୭ ଶିକ୍ଷା ବର୍ଷ ନିମନ୍ତେ ଆସିକା ବ୍ଲକର ୨୭ଟି ଗ୍ରାମ ପଞ୍ଚାୟତର ୧୩ଟି କ୍ଲଷ୍ଟରର ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନେ ଏହି ପରୀକ୍ଷା ଦେଇଥିଲେ। ଆସିକା ହରିହର ହାଇସ୍କୁଲରେ ଆୟୋଜିତ ପରୀକ୍ଷା କେନ୍ଦ୍ରରେ ମୋଟ ୨୬୯ ଜଣ ପିଲା ଫର୍ମ ପୂରଣ କରିଥିଲେ। ସେଥି ମଧ୍ୟରୁ ୨୧ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବା ଜଣାପଡିଛି। ଆସିକା ବ୍ଲକ ଶିକ୍ଷା ଅଧିକାରୀ ମୁନ ରାଣୀ ମହାନ୍ତି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମାକାନ୍ତ ମହାନ୍ତି, ନବୋଦୟ ବିଦ୍ୟାଳୟର ନିରୀକ୍ଷକ ବନ୍ଦନା କୁମାରୀ ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ। ସେହିପରି ଉଚ୍ଚ ବିଦ୍ୟାଳୟର ସୁଶାନ୍ତ କୁମାର ପଣ୍ଡା, ପ୍ରଶାନ୍ତି ନାୟକ, ଅର୍ଚ୍ଚନା ପାଢ଼ୀ, ବାଳକୃଷ୍ଣ ଗୌଡ଼, ଦେବନ ନାୟକ, ମନୋରଞ୍ଜନ ପଣ୍ଡା, ମମତାଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଭଞ୍ଜନଗର,୧୩।୧୨(ସମିସ): ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଡିହପଢାଳ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ସ୍ୱାଇଁ ଓଡିଶା ଶିକ୍ଷା ସେବାରେ ପଦୋନ୍ନତି ପାଇ ସୋରଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଯୋଗଦେଇଥିବା ବେଳେ ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସଭାପତିତ୍ୱରେ ବିଇଓ ସ୍ୱାଇଁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଓଷ୍ଟା ଜିଲ୍ଲା ସଭାପତି ସନ୍ତୋଷ ଜେନା, ବ୍ଲକ ସମ୍ପାଦକ ଗୌରୀନନ୍ଦନ ହୋତା, ଆଲୋଷ୍ଟା ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ସମେତ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ସ୍ୱାଇଁଙ୍କ ବିଦ୍ୟାଳୟ ପ୍ରତି ରହିଥିବା ଅଭୁଲା ସ୍ମୃତିକୁ ସାଉଁଟି ଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ଯାତ୍ରାରେ ସାହୁ ଭାଉଜଙ୍କ ଅଶ୍ଳୀଳ ନୃତ୍ୟ ପରିବେଷଣ

**● ଭିଡିଓ ଭାଇରାଲ; ଜନପ୍ରତିନିଧିଙ୍କ ଅସନ୍ତୋଷ**

ବୈପାରୀଗୁଡ଼ା, ୧୩।୧୨(ସମିସ): ବୈପାରୀଗୁଡା ବ୍ଲକ ସଦର ମହକୁମା ସ୍ଥିତ ରାବଣପୋଡି ପଡ଼ିଆଠାରେ ଅନୁଷ୍ଠିତ ପୃଥ୍ୱିରାଜ ଅପେରା ମଣ୍ଡପରେ ଗତକାଲି ରାତିରେ 'ଗୁମୁରି କାନ୍ଦୁଛି ଫୁଲ ସବାରୀ' ନାଟକ ମଞ୍ଚସ୍ଥ ହୋଇଥିଲା। ନାଟକ ପରିବେଷଣ ପୂର୍ବରୁ ମେଲୋଡି ତଥା ରେକଡ଼ ଡେନ୍ସରେ ବିବାଦୀୟ ଆଇଟମ ଗାର୍ଲ ସାହୁ ଭାଉଜ ଅଶ୍ଳୀଳ ନୃତ୍ୟ ପରିବେଷଣ କରିଥିବା ନେଇ ଅଭିଯୋଗ ହୋଇଛି। ପେଣ୍ଡାଲରେ ସାହୁ ଭାଉଜଙ୍କ ଅଶ୍ଳିଳ ନୃତ୍ୟ ପ୍ରଦର୍ଶନ କରୁଥିବା ବେଳେ ଯୁବକମାନେ ନୋଟ ଉଡାଉଥିବା ମଧ ଦେଖିବାକୁ ମିଳିଥିଲା। ପେଣ୍ଡାଲରେ ଚାଲିଥିବା ଅଶ୍ଳିଳ ନୃତ୍ୟର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେଉଛି। ମୋବାଇଲରୁ ମୋବାଇଲକୁ ଓ ସାମାଜିକ ଗଣମାଧମରେ ଏହି ଭିଡିଓ ଘୁରିବୁଲୁଛି। ପୁଲିସ ଉପସ୍ଥିତିରେ ଏଭଳି ଅଶ୍ଳୀଳ ନୃତ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ଅଶ୍ଳୀଳ ନୃତ୍ୟକୁ ନେଇ ବ୍ଲକ ଉପାଧକ୍ଷା ପୂର୍ଣ୍ଣିମା ବାରିକ, ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ମଣି ନାୟକ ଓ ସମିତିସଭ୍ୟା ମଞ୍ଜୁଲତା ପଟ୍ଟନାୟକ ପ୍ରମୁଖ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଯାତ୍ରାରେ ହେଉଥିବା ଅଶ୍ଳୀଳ



ନୃତ୍ୟ ଯୋଗୁଁ ସମାଜ ଉପରେ ଏହାର କୁପ୍ରଭାବ ପଡୁଛି। ତେଣୁ ଯାତ୍ରା ମଞ୍ଚରେ ଅଶ୍ଳୀଳ ନାଚ ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି। ସରକାର ଖୁବ୍‌ଶୀଘ୍ର ଯାତ୍ରା ପାଇଁ ମାର୍ଗଦର୍ଶିକା, ସେନ୍ସର ବୋର୍ଡ ଆଣିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ଶବ ସତ୍କାର କରିବାକୁ ଯାଇ ଶବ ପାଲଟିଲେ

ବୈପାରୀଗୁଡ଼ା, ୧୩।୧୨(ସମିସ): ଶବ ସତ୍କାରକୁ ଯାଇ ଫେରିବା ବେଳେ ଶବ ପାଲଟିଗଲେ ଜଣେ ବ୍ୟକ୍ତି। ଶବ ସତ୍କାର ସାରି ଫେରିବା ବେଳେ ଅଟୋ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ପାଲିଗୁଡ଼ାର ହରିମାଝି (୪୫)। ସୂଚନାନୁଯାୟୀ, ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ପାଲିଗୁଡା ଗାଁର ହରିମାଝି ଏବଂ ତାଙ୍କ ପରିବାର ଲୋକେ ନିଜ ସମ୍ପର୍କୀୟଙ୍କ ଶବ ସତ୍କାର ପାଇଁ ଏକ ଅଟୋ(ଓଆର୍୧୦ ଏଚ୍ ୦୨୭୩) ନମ୍ବରରେ ବାଲିଆ ନିକଟରେ ଥିବା ବାମୁଣୀପୁଟ ଯାଇଥିଲେ। କାମ ସାରି ବୈପାରୀଗୁଡ଼ା ଫେରିବା ବେଳେ ବୁରୁଡିପୁଟ ଛକରେ ଅଟୋ ଭରସାମ୍ୟ ହରାଇ ଅଲଟି ପଡ଼ିଥିଲା। ଯାହାଫଳରେ ଅଟୋରେ ବସିଥିବା ହରି ମାଝିଙ୍କ ସହ ପରିବାର ଲୋକେ ଛିଟିକି ପଡ଼ିଥିଲେ। ଆହତ ସମସ୍ତଙ୍କୁ ଜୟପୁର ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା, କିନ୍ତୁ ହରିମାଝିଙ୍କ ଚିକିତ୍ସା ଅବସ୍ଥାରେ ମୃତ୍ୟୁ ଘଟିଛି। ଅଟୋ ଚାଳଙ୍କ ବେପରୁଆ ଓ ଦ୍ରୁତ ଗତିରେ ଗାଡ଼ି ଚଳାଇବା ଯୋଗୁଁ ଏଭଳି ଅଘଟନ ଘଟିଛି ବୋଲି ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ବୈପାରୀଗୁଡ଼ା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## କୋରାପୁଟିଆ ଢେମଶାରେ କମ୍ପିଲା ଦିଲ୍ଲୀ ଦରବାର



କୋରାପୁଟ, ୧୩।୧୨(ସମିସ): ଆଦିବାସୀ ସମ୍ପ୍ରଦାୟଙ୍କ ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ଅଧିକାର, ସୁରକ୍ଷା ଏବଂ ସେମାନଙ୍କର ମୂଲ୍ୟବାନ ଅବଦାନ ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରିବା ସହ ପୁନଃ ଜାଗରଣ ଲକ୍ଷ୍ୟ ଏବଂ ସହିଦଙ୍କୁ ସମ୍ମାନ ଜଣାଇ ନୂଆଦିଲ୍ଲୀର ଅଗ୍ରଣୀ କଳାନୁଷ୍ଠାନ ଅକ୍ସ ପକ୍ଷରୁ ଇଣ୍ଡିଆ ଇଣ୍ଟର ନ୍ୟାସନାଲ ସେଣ୍ଟରରେ ଆୟୋଜିତ ହୋଇଥିଲା ଓଡ଼ିଶା ଇଣ୍ଟରନ୍ୟାସନାଲ ଆଦି ମହୋତ୍ସବ। ଏହାକୁ ଉଦ୍‌ଘାଟନ କରିଥିଲେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଫଗନ ସିଂହ କୁଲସ୍ତେ। ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟାଙ୍ଗନା ଡକ୍ଟର ଚନ୍ଦନା ରାଉଳଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ସୁଜିତ୍ କୁମାର, ମେଡିଆ ଆଣ୍ଡ ଏଣ୍ଟରଟ୍ରେନମେଣ୍ଟ ଜାତୀୟ ଅଧକ୍ଷ ସନ୍ଦୀପ ମାରୱାହା ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରିଥିଲେ। ରାଷ୍ଟ୍ରୀୟ ସଙ୍ଗୀତ ଓ ବନ୍ଦେ ଉତ୍କଳ ଜନନୀ ଗାନରେ ଶୁଭାରମ୍ଭ ହୋଇଥିଲା ଆଦି ମହୋତ୍ସବ। ଏଥିରେ ଓଡ଼ିଶାର କୋରାପୁଟ ଓ ରାଉରକେଲାରୁ ଆସିଥିବା ଆଦିବାସୀ କଳାକାରମାନେ ଆଦିମ ଆଦିବାସୀ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୋରାପୁଟ ଜିଲ୍ଲା ଦଶମନ୍ତପୁରର କୁମର ଜାନୀଙ୍କ ଡୁଡୁଙ୍ଗା କଳାକାରମାନେ କନ୍ଧ ପରଜା ସମ୍ପ୍ରଦାୟର ଲୋରି ଓ ଗୀତମରା ଗୀତ, ଢେମସା ନୃତ୍ୟ ଏବଂ ଭଦୋବଲାଣି ନାଟକ ପରିବେଷଣ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଶେଷରେ ଆସିଥିବା ସମସ୍ତ ଆଦିବାସୀ କଳାକାରମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣ ପତ୍ର ପ୍ରଦାନ କରାଯିବା ସହ କୋରାପୁଟ ଜାନି ଡୁଡୁଙ୍ଗା ଦଳକୁ ପୁରସ୍କାର ସ୍ୱରୂପ କୋଡ଼ିଏ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଦିଗପହଣ୍ଡି,୧୩।୧୨(ସମିସ)

ଦିଗପହଣ୍ଡି ତାଲୁକ ଆଇନ ସେବା କମିଟି ପକ୍ଷରୁ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧକ୍ଷା ତଥା ସିଭିଲ କୋର୍ଟ ସିନିୟର ଡିଭିଜନର ମାଜିଷ୍ଟ୍ରେଟ ମହାଶ୍ୱେତା ପରିଜା ବିଦ୍ୟୁତ ବିଭାଗ ଟିପିଏସଓଡିଏଲ ପକ୍ଷରୁ ପଞ୍ଜୀକୃତ ୫୧ଟି ମାମଲାର ଶୁଣାଣି କରି ୬ ଲକ୍ଷ ୫୧ ହଜାର ୨୪୯ ଟଙ୍କା ଆଦାୟ କରିଥିବା ବେଳେ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଆଗତ ୨୧ଟି ଋଣ ସମ୍ପର୍କିତ ମାମଲାର ଫୈସଲା କରାଯାଇ ୪ ଲକ୍ଷ ୫୨ ହଜାର ୫ ଶହ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ମାଜିଷ୍ଟ୍ରେଟ ନିଳିମା ଷଡଙ୍ଗୀ ୮ଟି ଫୌଜଦାରୀ ମାମଲାର ଫଇସଲା କରିଥିଲେ। ସରକାରୀ ଓକିଲ ନକୁଳ ପ୍ରଧାନ, ବିଚାର ବିଭାଗୀୟ କର୍ମଚାରୀ ପ୍ରଦୀପ କୁମାର ଶତପଥି, ଅଞ୍ଜଳି ମହାରଣା, ପ୍ରଦୀପ କୁମାର ପୁରୋହିତ, ସଂଗ୍ରାମ କେଶରୀ ପଣ୍ଡା, ଅଶ୍ୱିନୀ କୁମାର ପଟ୍ଟନାୟକ, ରୁଦ୍ର ପ୍ରସାଦ ତାଣ୍ଡିଆ, ପିଲଟୁ ହେମ୍ବ୍ରମ, କେ. ନୋକେୟା, କାଳିଆ ନାୟକ, ବିକ୍ରମ ବେହେରାଙ୍କ ସମେତ ବହୁ ଆଇନଜୀବୀ ସହଯୋଗ କରିଥିଲେ।



**ବେଲଗୁଣ୍ଠା:** ବେଲଗୁଣ୍ଠା ଉପଖଣ୍ଡ ବିଦ୍ୟୁତ୍ ବିଭାଗ ତରଫରୁ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ବିଦ୍ୟୁତ୍ ଚୋରି କରିବା କାରଣରୁ ଜୋରିମାନା ପଡ଼ିଥିବା ବିଦ୍ୟୁତ୍ ଗ୍ରାହକ ମାନଙ୍କ ନିମନ୍ତେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୫୨ ଜଣ ଗ୍ରାହକଙ୍କର ସମସ୍ୟାର ଆପୋଷ ସମାଧାନ କରାଯାଇଥିବା ଜଣାପଡିଛି। କାର୍ଯ୍ୟକ୍ରମରେ ବିଦ୍ୟୁତ୍ ବିଭାଗ ଉପଖଣ୍ଡ ଅଧିକାରୀ ସୁରଜ ପଟ୍ଟନାୟକ, ଡିଓଏସ୍ କେଶରୀ କୁମାର, କନିଷ୍ଠ ଯନ୍ତ୍ରୀ ସ୍ୱାଧୀନ ବରାଡ଼, ଆରପିଓ ବିଶ୍ୱନାଥ ମଲ୍ଲିକଙ୍କ ସମେତ ବହୁ କର୍ମଚାରୀ ସହଯୋଗ କରିଥିଲେ।

**ଆସିକା:** ତାଲୁକା ଆଇନ ପ୍ରାଧିକରଣ ପକ୍ଷରୁ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ମନୋଜ କୁମାର, ବିଚାରପତି ସୁକାନ୍ତ କିଶୋର ଜେନା, ବିଚାରପତି ଝିଲି ଲିନା ନାୟକ, ବିଚାରପତି ଏ. ଗୀତାଞ୍ଜଳି ନାୟୁଡୁ, ବିଚାରପତି ତୃପ୍ତି ଦାଶ, ବିଚାରପତି ଜେ. ମୋହିନୀ ଉପସ୍ଥିତ ରହି ୧୩୭ ଗୋଟି କେସର ଶୁଣାଣି କରିଥିଲେ। ବିଭିନ୍ନ ବର୍ଗର ଲୋକ ମାନେ ବିଭିନ୍ନ ସମସ୍ୟା ନେଇ ଏହି ଲୋକ ଅଦାଲତରେ ଅଂଶଗ୍ରହଣ କରି ସମସ୍ୟା ସମାଧାନ କରିଥିଲେ। ସେଥି ମଧ୍ୟରୁ ଆପୋଷ ସମାଧାନ, ଟଙ୍କା ଫେରସ୍ତ, ମୋଟର ସମ୍ବନ୍ଧୀୟ ଦୁର୍ଘଟଣା, ବୈବାହିକ ବିବାଦ, ଦେୱାନୀ ମାମଲାର ବିଚାରଣ କରି ମୋଟ ୫୩, ୬୯୨,୨୭ ଟଙ୍କା ଆଦାୟ ହୋଇଥିବା ଜଣାପଡିଛି। ଏହି ଲୋକ ଅଦାଲତରେ ଓକିଲ ସଙ୍ଘ ସଭାପତି ଅଜିତ ଚୌଧୁରୀ, ସମ୍ପାଦକ ନାରାୟଣ ମୁନି, ଆଇନଜୀବୀ ଛବିଳ ରାମ ମିଶ୍ର, ପ୍ରଭାତ ପାଢ଼ୀ, ସନ୍ତୋଷ ମିଶ୍ର, ଶିବରାମ ପାତ୍ର, ଶିବ ଶଙ୍କର ପାତ୍ର, ସରୋଜ ତ୍ରିପାଠୀ, ସୁରେନ୍ଦ୍ର ନାଥ ପଣ୍ଡା, ରବୀନ୍ଦ୍ର କୁମାର ପାତ୍ର, ସୁଧାଂଶୁ ପାଣିଗ୍ରାହୀ, ସନ୍ତୋଷ ପାଣିଗ୍ରାହୀ, ବିଦେଶୀ ନାହାକ, ଦିଲୀପ ପାଣିଗ୍ରାହୀ, ନାରାୟଣ ବେହେରାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

**ଭଞ୍ଜନଗର:** ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତରେ ଶନିବାର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଆୟୋଜିତ ହୋଇଯାଇଛି। ଏଥିରେ ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ତାଲୁକ ଆଇନ୍ ସେବା କମିଟିର ଅଧକ୍ଷ ଶେଖ୍ ମହମ୍ମଦ୍ କଏସ୍, ସିନିୟର ସିଭିଲ ଜଜ୍ ଦେବାଶିଷ ବିଶୋଇ, ଏସଡିଜେଏମ୍ ସୌମ୍ୟ ରଞ୍ଜନ ପୃଷ୍ଟି, ଜେଏମ୍‌ଏଫ୍‌ସି ଭିୟେନା ନାୟକଙ୍କ ସମେତ ଲୋକ ଅଦାଲତ ବେଞ୍ଚ ସଦସ୍ୟ ଡକ୍ଟର ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ରମେଶ ଚନ୍ଦ୍ର ପଣ୍ଡା, ଆଇନ୍ ସେବା କମିଟି ସଦସ୍ୟା ଅଳକା ମଞ୍ଜରି ପଟ୍ଟନାୟକ, ବାର ଆସୋସିଏସନ ସଭାପତି ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତି ରହି ବିଭିନ୍ନ ମାମଲାର ଫଇସଲା କରିଥିଲେ। ଓକିଲ ସଂଘ ସଂପାଦକ ଜ୍ୟୋତିରାଜ ପତି, ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ସନ୍ତୋଷ ତିଆଡ଼ି, ବଟକୃଷ୍ଣ ପଣ୍ଡା, ରଜନୀକାନ୍ତ ପଟ୍ଟନାୟକ, ପ୍ରଦୀପ ଶେଖର ପାଳ, ସୁରେଶ୍ୱରି ପ୍ରଧାନ, ଦେବୀ ପ୍ରସାଦ ତ୍ରିପାଠୀ, ଦିଲ୍ଲୀପ ତ୍ରିପାଠୀ, ସୂର୍ଯ୍ୟନାରାୟଣ ପାତ୍ର ପ୍ରମୁଖ ସହାୟତା କରିଥିଲେ। ୪୨୨ଟି ମାମଲାର ଶୁଣାଣି ହୋଇଥିବା ବେଳେ ୨୨୭ ମାମଲାର ଫଇସଲା ହୋଇ ମୋଟ ୮୧,୦୪,୯୭୮ ଟଙ୍କା ଆଦାୟ ହୋଇଥିଲା।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୨୫ ● ପାଉଣ୍ଡ ୧୨୧.୯୯
- ୟୁରୋ ୧୦୬.୫୯ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୩,୧୨୩ (ଭୁବନେଶ୍ୱର)
- ରୁପା : ୨,୧୩,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୨୬୭.୦୦
- ନିଫ୍ଟି ୨୬,୦୪୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଆମେରିକା ସଂସଦରେ ଭାରତ ସପକ୍ଷରେ ପ୍ରସ୍ତାବ

## ଲଗାଯାଇଥିବା ଶୁଳ୍କ ବେଆଇନ; ତୁରନ୍ତ ହଟାଇବାକୁ ଦାବି

**ୱାଶିଂଟନ, ୧୩।୧୨ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଚଢ଼ା ଶୁଳ୍କ ଲଗାଇଛନ୍ତି। ଭାରତୀୟ ସାମଗ୍ରୀ ଉପରେ ଲଗାଯାଇ ଥିବା ୫୦ ପ୍ରତିଶତ ଶୁଳ୍କକୁ ଆମେରିକା ସାଂସଦମାନେ ବିରୋଧ କରିଛନ୍ତି। ଏହେ ବେଆଇନ ବୋଲି କହିଛନ୍ତି। ଏହି ଶୁଳ୍କକୁ ତୁରନ୍ତ ହଟାଇବା ପାଇଁ ଡେବୋରା ରସ୍, ମାର୍କ ଭିଜି ଏବଂ ରାଜା କୃଷ୍ଣମୂର୍ତ୍ତି ଆମେରିକା ସଂସଦରେ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି। ଏହି ସାଂସଦଙ୍କ ଅନୁଯାୟୀ, ଭାରତ ଉପରେ ଲଗାଯାଇଥିବା ଶୁଳ୍କ ଆମେରିକା ପାଇଁ କ୍ଷତିକାରକ। ଏହାର ସର୍ବାଧିକ ପ୍ରଭାବ ଆମେରିକାର ସାଧାରଣ ନାଗରିକଙ୍କ ଉପରେ ପଡୁଛି।

ଡେବୋରା ରସ୍ କହିଛନ୍ତି ଯେ, ତାଙ୍କ ରାଜ୍ୟ ନର୍ଥ କ୍ୟାରୋଲିନାକୁ ଭାରତରୁ ବହୁତ ନିବେଶ ଆସୁଛି। ହଜାର ହଜାର ନିଯୁକ୍ତି ଭାରତୀୟ କମ୍ପାନୀଙ୍କ ସହ ଜଡ଼ିତ ରହିଛି। ଏହି ଶୁଳ୍କ ସେହି ସମ୍ପର୍କକୁ କ୍ଷତି କରୁଛି। ମାର୍କଙ୍କ ଅନୁଯାୟୀ, ଭାରତ ଉପରେ ଲଗାଯାଇଥିବା ଶୁଳ୍କ 'ସାଧାରଣ ନାଗରିକଙ୍କ ଉପରେ ଅତିରିକ୍ତ ଟିକସ' ସହ ସମାନ। ସାମଗ୍ରୀ ମହଙ୍ଗା ହୋଇ ଯାଇଥିବାରୁ ସାଧାରଣ ନାଗରିକଙ୍କ ପକେଟ ଉପରେ ବୋଝ ପଡୁଛି। ସେହିପରି ଭାରତୀୟ ବଂଶୋଦ୍ଭବ ସାଂସଦ ରାଜା କୃଷ୍ଣମୂର୍ତ୍ତି କହିଛନ୍ତି ଯେ, ଏହି ଶୁଳ୍କ ଯୋଗାଣ ଶୃଙ୍ଖଳକୁ ଭାଙ୍ଗି ଦେଉଛି। ଆମେରିକା ଶ୍ରମିକଙ୍କ କ୍ଷତି କରୁଛି ଏବଂ ଗ୍ରାହକଙ୍କ ପାଇଁ ଦରଦାମ ବୃଦ୍ଧି କରୁଛି। ତେଣୁ ଭାରତ ସହ ସମ୍ପର୍କ ବିଗାଡ଼ିବା ପରିବର୍ତ୍ତେ, ମଜବୁତ କରିବା ଉଚିତ।



ଟ୍ରମ୍ପଙ୍କ ଅଡୁଆ ବର୍ଦ୍ଧିତ ଟାରିଫ୍

ଆମେରିକା ସାଂସଦ ଆଣିଥିବା ପ୍ରସ୍ତାବ କେବଳ ଭାରତ ଶୁଳ୍କ ମଧ୍ୟରେ ସୀମିତ ନାହିଁ। ସାଂସଦଙ୍କ ଅନୁଯାୟୀ, ଟ୍ରମ୍ପ କ୍ରମାଗତ ଭାବେ ନିଜ ଅଧିକାର ପ୍ରୟୋଗ କରି ଏକପାଖିଆ ଶୁଳ୍କ ଲଗାଉଛନ୍ତି। କିନ୍ତୁ ବାଣିଜ୍ୟ ନିୟମ ଆଣିବାର ପ୍ରକୃତ କ୍ଷମତା ଆମେରିକା ସଂସଦ ପାଖରେ ରହିଛି। ସୂଚନାଯୋଗ୍ୟ ଯେ ରୁଷ୍ ଉପରେ ଚାପ ପକାଇବା ପାଇଁ ଭାରତ ଉପରେ ଆମେରିକା ଶୁଳ୍କ ଲଗାଇଛି। ରୁଷ୍‌ଠାରୁ ଭାରତ ତୈଳ କ୍ରୟ କରୁଥିବାରୁ ୟୁକ୍ରେନ ଯୁଦ୍ଧକୁ ପ୍ରୋତ୍ସାହନ ମିଳୁଛି ବୋଲି ଟ୍ରମ୍ପ ଅନେକ ଥର ଦାବି କରିଛନ୍ତି। ଭାରତ ବିରୋଧରେ ନିଆଯାଇଥିବା ଆର୍ଥିକ କାର୍ଯ୍ୟାନୁଷ୍ଠାନକୁ ଆମେରିକା ଜୋରିମାନା କିମ୍ବା ଶୁଳ୍କ କହୁଛି। ଟ୍ରମ୍ପ ଲଗାଇଥିବା ୫୦ ପ୍ରତିଶତ ଶୁଳ୍କରେ ୨୫ ପ୍ରତିଶତ ରେସିପ୍ରୋକାଲ ତଥା ଯେସାକୁ ତେସା ଶୁଳ୍କ ସାମିଲ ରହିଛି। ଆଉ ରୁଷ୍‌ଠାରୁ ତୈଳ କିଣୁଥିବାରୁ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ଲଗାଯାଇଛି। ଏହାକୁ ନେଇ ଗତ କିଛି ମାସ ହେଲା ଆମେରିକା ଏବଂ ଭାରତ ସମ୍ପର୍କ ତିକ୍ତ ହେବାରେ ଲାଗିଛି। ଅଧିକ ଶୁଳ୍କ ହାର ଏବଂ ବାଣିଜ୍ୟ କ୍ଷତି ଯୋଗୁଁ ଆମରିକା ଶୁଳ୍କ ଲଗାଯାଇଥିବା କହିଛି। ତେଣୁ ଦୁଇ ଦେଶର ରପ୍ତାନୀ, ଆମଦାନୀରେ ସମସ୍ୟା ହେଉଛି।

# ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁଙ୍କ ପାରିବାରିକ କମ୍ପାନୀଙ୍କୁ ମିଳିଛି ୧୪୬ ସରକାରୀ ଠିକା

**ଇଟାନଗର, ୧୩।୧୨ (ଏଜେନ୍ସି):** ଅରୁଣାଚଳ ପ୍ରଦେଶରୁ ବିଚଳିତ କରିବା ଭଳି ଏକ ଖବର ସାମ୍ନାକୁ ଆସିଛି। ଅରୁଣାଚଳ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଏବଂ ତାଙ୍କ ପରିବାରର କମ୍ପାନୀଙ୍କୁ ୧୪୬ଟି ସରକାରୀ ଠିକା ମିଳିଛି। ୨୦୧୨ରୁ ୨୦୨୩ ମଧ୍ୟରେ ୩୮୩.୭୪ କୋଟି ଟଙ୍କାର ଏହି ଠିକା ଦିଆଯାଇଥିଲା। ଏହି କମ୍ପାନୀଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ପତ୍ନୀ ସେରିଂ ଡୋଲମିଙ୍କ ନାମରେ ଥିବା ଦୁଇଟି (ଏମ/ଏସ ବ୍ରାଣ୍ଡ ଇଗଲ ଓ ଏମ/ଏସ ଫ୍ରଣ୍ଟିୟର ଆସୋସିଏଟସ) ଲେଖାଏଁ, ଭାଇ ତାସି ଖାଣ୍ଡୁ (ଏମ/ଏସ ଆରଡି ଆସୋସିଏଟସ) ଏବଂ ଶାଳୀ ନିମା ଡ୍ରେମାଙ୍କ (ଏମ/ଏସ ଆଲିଆନ୍ସ ଟ୍ରେଣ୍ଡିଂ କମ୍ପାନୀ) ନାମରେ ଥିବା ଗୋଟିଏ ଲେଖାଏଁ କମ୍ପାନୀ ସାମିଲ ରହିଛି। ୧୬.୮୩ କୋଟି ଟଙ୍କାର ୫୯ଟି ଠିକାକୁ ବିନା ଟେଣ୍ଡରରେ ଦିଆଯାଇଥିଲା। ଏଥିରୁ ୧୧ଟି ଠିକା ଟେଣ୍ଡର ପାଇଁ ଧାର୍ଯ୍ୟ ୫୦ ଲକ୍ଷ ଟଙ୍କାର ସୀମାଠାରୁ ଅଧିକ ଥିଲା। ସ୍ଥାନୀୟ ବୃତ୍ତିଗତ ଏବଂ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଏପରି କରାଯାଇଥିବା କୁହାଯାଇଥିଲା। ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ଦାଖଲ କରାଯାଇଥିବା ଏକ ସତ୍ୟପାଠରେ ଏହି ସୂଚନା ଦିଆଯାଇଛି। ଗତ ତିନି ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାର ଶୁଣାଣି କରିଥିଲେ। ଏହାକୁ ଅଜବ ସଂଯୋଗ କହିଥିଲେ। ଏ ବିଷୟରେ ସବିଶେଷ ବିବରୀଣ ଦେବାକୁ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।



# ଭୁବନେଶ୍ୱର, କଟକରେ କଲ୍ୟାଣ ଜୁଏଲର୍ସର ନୂଆ ଶୋ'ରୁମ୍

**ଭୁବନେଶ୍ୱର, ୧୩।୧୨ (ସମିସ):** ଭାରତର ସବୁଠାରୁ ବିଶ୍ୱସ୍ତ ଏବଂ ଅଗ୍ରଣୀ ଅଳଙ୍କାର କମ୍ପାନୀ ମଧ୍ୟରୁ ଅନ୍ୟତମ କଲ୍ୟାଣ ଜୁଏଲର୍ସ ଶନିବାର ଭୁବନେଶ୍ୱର ଏବଂ କଟକରେ ନୂତନ ଶୋ'ରୁମ୍ ଆରମ୍ଭ କରିଛି। ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଏହି ଶୋ'ରୁମ୍ ଉଦ୍‌ଘାଟନ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି ବଲିଉଡ୍ ଅଭିନେତା ଅକ୍ଷୟ କୁମାର କହିଛନ୍ତି, 'ବିଶ୍ୱାସ, ପାରଦର୍ଶିତା ଏବଂ ଏକ ଦୃଢ଼ ଗ୍ରାହକ-ପ୍ରଥମେ ନିଦର୍ଶନକୁ ନିରନ୍ତର ଭାବରେ ପାଥେୟ କରିଥିବା ବ୍ରାଣ୍ଡର ପ୍ରତିନିଧିତ୍ୱ ସମ୍ମାନର ବିଷୟ। ଏହି ସହରର ଗ୍ରାହକମାନେ ନିଶ୍ଚିତ ଭାବେ କଲ୍ୟାଣ ଜୁଏଲର୍ସକୁ ଶ୍ରଦ୍ଧା ଓ ଆଗ୍ରହ ପ୍ରକାଶ କରି ବ୍ରାଣ୍ଡର ଅସାଧାରଣ ସେବା ମାନଦଣ୍ଡ ଓ ଉତ୍କୃଷ୍ଟ ଅଳଙ୍କାର ସଂଗ୍ରହକୁ ପ୍ରଶଂସା କରିବେ।'ଏହି ନୂଆ ଶୋ'ରୁମ୍ ଗ୍ରାହକଙ୍କ ବଢୁଥିବା ଆବଶ୍ୟକତାକୁ ପୂରଣ କରି ବିଶ୍ୱସ୍ତରୀୟ ପରିବେଶ ଏବଂ ସେବା ମାଧ୍ୟମରେ ନିଆରା ଅଭିଜ୍ଞତା ପ୍ରଦାନ କରାଯିବ ବୋଲି କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରାମନ କହିଛନ୍ତି। ଉଦ୍‌ଘାଟନ ଅବସରରେ ଶୋ'ରୁମରେ ପ୍ରତି ଗ୍ରାମ ପାଇଁ ଗଢ଼ା ମଜୁରୀ ଉପରେ ଫ୍ଲାଟ୍ ୭୫୦ ଟଙ୍କା ଛାଡ ରହିଛି। ପ୍ରିମିୟମ୍ ଏବଂ ଷ୍ଟଡେଡ୍ ଅଳଙ୍କାର ପାଇଁ ମୂଲ୍ୟ ବୃଦ୍ଧି ଉପରେ ଗ୍ରାମ ପ୍ରତି ୧୫୦୦ ଟଙ୍କା ଏବଂ ମନ୍ଦିର ତଥା ପ୍ରାଚୀନ ଅଳଙ୍କାର ପାଇଁ ମୂଲ୍ୟ ବୃଦ୍ଧି ଉପରେ ଗ୍ରାମ ପ୍ରତି ୧୦୦୦ ଟଙ୍କା ରିହାତି ରହିଛି।




## ଟାଟା ଷ୍ଟିଲ୍ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ଗ୍ରାଣ୍ଡ ଫିନାଲେ

# ୩୦ ଯୁବ ଜ୍ୟୋତିର୍ବିଜ୍ଞାନୀ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୧୩।୧୨(ସମିସ):** ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟ୍ୟାଟ୍‌ସ)ର ୧୯ତମ ଗ୍ରାଣ୍ଡ ଫିନାଲେ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମରେ ଶନିବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ବିଭିନ୍ନ ଜିଲ୍ଲାରୁ ଇସ୍ରୋ ପରିଦର୍ଶନ ପାଇଁ ଚୟନ ହୋଇଥିବା ୩୦ ଜଣ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଛନ୍ତି। ସେ କହିଛନ୍ତି ଯେ ବିଶ୍ୱରେ ଭାରତୀୟ ଜ୍ୟୋତିର୍ବିଜ୍ଞାନରେ ସ୍ଥାନ ଅନନ୍ୟ। ୧୮୩୫ରେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଜନ୍ମିତ ମହାନ ଜ୍ୟୋତିର୍ବିଦ ପଠାଣି ସାମନ୍ତ ଦୁଇ ଖଣ୍ଡ ବାଉଁଶ ନଳୀରେ ମହାକାଶରେ ଗ୍ରହ ନକ୍ଷତ୍ର ଗତିବିଧିକୁ ଲକ୍ଷ୍ୟ କରି ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣର ସଠିକ୍ ଗଣନା କରିପାରିଥିଲେ। ମହାକାଶ ବିଜ୍ଞାନରେ ଚର୍ଚ୍ଚା ହେଲେ ଭାରତୀୟ ସଂସ୍କୃତିର ଅବଦାନ ପ୍ରଥମେ ରହିବ ବୋଲି ସେ କହିଛନ୍ତି। ସେହିପରି "ଜୟ ଯବାନ ଜୟ କିଷାନ'ରେ "ଜୟ ବିଜ୍ଞାନ'କୁ ଯୋଡ଼ି ଭାରତ ବୈଶ୍ୱିକ ସଫଳତା ପାଇଥିବା ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

ପଠାଣି ସାମନ୍ତଙ୍କ ସମ୍ମାନାର୍ଥେ ଖଣ୍ଡପଡ଼ାରେ ଗୋଟିଏ ପ୍ଲାନେଟୋରିୟମ ଏବଂ ଆଷ୍ଟ୍ରୋ ଫିଜିକ୍ସ ଓ ଆଷ୍ଟ୍ରୋନୋମୀ ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିଷ୍ଠା କରାଯିବ ବୋଲି କହିବା ସହ ଆସନ୍ତା ୩୦ ତାରିଖରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ସଚିବ ତଥା ପଠାଣୀସାମନ୍ତ ପ୍ଲାନେଟାରିୟମ ଅଧକ୍ଷା ଚିତ୍ରା ଅରୁମୁଗମ୍ ଉପସ୍ଥିତ ରହି ଯୁବ ବୈଜ୍ଞାନିକଙ୍କୁ ମାର୍ଗଦର୍ଶନ କରିବା ସହ ନୂତନ ଜ୍ଞାନକୌଶଳ ସମ୍ପର୍କରେ ଜାଣି ଜିଣିବାକୁ ଆହ୍ୱାନ ଦେଇଛନ୍ତି। ଟାଟା ଷ୍ଟିଲ୍‌ର ଉପସଭାପତି ଡିବି ସୁନ୍ଦର ରମଣ ଯୁବ ଜ୍ୟୋତିର୍ବିଜ୍ଞାନୀମାନଙ୍କ ମଧ୍ୟରେ ବିଜ୍ଞାନକୁ ନେଇ ଆଗ୍ରହ ସୃଷ୍ଟି କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରି ୟ୍ୟାଟ୍‌ସ କେବଳ ଏକ ପ୍ରତିଯୋଗିତା ନୁହେଁ, ମହାକାଶ ବିଜ୍ଞାନ ପ୍ରତି ପଠାଣି ସାମନ୍ତଙ୍କ ମହାନ ଅବଦାନ ପ୍ରତି ଶ୍ରଦ୍ଧାଞ୍ଜଳି ବୋଲି କହିଛନ୍ତି। ଶ୍ରୀହରିକୋଟାସ୍ଥିତ ସତୀଶ ଧାବନ ସ୍ପେସ୍ ସେଣ୍ଟରର ବୈଜ୍ଞାନିକ ଅମିତାଭ ମହାନ୍ତି ଏବଂ ମହାକାଶରେ ଔଷଧୀୟ ଉତ୍ପାଦର ନିର୍ମାଣ ଓ ସୁରକ୍ଷିତ ଭାବେ ପୃଥିବୀକୁ ଆଣିବାରେ କାର୍ଯ୍ୟ କରୁଥିବା ସେରେଣ୍ଡିପିଟି ସ୍ପେସ କମ୍ପାନୀର ସହ ସଂସ୍ଥାପକ ତଥା ସିଇଓ ଅନ୍ତରୀକ୍ଷ ପରିଚ୍ଛା ପ୍ରମୁଖ କୁନି ବୈଜ୍ଞାନିକଙ୍କୁ ନିଜର ଅନୁଭୂତି ସମ୍ପର୍କରେ ଆଲୋକପାତ କରିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶା ସ୍ପେସ ଆପ୍ଲିକେସନ ସେଣ୍ଟରର ସିଇଓ ରଶ୍ମୀତା ପଣ୍ଡାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ପ୍ଲାନେଟୋରିୟମର ଭାରପ୍ରାପ୍ତ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।




# ଜୟଆଲୁକ୍କାସ୍‌ର 'ଉପହାର ଦେବାର ଋତୁ' ଆରମ୍ଭ

**ଭୁବନେଶ୍ୱର, ୧୩।୧୨ (ସମିସ):** ବିଶ୍ୱର ପ୍ରିୟ ଜୁଏଲର୍ ଜୟଆଲୁକ୍କାସ୍ ସାରା ଦେଶର ଉତ୍ସବ ଅଭିଯାନ 'ଉପହାର ଦେବାର ଋତୁ' ଶୁକ୍ରବାରଠାରୁ ଶୁଭାରମ୍ଭ ହୋଇଛି। ଏହା ଜୟଆଲୁକ୍କାସର ପ୍ରତ୍ୟେକ ଶୋ'ରୁମ୍‌ରେ ଜାନୁଆରୀ ୪ ପର୍ଯ୍ୟନ୍ତ ଚାଲିବ। ଏହା ମାଧ୍ୟମରେ ଉତ୍ସବ ଓ ବିବାହ ଋତୁରେ ଗ୍ରାହକଙ୍କୁ ଅତୁଳନୀୟ ମୂଲ୍ୟ ଓ ଅସାଧାରଣ କିଣାକିଣିର ଅଭିଜ୍ଞତା ମିଳିବ। ୧୨ ଦେଶରେ ଥିବା ୧୯୦ଟି ଶୋ'ରୁମ୍‌ରେ ଜୟଆଲୁକ୍କାସ ଏହି ଅଫର ମାଧ୍ୟମରେ ନିଜର ପ୍ରତିଶ୍ରୁତିଗୁଡ଼ିକୁ ପ୍ରଦର୍ଶିତ କରୁଛି। ଏହି ଉପହାର ଋତୁରେ ଗ୍ରାହକଙ୍କ ପାଇଁ ଦୁଟି ସ୍ୱତନ୍ତ୍ର ଅଫର ରହିଛି। ଗ୍ରାହକ ପୁରୁଣା ସୁନା ବିନିମୟରେ ଗ୍ରାମ ପିଛା ଅତିରିକ୍ତ ୨୫୦ ଟଙ୍କା ପାଇପାରିବେ। ଏହା ସହିତ ଡାୟମଣ୍ଡ ଓ ଅନକଟ୍ ଡାୟମଣ୍ଡର ମୂଲ୍ୟରେ ୨୫% ଛାଡ଼ ଦିଆଯାଉଛି।

ଜୟଆଲୁକ୍କାସ୍ ଗ୍ରୁପ୍‌ର ଚେୟରମ୍ୟାନ୍ ଡ.ଜୟ ଆଲୁକ୍କାସ ଏହି ଅଭିଯାନର ଘୋଷଣା କରି କହିଛନ୍ତି ଯେ ଏହା ଗ୍ରାହକଙ୍କ ଦୀର୍ଘସ୍ଥାୟୀ ବିଶ୍ୱାସ ଓ ପ୍ରେମ ପ୍ରତି କୃତଜ୍ଞତା ପ୍ରକାଶ କରିବାର ଗୋଟିଏ ପ୍ରୟାସ ମାତ୍ର। ଏହି ବିଶେଷ ଅଫରଗୁଡ଼ିକ ମାଧ୍ୟମରେ ଗ୍ରାହକଙ୍କୁ ସ୍ମରଣୀୟ ଅନୁଭବ ଦେବାକୁ ଚାହୁଁଛୁ। ଶୋ'ରୁମକୁ ଆସି କିଣାକିଣି କରି ଏହାର ଲାଭ ଉଠାଇବାକୁ ସେ ଗ୍ରାହକଙ୍କୁ କହିଛନ୍ତି। ଏହି ଅଭିଯାନରେ ଜୟଆଲୁକ୍କାସ୍‌ର ବିସ୍ତୃତ ଭାରତୀୟ ରିଟେଲ୍ ନେଟୱର୍କରୁ ଅଫରର ଲାଭ ପାଇପାରିବେ। ଡାଏମଣ୍ଡ ଓ ଅନକଟ୍ ଡାଏମଣ୍ଡ ସଂଗ୍ରହରେ ପ୍ରତ୍ୟେକ ଅଳଙ୍କାର ପ୍ରମାଣିତ ସତ୍ୟତା ଦ୍ୱାରା ସମର୍ଥିତ। ଶୁଦ୍ଧତାରେ ଗ୍ୟାରେଣ୍ଟି ଦିଆଯାଉଛି। ଅଫର ଅବଧି ମଧ୍ୟରେ ଗ୍ରାହକ ଏହାକୁ କ୍ରୟ କରି ଅସାଧାରଣ ମୂଲ୍ୟ, କାଳଜୟୀ ଡିଜାଇନ ଏବଂ ବିଶ୍ୱାସଯୋଗ୍ୟ ସେବା ପାଇପାରିବେ।

# ମେକ୍ସିକୋ ଉପରେ ଜବାବୀ ଶୁଳ୍କ ଲଗାଇବାକୁ ଭାରତର ଚେତାବନୀ

**ନୂଆଦିଲ୍ଲୀ, ୧୩।୧୨ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଖୁସି କରିବା ପାଇଁ ଭାରତ ଉପରେ ମେକ୍ସିକୋ ୫୦ ପ୍ରତିଶତ ଟିକସ ଲଗାଇଛି। କୌଣସି ମୁକ୍ତ ବାଣିଜ୍ୟ ଚୁକ୍ତି ନ ଥିବା ଦେଶ ଉପରେ ମେକ୍ସିକୋ ଆମଦାନୀ ଶୁଳ୍କ ବଢ଼ାଇ ଦେଇଛି। ତେବେ ଭାରତ ଏଭଳି ଏକପାଖିଆ ନିଷ୍ପତ୍ତିକୁ ଦୃଢ଼ ବିରୋଧ କରିଛି। ଶୁଳ୍କ ଲଗାଇବା ପୂର୍ବରୁ କୌଣସି ଆଲୋଚନା କରାଯାଇ ନାହିଁ। ସହଯୋଗୀଙ୍କ ବିନା ପରାମର୍ଶରେ ନିଆଯାଇଥିବା ଏହି ନିଷ୍ପତ୍ତି ଆର୍ଥିକ ସମ୍ବନ୍ଧ ଏବଂ ବିଶ୍ୱ ବ୍ୟାପାର ନିୟମର ବିରୋଧୀ ବୋଲି କୁହାଯାଇଛି। ଜାନୁଆରୀ ୧ରୁ ଏହି ନୂଆ ଶୁଳ୍କ କାର୍ଯ୍ୟକାରୀ ହେବ। ଭାରତ ଏହାକୁ ନେଇ ମେକ୍ସିକୋକୁ ଚେତାବନୀ ଦେଇଛନ୍ତି। ଜବାବୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଭାରତ ପକ୍ଷରୁ କୁହାଯାଇଛି ଯେ ମେକ୍ସିକୋର ଏଭଳି ପଦକ୍ଷେପ ଆର୍ଥିକ ସହଯୋଗ ଭାବନାର ବିରୋଧୀ। ଏହା ବହୁମୁଖୀ କାରବାର ବ୍ୟବସ୍ଥାରେ ସ୍ୱଚ୍ଛତା ସିଦ୍ଧାନ୍ତର ବିପରୀତ। ସୂଚନା ଅନୁଯାୟୀ, ନୂଆ ହାର ଲାଗୁ ହେବା ପରେ ଅଧିକାଂଶ ସାମଗ୍ରୀ ଉପରେ ଶୁଳ୍କ ୩୫ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିଯିବ। ତେବେ ଶୁଳ୍କ ହାର ୫ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇବାକୁ ମେକ୍ସିକୋ ନିଷ୍ପତ୍ତି ନେଇଛି। ଏହି ଶୁଳ୍କ ଦ୍ୱାରା ୧୪୬୩ ଉତ୍ପାଦ ପ୍ରଭାବିତ ହେବ। ଭାରତ ବ୍ୟତୀତ ଚୀନ୍, ଦକ୍ଷିଣ କୋରିଆ, ଥାଇଲାଣ୍ଡ ଏବଂ ଇଣ୍ଡୋନେସିଆ ଭଳି ଏସିଆ ଦେଶ ଉପରେ ମଧ୍ୟ ଶୁଳ୍କର ପ୍ରଭାବ ପଡ଼ିବ। ସେହିପରି ଘରୋଇ ବ୍ୟାପାରକୁ ପ୍ରୋତ୍ସାହନ ଦେବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ମେକ୍ସିକୋ ପକ୍ଷରୁ କୁହାଯାଇଛି।

# ରୁଫ୍ ଟପ୍ ସୋଲାର ପ୍ରକଳ୍ପକୁ ତ୍ୱରାନ୍ୱିତ କରୁଛି ଟାଟା ପାୱାର

**ଭୁବନେଶ୍ୱର, ୧୩।୧୨ (ସମିସ):** ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଗୁଡିକରେ ୟୁଟିଲିଟି-ଲେଡ୍ ଆଗ୍ରିଗେସନ୍ (ୟୁଏଲଏ) ମଡେଲ ଅଧୀନରେ ରୁଫ୍‌ଟପ୍ ସୋଲାର ଲଗାଇବା ବୃଦ୍ଧି ପାଇଛି। ରାଜ୍ୟରେ ମୋଟ ରୁଫ୍‌ଟପ୍ ସୋଲାର ସଂଯୋଗ ସଂଖ୍ୟା ୨୧୦୦ ଅତିକ୍ରମ କରିଛି। ଅଂଶଗ୍ରହଣକାରୀ ପରିବାର ମଧ୍ୟରୁ ୭୦% ଙ୍କ ବିଦ୍ୟୁତ ବିଲ୍‌ରେ ୯୦% ହ୍ରାସ ଘଟିଛି। କାର୍ଯ୍ୟକାରୀ ହେବାର ପ୍ରଥମ ମାସ ମଧ୍ୟରେ ପ୍ରାୟ ୩୦୦ ଉପଭୋକ୍ତାଙ୍କ ବିଦ୍ୟୁତ ବିଲ୍ ଶୂନ ରହିଛି। ସରକାରଙ୍କ ମାର୍ଗଦର୍ଶନରେ କେବଳ ଓଡ଼ିଶାରେ ଆରମ୍ଭ ହୋଇଥିବା ଏହି ୟୁଏଲଏ ମଡେଲ ଘରୋଇ ରୁଫ୍‌ଟପ୍ ସୋଲାର ଯୋଗାଣ କ୍ଷେତ୍ରରେ ଏକ ଗଠନମୂଳକ ପରିବର୍ତ୍ତନର ନେତୃତ୍ୱ ନେଉଛି। ବର୍ତ୍ତମାନ ମୂଲ୍ୟ ୫, ୦୦୦ ଟଙ୍କାରୁ ୧, ୮୭୫ ଟଙ୍କାକୁ କମିଯାଇଛି।



ରୁଫ୍‌ଟପ୍ ସୋଲାର ସିଷ୍ଟମ ସହିତ ସ୍ମାର୍ଟ ମିଟରର ସଂଯୋଗ ଉଲ୍ଲେଖନୀୟ ସଫଳତା ଆଣିଦେଇଛି। ଏହା ଉପଭୋକ୍ତାମାନଙ୍କୁ ବଳକା ବିଦ୍ୟୁତକୁ ନିରବଚ୍ଛିନ୍ନ ଭାବରେ ଗ୍ରୀଡ୍‌କୁ ପଠାଇବାକୁ ଅନୁମତି ଦେଇଥାଏ। ଏହି ବ୍ୟବସ୍ଥାରେ ଭେଣ୍ଡର ଚୟନ ଠାରୁ ଆରମ୍ଭକରି ଇନଷ୍ଟଲେସନ୍, ଗୁଣବତ୍ତା ଯାଞ୍ଚ ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ଗୋଟିଏ ସ୍ଥାନରୁ ପରିଚାଳିତ ହେଉଛି।

## ଆଶ୍ରମ ବିଦ୍ୟାଳୟରେ ର୍‍ୟାଗିଂ!

# ବିଛଣାରେ ପରିସ୍ରା କରିଦେବାରୁ ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ମାଡ଼

- ଆହତ ଛାତ୍ରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇଲେ ସରପଞ୍ଚ
- ଆବଶ୍ୟକ ଶିକ୍ଷକ ନିଯୁକ୍ତ ନ ହେଲେ ଆନ୍ଦୋଳନ ଚେତାବନୀ
- ଛାତ୍ରଙ୍କ ଆଖିରେ ଫେଭି-କ୍ୱିକ୍ ଲଗାଇ ପୂର୍ବରୁ ଚର୍ଚ୍ଚାକୁ ଆସିଥିଲା ସ୍କୁଲ

**ଫିରିଙ୍ଗିଆ, ୧୩।୧୨(ସମିସ):** ଫିରିଙ୍ଗିଆ ବ୍ଲକ୍ ସଲାଗୁଡ଼ା ସେବାଶ୍ରମରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ମାଡ଼ରେ ପ୍ରଥମ ଶ୍ରେଣୀର ଜଣେ ଛାତ୍ର ଆହତ ହୋଇଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଛାତ୍ର ଗତରାତିରେ ଖାଇ ସାରି ଗୋଟିଏ ଶଯ୍ୟାରେ ଶୋଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀର ଜଣେ ଛାତ୍ର ବିଛଣାରେ ପରିସ୍ରା କରିଦେଇଥିଲା। ଏହାକୁ ନେଇ ଆଜି ସକାଳେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଛାତ୍ର ସକାଳେ ତାକୁ ଏକ ବାଡ଼ିରେ ପିଟିଥିଲେ। ଏଥିରେ ପ୍ରଥମ ଶ୍ରେଣୀ ଛାତ୍ର ଆହତ ହୋଇଥିଲା। ଖବର ପାଇ ସ୍ଥାନୀୟ ସରପଞ୍ଚ ରୋହିତ କହଁର ଆହତ ଛାତ୍ରକୁ ଗୋଚ୍ଛାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସ୍କୁଲର ଶତାଧିକ ଛାତ୍ରଛାତ୍ରୀ ହଷ୍ଟେଲରେ ରହି ପାଠପଢୁଥିବା ବେଳେ ପରିଚାଳନା ପାଇଁ ମାତ୍ର ୨ ଜଣ ଶିକ୍ଷକ ଅଛନ୍ତି। ଶିକ୍ଷକ ଅଭାବ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇପାରିନାହିଁ। ଉଲ୍ଲେଖଯୋଗ୍ୟ, ସ୍କୁଲର ବରିଷ୍ଠ ଛାତ୍ରମାନେ କିଛି କନିଷ୍ଠଙ୍କ ଆଖିରେ ଫେଭି-କ୍ୱିକ୍ ଅଠା ଲଗାଇବା ଭଳି ଘଟଣାକୁ ନେଇ ଏହି ସ୍କୁଲ ରାଜ୍ୟବ୍ୟାପୀ ଚର୍ଚ୍ଚାର ପରିସରକୁ ଆସିଥିଲା। ଏହି ଘଟଣାରେ ପ୍ରଧାନଶିକ୍ଷକଙ୍କୁ ମଧ୍ୟ ନିଲମ୍ବିତ କରାଯାଇଥିଲା। ପରେ ଅନ୍ୟ ଜଣେ ଶିକ୍ଷକଙ୍କୁ ବିଦ୍ୟାଳୟକୁ ଅଣାଯାଇଥିବା ବେଳେ ନୂତନ ପ୍ରଧାନଶିକ୍ଷକଙ୍କ ଅସୁବିଧା ଓ ଦେହ ଅସୁସ୍ଥ ଯୋଗୁଁ ଗୋଟିଏ ଦିନ ଆଗରୁ ଛୁଟିରେ ଥିଲେ। ବିଦ୍ୟାଳୟର ଜଣେ ମାତ୍ର ଶିକ୍ଷୟିତ୍ରୀ ହଷ୍ଟେଲ ଦାୟିତ୍ୱରେ ଥିଲେ।

ଶିକ୍ଷକ ଅଭାବରୁ ସ୍କୁଲରେ ଏଭଳି ଅଘଟଣ ବାରମ୍ବାର ଘଟୁଥିବାରୁ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏବଂ ସରପଞ୍ଚ ରୋହିତ କହଁର ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଧିକ ଶିକ୍ଷକ ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି। କିଛି ଦିନ ତଳେ ଜଣେ ଶିକ୍ଷକଙ୍କୁ ଡେପୁଟେସନ୍‌ରେ ଅଣାଯାଇଥିବା ବେଳେ ସଙ୍ଗେସଙ୍ଗେ ପୁଣି ତାଙ୍କୁ ଏଠାରୁ ନିଆଯାଇଥିବାରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସ୍କୁଲର ପରିସ୍ଥିତିକୁ ଦୃଷ୍ଟି ଦେଇ ତୁରନ୍ତ ଶିକ୍ଷକ ନିଯୁକ୍ତି କରାନଗଲେ, ବିଦ୍ୟାଳୟରେ ତାଲା ପକାଇବା ସହ ଆନ୍ଦୋଳନ କରାଯିବ ବୋଲି ସରପଞ୍ଚ ଶ୍ରୀ କହଁର ଚେତାବନୀ ଦେଇଛନ୍ତି।

## ଆଜି ଦିଲ୍ଲୀରେ କଂଗ୍ରେସର ବିଶାଳ ସମାବେଶ

# ଓଡ଼ିଶାରୁ ଗଲେ ୨ ହଜାର ନେତା ଓ କର୍ମୀ

**ଭୁବନେଶ୍ୱର, ୧୩।୧୨ (ସମିସ):** ରବିବାର ମଧ୍ୟାହ୍ନରେ ନୂଆଦିଲ୍ଲୀର ରାମଲୀଳା ମୈଦାନ ଗର୍ଜିବ କଂଗ୍ରେସ। ସମଗ୍ର ଦେଶରୁ ଲକ୍ଷାଧିକ କଂଗ୍ରେସ ନେତା ଓ କର୍ମୀ ଏକ ବିଶାଳ ସମାବେଶରେ ଏକାଠି ହେବେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଓ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଉକ୍ତ ସମାବେଶରେ 'ସମ୍ବିଧାନ ବଞ୍ଚାଅ', 'ଏସ୍‌ଆଇଆର ବନ୍ଦ କର' ଓ 'ଭୋଟ୍ ଚୋର ଗାଦି ଛାଡ଼' ଆଦି ସ୍ଲୋଗାନ୍ ଦିଆଯାଇ ଦେଶର ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ସୁରକ୍ଷା ପାଇଁ ସରକାରଙ୍କୁ ଆହ୍ୱାନ ଦିଆଯିବ। ଏହି କ୍ରମରେ ଓଡ଼ିଶାରୁ ମଧ୍ୟ ୨ ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ ନେତା ଓ କର୍ମୀ ଦିଲ୍ଲୀ ଗସ୍ତ କରିଛନ୍ତି।

ଗତ ଅକ୍ଟୋବରରୁ ଦେଶବ୍ୟାପୀ ଆରମ୍ଭ ହୋଇଥିବା 'ଭୋଟ୍ ଚୋରି ବିରୋଧରେ ଦସ୍ତଖତ ଅଭିଯାନ' ନଭେମ୍ବର ୩୦ ତାରିଖରେ ଶେଷ ହୋଇଥିଲା। କୋଟିକୋଟି ଲୋକଙ୍କ ଦସ୍ତଖତ ସଂଗ୍ରହ ହୋଇଥିବା ବେଳେ କେବଳ ଓଡ଼ିଶାରୁ ୧୦,୭୮,୨୭୦ ଜଣଙ୍କ ଦସ୍ତଖତ ସଂଗ୍ରହ ହୋଇଥିଲା। ଦିଲ୍ଲୀ ସମାବେଶରେ ଏ ନେଇ କଂଗ୍ରେସ ଅଧ୍ୟକ୍ଷ ଆନୁଷ୍ଠାନିକ ଭାବେ ଘୋଷଣା କରିବେ। ଏହି ସମସ୍ତ ଦସ୍ତଖତ ସମ୍ବଳିତ ନଥିପତ୍ର ରାଷ୍ଟ୍ରପତି ଓ ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରାଯିବ। ଓଡ଼ିଶାରୁ ପିସିସି ସଭାପତି ଭକ୍ତଚରଣ ଦାସ, ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓ ଓଡ଼ିଶାର ଅନ୍ୟ ବରିଷ୍ଠ ନେତୃବୃନ୍ଦଙ୍କ ନେତୃତ୍ୱରେ ୨୦୦୦ରୁ ଅଧିକ କଂଗ୍ରେସ ନେତା ଓ କର୍ମୀ ୨-୩ ଦିନ ପୂର୍ବରୁ ଯାଇ ଦିଲ୍ଲୀରେ ପହଞ୍ଚି ସାରିଛନ୍ତି। ରବିବାର ପୂର୍ବାହ୍ନ ସାଢ଼େ ୮ଟାରୁ ୯ଟା ମଧ୍ୟରେ ୩୪, ଗୁରୁଦ୍ୱାରା ରକବଗଞ୍ଜ ରୋଡ୍‌ଠାରେ ଓଡ଼ିଶାର ନେତା ଓ କର୍ମୀ ଏକାଠି ହୋଇ ସେଠାରୁ ଏକ ପଦଯାତ୍ରାରେ ବାହାରି ରାମଲୀଳା ମୈଦାନରେ ପହଞ୍ଚିବେ ବୋଲି ଜଣାଯାଇଛି।

# ୧୯ରେ 'ମଟରସାଇକେଲ'



ଡିସେମ୍ବର ୧୯ ତାରିଖରେ ପ୍ରେକ୍ଷାଳୟକୁ ଆସିବାକୁ ଯାଉଛି ବାବୁ ଭାଇ ପ୍ରଡକସନର ନୂଆ ଓଡ଼ିଆ ସିନେମା 'ମଟରସାଇକେଲ'। ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଜ୍ୟୋତି, ଅଭିଷେକ, ଆଲିସା ସାମନ୍ତରାୟ, କୁନା ତ୍ରିପାଠୀ, ପ୍ରୀତି ବିଶ୍ୱାଳ, ସୁଶାନ୍ତ ଦାସ ମହାପାତ୍ର ପ୍ରମୁଖ ଅଭିନୟ କରିଛନ୍ତି। ସିନେମାର ପ୍ରଯୋଜିକା ଝୁନିଲତା ବିଶ୍ୱାଳ ଏବଂ କାର୍ଯ୍ୟନିର୍ବାହୀ ପ୍ରଯୋଜିକା ଭାବେ ଅଛନ୍ତି ପ୍ରେରଣା ପ୍ରତୀକ୍ଷା। ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଅମିତ ଓ ପ୍ରଣବ। ଏଥିରେ ଡାକ୍ତର ନିର୍ମଳ ନାୟକଙ୍କ ଗୀତକୁ ସୁନ୍ଦର ଭାବେ ସଂଗୀତରେ ସଜାଇଛନ୍ତି ସୋମେଶ ଶତପଥୀ। ଫ୍ୟାମିଲି ଡ୍ରାମା ଉପରେ ଆଧାରିତ ଏହି ସିନେମାକୁ ଦର୍ଶକେ ପସନ୍ଦ କରିବେ ବୋଲି ପୂରା ଟିମ୍ ଆଶାବାଦୀ ଅଛି। ■

# ଖଳନାୟକ ଚରିତ୍ରରେ ଶୁଭମ୍



ଖୁବଶୀଘ୍ର ପ୍ରେକ୍ଷାଳୟକୁ ଆସିବାକୁ ଯାଉଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ'। ଲକ୍ଷେଶ୍ୱର ପ୍ରଡ଼କ୍ସନ ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରରେ ପ୍ରଥମଥର ପାଇଁ ଭୂମିକାଙ୍କ ସହିତ ନାୟକ ଶୁଭାଶିଷ ଶର୍ମା ଓରଫ୍ ମଣ୍ଟୁ ନଜର ଆସୁଛନ୍ତି। ତେବେ ଚଳଚ୍ଚିତ୍ରରେ ଖଳନାୟକ ଚରିତ୍ରରେ ଜଣେ ନୂଆ ଚେହେରା ଦେଖିବାକୁ ମିଳିବ। ସେ ହେଲେ ଶୁଭମ୍ ପାଢ଼ୀ। ଶୁଭମ୍ ଖୁବ୍ କମ୍ ବୟସରୁ ଖଳନାୟକ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଗୁରୁଦାୟିତ୍ୱ ମୁଣ୍ଡକୁ ନେଇଛନ୍ତି। ପ୍ରଥମ କରି ସେ ଖଳନାୟକ ଚରିତ୍ରରୁ ତାଙ୍କର ଓଲିଉଡ୍ ଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି। ଓଲିଉଡ୍‌ରେ ଶୁଭମଙ୍କ ପ୍ରଥମ ପାଦ ତାଙ୍କୁ କେଉଁ ଆଡ଼କୁ ନେବ, ତାହା ତ ଚଳଚ୍ଚିତ୍ର ଦେଖିବା ପରେ ଜଣାପଡ଼ିବ। ଶୁଭମ ଯୁକ୍ତ ତିନିର ଛାତ୍ର। ସେ ଅଡ଼ଶପୁର ଅଟୋନମୋସ କଲେଜରେ ପାଠ ପଢୁଛନ୍ତି। ପାଠପଢ଼ା ସହ ସେ ତାଙ୍କର ଅଭିନୟ ଯାତ୍ରକୁ ଆଗେଇ ନେବାକୁ ଇଚ୍ଛାକୁ ରଖିଛନ୍ତି। ଚକ୍ରାନ୍ତର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି ପିନୁ ନାୟକ। କାହାଣୀ ରଚନାରେ ଦିଶା ପାଢ଼ୀ ଥିବା ବେଳେ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ। ଚଳଚ୍ଚିତ୍ରରେ ଅନ୍ୟମାନଙ୍କ ମଧ୍ୟରେ ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ସୁମନ ମହାନ୍ତି ପ୍ରମୁଖଙ୍କ ସମେତ ଅତିଥି କଳାକାର ଭାବେ ଅଶ୍ରୁମୋଚନ ମହାନ୍ତି ଅଭିନୟ କରିଛନ୍ତି। ■

ଟେଲିଭିଜନ ପ୍ରିମିୟର

# 'ସାହା ହେବେ ମୋତେ ମା ମଙ୍ଗଳା'



ଡିସେମ୍ବର ୧୪ ତାରିଖ ସନ୍ଧ୍ୟା ୬ଟା ୩୦ରେ ଜୀ ସାର୍ଥକରେ ଟେଲିଭିଜନ ପ୍ରିମିୟର ହେବ 'ସାହା ହେବେ ମୋତେ ମା ମଙ୍ଗଳା'। କ୍ଷୀରୋଦ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ଏବଂ ଅଜୟ ସିଂଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସାମାଜିକ ଜୀବନରେ ଭକ୍ତିର ଶକ୍ତି କିପରି ଆମକୁ ସବୁବେଳେ ରକ୍ଷା କରେ, ତାହାକୁ ନେଇ ଏହା ଏକ ସୁନ୍ଦର କାହାଣୀ। ପ୍ରିୟବ୍ରତ ପଣ୍ଡାଙ୍କ ଲିଖିତ ଏହି ଫିଲ୍ମରେ ତୁଷାର ଏବଂ ସିମରନ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ସିନେମାଟି ଗୌରୀ ନାମକ ଏକ ଝିଅର ବିବାହ ଓ ତା'ର ପରବର୍ତ୍ତୀ ରୋମାଞ୍ଚ ଉପରେ ଏକ ଭିନ୍ନ କାହାଣୀ। ମା' ମଙ୍ଗଳାଙ୍କ ଆଶୀର୍ବାଦପ୍ରାପ୍ତ ଏକ ସରଳ ଗ୍ରାମୀଣ ଝିଅ ଗୌରୀ ଆକସ୍ମିକ ଭାବେ ସୁପରଷ୍ଟାର୍ ରାଜକୁମାର ଚୌଧୁରୀଙ୍କ ସହ ଏକ ମିଛ ବିବାହ ହୋଇଯାଏ। ଏହା ପରେ ଗୌରୀର ଶାନ୍ତ ଜୀବନରେ ଆସେ ବହୁତ କିଛି ପରିବର୍ତ୍ତନ। କାରଣ ଗୌରୀ ଏହି ବିବାହକୁ ପ୍ରକୃତ ବୋଲି ବିଶ୍ୱାସ କରିଛି। ପରିସ୍ଥିତିର ବାଧ୍ୟବାଧକତା ପାଇଁ ରାଜଙ୍କ ପରିବାର ଗୌରୀକୁ ନିଜ ସ୍ତ୍ରୀ ଭାବରେ ଗ୍ରହଣ କରନ୍ତି। ଅନ୍ୟପଟେ ଈର୍ଷାଳୁ ଅଙ୍କିତା ଯିଏକି ରାଜଙ୍କୁ ଭଲପାଏ, ତାକୁ ପାଇବା ପାଇଁ ବ୍ୟାକୁଳ ହୋଇ କଳା ଯାଦୁ ଆଡ଼କୁ ମୁହାଁଇ ଥାଏ। ରାଜକୁ ରହସ୍ୟମୟ ଭାବରେ ଆଘାତ ଦେଇ ଚାଲେ। ବର୍ତ୍ତମାନ କେବଳ ଗୌରୀର ଦିବ୍ୟ ଶକ୍ତି ହିଁ ପ୍ରକୃତ ସତ୍ୟକୁ ଉନ୍ମୋଚନ କରିପାରିବ ଏବଂ ତାଙ୍କୁ ରକ୍ଷା କରିପାରିବ। ଏହି ଚଳଚ୍ଚିତ୍ରରେ ଡ. ନିର୍ମଳ ନାୟକଙ୍କ ଲିଖିତ ଗୀତକୁ ସଙ୍ଗୀତରେ ସଜାଇଛନ୍ତି ପ୍ରଶାନ୍ତ ପାଢ଼ୀ। କଣ୍ଠଦାନ କରିଛନ୍ତି ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ସତ୍ୟଜିତ୍। ଏହି ସିନେମାଟି ସାର୍ଥକରେ ସପରିବାର ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ଆଶା କରାଯାଉଛି। ■

# 'ଛୁମନ୍ତର' ଛାଡ଼ିଲେ ଅନନ୍ୟା



ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ 'ଛୁମନ୍ତର' ସିନେମାରେ ନଜର ଆସିଥାନ୍ତେ। ଏବେ ସେ ଏହି ସିନେମାକୁ ଛାଡ଼ି ଦେଇଛନ୍ତି। ତେବେ ସେ ଏହି ସିନେମା କାହିଁକି ଛାଡ଼ିଲେ, ତାହାର କାରଣ ବି କହିଛନ୍ତି। ଅନନ୍ୟା 'କଲ ମି ବେ -୨' ସୁଟିଂ ସହିତ ଏହି ସିନେମାର ତାଳମେଳ ରହିବ ନାହିଁ। ତେବେ 'କଲ୍ ମି ବେ-୨' ସିନେମାର ସୁଟିଂ ଆରମ୍ଭ ହୋଇଛି। ତେଣୁ ଏଥିରେ ବ୍ୟସ୍ତ ରହି ଅନନ୍ୟା 'ଛୁମନ୍ତର' ସିନେମାକୁ ସମୟ ଦେଇପାରିବେ ନାହିଁ। ଫଳରେ ସେ ଏଥିରୁ ଓହରି ଯିବାକୁ ଉଚିତ ମଣିଲେ। ଅନନ୍ୟା ସିନେମାରୁ ଓହରି ଯାଇଥିବା ଖବର ସାମ୍ନାକୁ ଆସିବା ପରେ ତାଙ୍କ ପ୍ରଶଂସକଙ୍କ ମନ ଦୁଃଖ ହୋଇଛି। ଏହି ଫାଟାନ୍ସି ରୋମାଣ୍ଟିକ୍ ସିନେମାର ପ୍ରସ୍ତୁତି କାହିଁ କେଉଁ ମାସରୁ ଆରମ୍ଭ ହେଲାଣି। ସେହିପରି ଏଥିରୁ ଅନନ୍ୟା ଓହରିବା ପରେ ସିନେମାର କାଷ୍ଟରେ ବି ପରିବର୍ତ୍ତନ ଆସିଥିବା କୁହାଯାଉଛି। ସାଉଥ୍ ସୁନ୍ଦରୀ ଶ୍ରୀଲୀଲା ଏବଂ ଜାନ୍‌କୀ ବୋଡିୱାଲାଙ୍କୁ ଅନନ୍ୟାଙ୍କ ସ୍ଥାନରେ ଏହାର ନିର୍ମାତା ନେଲେ। ■

# "ଜୀବନ ଥିବା ଯାଏଁ ଅଭିନୟ କରୁଥିବି"

**ସୁଲଗ୍ନା ନାୟକ, ଅଭିନେତ୍ରୀ**

**ସେ ମଞ୍ଚରେ ଜୀବନ୍ତ ଅଭିନୟ କରନ୍ତି। ମଞ୍ଚ ନାଟକରେ ଲୋକପ୍ରିୟତା ହାସଲ କରି ସେ ଓଡ଼ିଆ ଧାରାବାହିକରେ ଭାଗ୍ୟ ପରୀକ୍ଷା କରିଥିଲେ। ଅନେକ ଧାରାବାହିକରେ ନାୟିକା ଭାବେ ସେ ଚମତ୍କାର ଅଭିନୟ କରିଛନ୍ତି। ଏହି ପ୍ରତିଭାମୟୀ ଅଭିନେତ୍ରୀ ହେଉଛନ୍ତି ସୁଲଗ୍ନା ନାୟକ। ଭଦ୍ରକ ଜିଲ୍ଲାରେ ତାଙ୍କର ଜନ୍ମ। କଟକରେ ସେ ବଡ଼ ହୋଇଛନ୍ତି। 'ଶଙ୍ଖା ସିନ୍ଦୂର' ତାଙ୍କର ଡେବ୍ୟୁ ଧାରାବାହିକ। ସେ ଅନେକ ଧାରାବାହିକ, ଟେଲିଫିଲ୍ମ, ମ୍ୟୁଜିକ୍ ଭିଡିଓ ଆଦିରେ ଅଭିନୟ କରିଛନ୍ତି। ଧାରାବାହିକ ବା ମଞ୍ଚ ନାଟକ କେଉଁଥିରେ ସୁଲଗ୍ନା ନିଜ କ୍ୟାରିୟର ଗଢ଼ିବାକୁ ଚାହୁଁଛନ୍ତି ଜାଣିବା ତାଙ୍କ ମୁହଁରୁ।**



**ମଞ୍ଚ ଅଭିନେତ୍ରୀରୁ ଧାରାବାହିକରେ ଅଭିନୟ କରିବାକୁ କାହିଁକି ଆଗ୍ରହ ପ୍ରକାଶ କଲେ?**

- ମୋ ବାପା ଜଣେ ଜଣାଶୁଣା ଥିଏଟର୍ ନିର୍ଦ୍ଦେଶକ ଥିଲେ। ସେ ଚାହୁଁଥିଲେ ମୁଁ ଭବିଷ୍ୟତରେ ନିର୍ଦ୍ଦେଶନା ଦେବି। ହେଲେ ମୋର ମଞ୍ଚ ନାଟକ ପ୍ରତି ପିଲାଦିନରୁ ଦୁର୍ବଳତା ରହିଲା। ସ୍କୁଲରେ ପଢ଼ିବା ସମୟରୁ ମଞ୍ଚନାଟକ ସହିତ ଜଡ଼ିତ ରହିଲି। 'ମାଟିର ମଣିଷ', 'ଚଇତୁ' ଆଦି ନାଟକରେ ଅଭିନୟ କରିଛି। ପରେ ଓଲିଉଡ୍ ଜଗତରେ ଅଭିନୟ କରିବା ପାଇଁ ଅଡିସନ୍ ଦେଇଥିଲି। 'ଶଙ୍ଖା ସିନ୍ଦୂର' ମୋର ପ୍ରଥମ ଧାରାବାହିକ। ଏଥିରେ ମୋର ଚରିତ୍ର ଥିଲା 'ମିଲି'। ଏହି ଚରିତ୍ର ମୋ କ୍ୟାରିୟର ପାଇଁ ଏକ ମାଇଲ୍‌ଷ୍ଟୋନ୍ ଥିଲା। 'ଜ୍ୱାଇଁ ନଂ ୧', 'ମେକାନିକ୍ ଦିଦି', 'ଜୟ ମା ଲକ୍ଷ୍ମୀ'," ଆଦି ଅନେକ ଧାରାବାହିକରେ ଅଭିନୟ କରିଛି। ଟେଲି ଫିଲ୍ମ 'ବାଜି ଲାଗିଛି ମୋ ଶଙ୍ଖା ସିନ୍ଦୂର', 'କବିତା, ବନିତା, ଲତା' ରେ କାମ କରିବାକୁ ସୁଯୋଗ ମିଳିଛି।

**ପ୍ରଥମ ସୁଟିଂ ସେଟ୍‌ର ଅନୁଭୂତି?**

- ମଞ୍ଚରେ ସିଧାସଳଖ ଦର୍ଶକଙ୍କ ସାମ୍ନାରେ ସଂଳାପ ପରିବେଷଣ କରିବାରେ କେବେ ସମସ୍ୟା ହୋଇନି। ହେଲେ 'ଶଙ୍ଖା ସିନ୍ଦୂର'ର ସୁଟିଂ ସେଟ୍‌ରେ ପ୍ରଥମ ଦିନରେ ମୁଁ ଭୟ କରିଥିଲି। ସବୁକିଛି ଭୁଲ୍‌ଭାଲ୍ କରୁଥିଲି। 'ମିଲି' ଚରିତ୍ର ମୋ ନିଜ ସହିତ ସମାନ ଥିବାରୁ ଚରିତ୍ରକୁ ନେଇ ଭୟ ନଥିଲା। ବରଂ ଟେକ୍‌ନିକ୍ ଦୃଷ୍ଟିରୁ ଭୟ ଲାଗିଥିଲା। ଏନେଇ ନିର୍ଦ୍ଦେଶକ ଏବଂ ବରିଷ୍ଠ କଳାକାରମାନେ ମୋତେ ଭୟ ଛାଡ଼ି ଭଲ ଅଭିନୟ କରିବାକୁ ପରାମର୍ଶ ଦେଇଥିଲେ।

**ସୁଟିଂ ନଥିଲେ କ'ଣ କରନ୍ତି?**

- ରୋଷେଇ କରିବାକୁ ଭଲ ପାଏ। ଓଡ଼ିଆ ଉପନ୍ୟାସ ପଢ଼େ। ମୁଁ ଜଣେ ପଶୁପ୍ରେମୀ। ଘରେ ଆହତ ବୁଲାକୁକୁର, ବିଲେଇ, ଗାଈଙ୍କର ଯତ୍ନ ନେବାକୁ ଭଲ ପାଏ। ସେଥିରୁ ମୋତେ ଆତ୍ମସନ୍ତୋଷ ମିଳିଥାଏ।

**ଅଭିନୟକୁ ଉଚ୍ଚକୋଟୀର କରିବାକୁ ସୁଲଗ୍ନା କ'ଣ କରନ୍ତି?**

- ଅଭିନୟ ସବୁବେଳେ ଜୀବନ୍ତ ହେବା ଦରକାର। ମଞ୍ଚ ହେଉ କି ସୁଟିଂ ସେଟ୍। କାରଣ ଦର୍ଶକଙ୍କ ପ୍ରଥମ ଶୁଭଦୃଷ୍ଟି ଅଭିନୟ ଉପରେ ହିଁ ପଡ଼ିଥାଏ। ତେଣୁ ମୋତେ ଯେଉଁ ଚରିତ୍ର ମିଳିଥାଏ, ଏହାକୁ ସଠିକ୍ ଢଙ୍ଗରେ ଉପସ୍ଥାପନା କରେ। ଅଭ୍ୟାସ ଜାରି ରଖେ।

**ଆଗାମୀ ଯୋଜନା?**

- ସମୟ ସୁଯୋଗକୁ କେହି ବି ହାତଛଡ଼ା କରିବାକୁ ଚାହାଁନ୍ତିନି। ଏବେ ମଞ୍ଚ ନାଟକ କରୁଛି। ଆଗାମୀ ଦିନରେ ଭଲ କାହାଣୀର ସିନେମା ମିଳିବାକୁ ଅପେକ୍ଷା କରିଛି। ଏଥିପାଇଁ ନିଜକୁ ପ୍ରସ୍ତୁତ କରୁଛି। ମଞ୍ଚ ନାଟକରୁ ମୋ କ୍ୟାରିୟର ଆରମ୍ଭ। ଜୀବନ ଥିବା ଯାଏଁ ମଞ୍ଚନାଟକରେ ଅଭିନୟ କରୁଥିବି।

**ଇଣ୍ଡଷ୍ଟ୍ରିରେ ତିଷ୍ଠି ରହିବାର ଉପାୟ?**

- ମୋ ବାପା ଏହି ଲାଇନ୍‌ରେ ଚିହ୍ନା ମୁହଁ ଥିଲେ। ତେଣୁ ଅଭିନେତ୍ରୀ ହେବା ପାଇଁ ମୁଁ କାହାର ସାହାଯ୍ୟ ନେଇନଥିଲି। ନିଜର ପ୍ରତିଭା ଆଉ ଧୈର୍ଯ୍ୟ ବଳରେ ମୁଁ ଏତେ ବାଟ ଆସିପାରିଛି। ତେଣୁ ଏହି ଲାଇନ୍‌ରେ ତିଷ୍ଠି ରହିବାକୁ ହେଲେ ଆତ୍ମବିଶ୍ୱାସ ରଖି କାମ କରିବା ଜରୁରି।

**ଅଭିନୟ ଜଗତକୁ ଆସୁଥିବା ପିଲାଙ୍କୁ କ'ଣ କହିବେ?**

- ଅଭିନୟରେ ପାରଙ୍ଗମ ହେବାକୁ ହେଲେ ପ୍ରଥମେ ମଞ୍ଚନାଟକ କରିବା ଆବଶ୍ୟକ ବୋଲି ମୁଁ ଭାବେ। ଅଧିକାଂଶ କଳାକାର ହେବାକୁ ଫିଟ୍‌ନେସ୍, ଲୁକ୍, ଅଙ୍ଗଭଙ୍ଗୀ, କଷ୍ଟ୍ୟୁମ ଆଦିକୁ ଅଧିକ ଗୁରୁତ୍ୱ ଦିଅନ୍ତି। ହେଲେ ପ୍ରଥମେ ଅଭିନୟକୁ ଗୁରୁତ୍ୱ ଦିଅନ୍ତୁ। ନିଜକୁ ମିଳୁଥିବା ଚରିତ୍ରକୁ କେତେ ମାତ୍ରାରେ କରିବେ ତାହାକୁ ଧ୍ୟାନ ଦିଅନ୍ତୁ। ଗୁରୁଜନଙ୍କଠାରୁ ଶିଖିବା ମନୋବୃତ୍ତି ରଖନ୍ତୁ। ■

ପରଦା ପଛର କାହାଣୀ

# ଚାରିଧାଡ଼ି ଭାବନାରୁ ନିର୍ମିତ ଫିଲ୍ମ

ସିନେ ନିର୍ଦ୍ଦେଶକ ରମେଶ ସିପ୍ପିଙ୍କ ନିର୍ଦ୍ଦେଶିତ ଏକ ଚର୍ଚ୍ଚିତ ଫିଲ୍ମ 'ଶୋଲେ'। ବଲିଷ୍ଟାର୍ ଅମିତାଭ ବଚ୍ଚନ ଓ ଧର୍ମେନ୍ଦ୍ରଙ୍କ କ୍ୟାରିୟରରେ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଥିଲା ଏହି ଫିଲ୍ମଟି। ସେହିପରି ଫିଲ୍ମର କାହାଣୀ ଲେଖକ ସଲିମ୍ ଖାନ୍ ଏବଂ ଜାଭେଦ ଅଖତରଙ୍କ କ୍ୟାରିୟରରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥିଲା। ତେବେ ଫିଲ୍ମର କାହାଣୀକୁ ନେଇ ଏକ ରୋଚକୀୟ କଥା ରହିଛି। ଏହାର କାହାଣୀ କେବଳ ଚାରିଧାଡ଼ିର ଭାବନାକୁ ନେଇ ନିର୍ମିତ ହୋଇଥିଲା। ଆଶ୍ଚର୍ଯ୍ୟଜନକ କଥା ହେଉଛି ଏହାର ପଟ୍ଟକଥା ଓ ଚରିତ୍ର ବାସ୍ତବ ଜୀବନ ଉପରେ ଆଧାରିତ। ଫିଲ୍ମର ଲେଖକ ନିଜ ବ୍ୟକ୍ତିଗତ ଜୀବନର ଅନୁଭବକୁ କାହାଣୀର ରୂପ ଦେଇଛନ୍ତି। ମାତ୍ର ଚାରିଧାଡ଼ି ଭାବନାରୁ ନିର୍ମିତ ହୋଇଥିବା 'ଶୋଲେ' ଭାରତୀୟ ଚଳଚ୍ଚିତ୍ର ଇତିହାସରେ କାଳଜୟୀ ହୋଇଗଲା। ସଲିମ୍ - ଜାଭେଦ ମିଳିତ ଭାବେ ଏହି ଫିଲ୍ମର କାହାଣୀକୁ ଗତିଶୀଳ କରାଇଥିଲେ। ଏହାର କାହାଣୀ ଦୁଇଜଣ ଅପରାଧୀ ଜୟ ଏବଂ ବୀରୁ ଉପରେ ଆଧାରିତ। ଏଥିରେ ଜୟ ଚରିତ୍ରରେ ଅମିତାଭ ବଚ୍ଚନ ଓ ଭୀରୁ ଭୂମିକାରେ ଧର୍ମେନ୍ଦ୍ର ଚମତ୍କାର ଅଭିନୟ କରିଥିଲେ। ସଲିମ୍ ଖାନ୍ ନିଜର ଦୁଇ ବନ୍ଧୁଙ୍କ ବାସ୍ତବ ଜୀବନକୁ ନେଇ ଏହି ଫିଲ୍ମର କାହାଣୀ ଲେଖିଥିଲେ। ଦୁହେଁ ସଲିମ୍‌ଙ୍କର କଲେଜ ବନ୍ଧୁ ଥିଲେ। ଜଣେ ଜମିଦାରଙ୍କ ପୁଅ ଥିବାବେଳେ ଅନ୍ୟ ଜଣେ କୃଷକ ଥିଲେ। ସେ ଦୁହିଁଙ୍କଠାରୁ ପ୍ରେରଣା ପାଇ ସଲିମ୍ ଏହି ଫିଲ୍ମର କାହାଣୀ ଲେଖିଥିଲେ। ସେହିପରି 'ଶୋଲେ'ର ଡାକୁ ଗବ୍ବର ସିଂ ଚରିତ୍ର ପାଇଁ ବାସ୍ତବରେ ଜଣେ କୁଖ୍ୟାତ ଅପରାଧୀଙ୍କଠାରୁ ପ୍ରେରଣା ଲାଭ କରିଥିଲେ। ତାଙ୍କ ନାଁ ମଧ୍ୟ ଥିଲା ଗବ୍ବର। ସେ ଖୁବ୍ କୁକୁର ପାଳନ କରୁଥିଲେ। ସଲିମ ଖାନ୍ ତାଙ୍କ ପିତାଙ୍କଠାରୁ ଏହି ଡାକୁର କାହାଣୀ ଶୁଣିଥିଲେ। ଫିଲ୍ମର କାହାଣୀ ପୂରା କରିବା ପାଇଁ ସଲିମ୍- ଜାଭେଦ ନିଜ ଶାଶୁ ଶ୍ୱଶୁରଙ୍କୁ ମଧ୍ୟ ଏଥିରେ ସାମିଲ କରାଇଥିଲେ। 'ଶୋଲେ'ର ବସନ୍ତୀ ଏବଂ ଠାକୁର ଚରିତ୍ର ସେଠାରୁ ସୃଷ୍ଟି ହୋଇଛି। ସେହିପରି 'ଶୋଲେ'ରେ ଠାକୁର ଚରିତ୍ର ସଲିମ୍ ନିଜ ଶ୍ୱଶୁର ବଳଦେବ ସିଂଙ୍କଠାରୁ ପ୍ରେରଣା ପାଇ ସୃଷ୍ଟି କରିଥିଲେ। ଫିଲ୍ମରେ ଏହି ଚରିତ୍ରର ନାମ ବଳଦେବ ସିଂ ଠାକୁର ମଧ୍ୟ ଥିଲା। ଏହି ଫିଲ୍ମ ନିର୍ମାଣ ପାଇଁ ଛଅ ବର୍ଷ ସମୟ ଲାଗିଥିଲା। ଫିଲ୍ମର ଏକ ଦୃଶ୍ୟ ୨୩ ଦିନ ଏବଂ ଆଉ ଦୃଶ୍ୟ ସୁଟିଂ ପାଇଁ ତିନିବର୍ଷ ସମୟ ଲାଗିଥିଲା। ଠାକୁରଙ୍କ ପରିବାର ସଦସ୍ୟଙ୍କୁ ଗବ୍ବର ମାରିବାର ଦୃଶ୍ୟଟି ୨୩ ଦିନରେ ସୁଟିଂ ହୋଇଥିଲା। ସେହିପରି ଜୟ ରାଧାଙ୍କ ଏକ ଦୃଶ୍ୟ ୩ ବର୍ଷରେ ସୁଟ୍ ହୋଇଥିଲା। ୨୦୧୭ ମସିହାରେ ଅମିତାଭ ବଚ୍ଚନ ଏହା ସଂପର୍କରେ କହିଥିଲେ। ୫୦ ବର୍ଷ ପୂର୍ବେ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ୫୦ କୋଟି ଆୟ କରିଥିଲା। ■











# ମେସିଙ୍କ ପାଇଁ କୋଲକାତା ପାଗଳ

କୋଲକାତା,୧୩।୧୨(ଏଜେନ୍ସି):

ବିଶ୍ୱବିଖ୍ୟାତ ଫୁଟବଲ ଖେଳାଳି ଆର୍ଜେଣ୍ଟିନାର ଲିଓନେଲ ମେସିଙ୍କ ଭାରତ ଗସ୍ତ କିଛି ସମର୍ଥକଙ୍କୁ ଆନନ୍ଦ ଦେଇଥିଲାବେଳେ କୋଲକାତା ସମର୍ଥକଙ୍କୁ ନିରାଶ କରିଛି। ମେସିଙ୍କ ଗସ୍ତବେଳେ କୋଲକାତାରେ ହଙ୍ଗାମା ହୋଇଥିଲା। ଏଥିଲାଗି ତୀବ୍ର ସମାଲୋଚନା ହେବା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଦର୍ଶକ ଓ ମେସିଙ୍କୁ କ୍ଷମା ମାଗିଛନ୍ତି। ମୁଖ୍ୟ ଆୟୋଜକଙ୍କୁ ଗିରଫ କରାଯାଇଛି ଓ ଦର୍ଶକଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ ଦିଆଯିବ ବୋଲି ଘୋଷଣା କରାଯାଇଛି। ଅନ୍ୟ ପକ୍ଷରେ କୋଲକାତା ପରେ ହାଇଦରାବାଦ୍‌ରେ ମେସି ପହଞ୍ଚିବା ପରେ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ସହଜରେ ସବୁକିଛି ଆୟୋଜିତ ହୋଇଥିଲା।

## ଅଢ଼େଇଘଣ୍ଟାର କାର୍ଯ୍ୟକ୍ରମ ଅଧଘଣ୍ଟାରେ ଶେଷ

ଭାରତ ଗସ୍ତର ପ୍ରଥମ କାର୍ଯ୍ୟକ୍ରମ କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମ୍‌ରେ ଆୟୋଜିତ ହେବାର ଥିଲା। ସହରର ମୁଖ୍ୟସ୍ଥଳରେ ତାଙ୍କର ଏକ ୭୦ ଫୁଟ ଉଚ୍ଚ ପ୍ରତିମୂର୍ତ୍ତିକୁ ସେ ଉନ୍ମୋଚନ କରିଥିଲେ। ଏହା ପରେ ଆୟୋଜିତ ଅନ୍ୟ ଏକ କାର୍ଯ୍ୟକ୍ରମରେ ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍ ଓ ତାଙ୍କ ପୁଅ ଆବରାମଙ୍କ ସହ ଫଟୋ ଉଠାଇଥିଲେ। ପରେ ନିର୍ଦ୍ଧାରିତ ସମୟରେ ଷ୍ଟାଡିୟମ୍‌ରେ ଭରପୁର ଦର୍ଶକଙ୍କ ଉପସ୍ଥିତିରେ ମେସି ଷ୍ଟାଡିୟମ ଭିତରକୁ ପ୍ରବେଶ କରିଥିଲେ। ଏହି ସମୟରେ ଆୟୋଜକ, ମନ୍ତ୍ରୀ, ବିଧାୟକ, ଭିଆଇପିମାନେ ତାଙ୍କୁ ଘେରି ରହିଥିଲେ। ଅଳ୍ପସମୟ ପରେ ତାଙ୍କୁ ହଠାତ୍ ଷ୍ଟାଡିୟମ୍ ବାହାରକୁ ନିଆଯାଇଥିଲା। ସଲ୍ଟଲେକ୍ ଷ୍ଟାଡିୟମ୍‌ରେ ତାଙ୍କ ଅନୁପସ୍ଥିତି ଜାଣିବା ପରେ ବହୁ ଉଚ୍ଚ ଦରରେ ଟିକଟ କିଣି ଉପସ୍ଥିତ ଥିବା ଦର୍ଶକ ଓ ସମର୍ଥକଙ୍କ ମଧ୍ୟରେ ନିରାଶା ଖେଳିଯାଇଥିଲା। ଦର୍ଶକମାନେ କ୍ଷୁବ୍ଧ ହୋଇ ଷ୍ଟାଡିୟମ୍‌ରେ ଭଙ୍ଗାରୁଜା ଆରମ୍ଭ କରିଦେଇଥିଲେ। ମନ୍ତ୍ରୀ, ଭିଆଇପି ମେସିଙ୍କୁ ଏପରି ଘେରି ଯାଇଥିଲେ ଯେ, ତାଙ୍କୁ ଦେଖିବା ସମ୍ଭବ ହୋଇପାରି ନ ଥିଲା। ଫଳରେ ଷ୍ଟାଡିୟମ୍‌ରେ ଅରାଜକତା ସୃଷ୍ଟି ହୋଇଯାଇଥିଲା ଓ ଆୟୋଜକମାନେ ଏହାକୁ ନିୟନ୍ତ୍ରଣ କରିପାରି ନ ଥିଲେ। ଏହି ଗଣ୍ଡଗୋଳିଆ ଘଟଣା ପରେ ଆୟୋଜକ ଓ ପଶ୍ଚିମବଙ୍ଗ ସରକାରଙ୍କୁ ସବୁଆଡୁ ତୀବ୍ର ସମାଲୋଚନା କରାଯାଇଥିଲା। କୋଲକାତାରେ ମେସିଙ୍କର ଅଢ଼େଇଘଣ୍ଟାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଏହା ଅଧଘଣ୍ଟାରେ ଶେଷ ହୋଇଯାଇଥିଲା। ସୁରକ୍ଷା ଆଳ ଦେଖାଇ ତାଙ୍କୁ ଆଉ କୌଣସି କାର୍ଯ୍ୟକ୍ରମରେ ଭାଗ ନେବାକୁ ଅନୁମତି ଦିଆଯାଇ ନ ଥିଲା। ଅଘଟଣ ପରେ କୋଲକାତା ପୁଲିସ୍ ମୁଖ୍ୟ ଆୟୋଜକ ଶତ୍ରୁଦା ଦତ୍ତାଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି। ଉଚ୍ଚଦର ଦେଇ ଟିକଟ କିଣିଥିବା ଦର୍ଶକଙ୍କୁ ଅର୍ଥ ଫେରସ୍ତ ଦେବାକୁ ଘୋଷଣା କରାଯାଇଛି।



ସଲ୍ଟଲେକ୍ ଷ୍ଟାଡିୟମ୍‌ରେ ଦର୍ଶକଙ୍କ ବିଶୃଙ୍ଖଳା

## ରାହୁଲଙ୍କୁ ମେସିଙ୍କ ଜର୍ସି ଉପହାର

ହାଇଦରାବାଦ୍ : କୋଲକାତାରୁ ମେସି ଯାଇ ହାଇଦରାବାଦ୍‌ରେ ପହଞ୍ଚିବା ପରେ ତାଙ୍କୁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ସ୍ୱାଗତ କରିଥିଲେ। ବିମାନବନ୍ଦର ବାହାରେ ହଜାର ହଜାର ଦର୍ଶକ ଉପସ୍ଥିତ ରହି ମେସି ମେସି ସ୍ଲୋଗାନ ଦେଇଥିଲେ। ଏହା ପରେ ମେସି ଏକାଦଶ ଓ ମୁଖ୍ୟମନ୍ତ୍ରୀ ଏକାଦଶ ମଧ୍ୟରେ ୨୦ ମିନିଟିଆ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯାଇଥିଲା। ଅନ୍ୟ ଯୁବ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଏହି ବିଶ୍ୱ ଚାମ୍ପିଅନ। ବିରୋଧୀ ଦଳ ନେତା ତଥା ସାଂସଦ ରାହୁଲ ଗାନ୍ଧିଙ୍କୁ ଏକ ଜର୍ସି ଉପହାର ଦେଇଥିଲେ ମେସି। ଏହି ଟୁର୍‌ରେ ସାଥି ଖେଳାଳି ଲୁଇସ୍ ସୁଆରେଜ୍ ଓ ରୋଡ୍ରିଗୋ ଡି ପଲ୍ ମଧ୍ୟ ଉପସ୍ଥିତ ଥିଲେ। ଏହା ପରେ ଆସନ୍ତାକାଲି ମେସି ମୁମ୍ବଇ ଓ ସୋମବାର ଦିଲ୍ଲୀ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି।




ଦୀର୍ଘ ୧୪ ବର୍ଷ ପରେ ମେସି ଭାରତ ଆସିଛନ୍ତି। ସୂଚନାଯୋଗ୍ୟ ବିଶ୍ୱର ଏହି ଶ୍ରେଷ୍ଠ ଫୁଟବଲ ଖେଳାଳି ମେସିଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ୨୦୨୨ ଫିଫା ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା।

■ ଯୁବ ଏସିଆ କପ୍ କ୍ରିକେଟ୍

## ଆଜି ଭାରତ-ପାକିସ୍ତାନ ଲଢ଼େଇ

ଦୁବାଇ, ୧୩।୧୨ (ଏଜେନ୍ସି): ଚଳିତ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ ମ୍ୟାଚ୍ ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ। ସକାଳ ୧୦ଟା ୩୦ରେ ଗ୍ରୁପ୍-ଏ'ର ଏହି ମ୍ୟାଚ୍ ଆଇସିସି ଏକାଡେମୀ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଉଭୟ ଭାରତ ଓ ପାକିସ୍ତାନ ସେମାନଙ୍କ ପ୍ରଥମ ଗ୍ରୁପ୍ ମ୍ୟାଚରେ ବିଜୟୀ ହୋଇଛନ୍ତି। ଗତକାଲି ଭାରତ ୨୩୪ ରନର ବଡ଼ ବ୍ୟବଧାନରେ ଆୟୋଜକ ୟୁଏଇକୁ ପରାସ୍ତ କରିଥିଲା। ଓପନର୍ ବୈଭବ ସୂର୍ଯ୍ୟବଂଶୀ ଏହି ମ୍ୟାଚରେ ୯୫ ବଲରେ ୧୭୧ ରନର ବିସ୍ଫୋରକ ଶତକୀୟ ପାଳି ଖେଳିଥିଲେ। ସେହିଭଳି ପାକିସ୍ତାନ ଏହାର ପ୍ରଥମ ମ୍ୟାଚରେ ମାଲେସିଆକୁ ୨୯୭ ରନରେ ହରାଇଥିଲା। ରେକର୍ଡ ଉପରେ ନଜର ପକାଇଲେ ଯୁଥ ଦିନିକିଆରେ ଦୁଇଦେଶ ମଧ୍ୟରେ ୨୭ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଭାରତ ୧୫ଟି ଓ ପାକିସ୍ତାନ ୧୧ଟି ମ୍ୟାଚ୍ ବିଜୟୀ ହୋଇଛି। ଗୋଟିଏ ମୁକାବିଲା ଟାଇ ରହିଛି।

ଭାରତ-ଦକ୍ଷିଣ ଆଫ୍ରିକା ତୃତୀୟ ଟି-୨୦ ଆଜି

## ବିଶ୍ୱକପ୍ ପୂର୍ବରୁ ଗିଲ୍‌ଙ୍କ ଲାଗି ଅଗ୍ନିପରୀକ୍ଷା

ଧର୍ମଶାଳା,୧୩।୧୨(ଏଜେନ୍ସି): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ତୃତୀୟ ମୁକାବିଲା ଏଠାରେ ଆସନ୍ତାକାଲି ବା ରବିବାର ଖେଳାଯିବ। ଏହା ପୂର୍ବରୁ ଖେଳାଯାଇଥିବା ୨ଟି ମ୍ୟାଚ୍ ମଧ୍ୟରୁ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ୧-୧ ବରାବର ସ୍ଥିତିରେ ରହିଛନ୍ତି। ଏଠାରେ ଯେଉଁ ଦଳ ବିଜୟୀ ହେବ ସେହିଦଳ ସିରିଜ୍ କବ୍‌ଜା ଉପରେ ଆଉ ପାଦେ ଆଗେଇବ। ଏଣୁ ଏହି ମ୍ୟାଚ୍ ଉଭୟ ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଭାରତୀୟ ଦଳର ଟପ୍ ଅର୍ଡର ବ୍ୟାଟିଂକୁ ନେଇ ଏବେ ସମସ୍ତେ ଚିନ୍ତିତ। ଘରୋଇ ଦଳର ଟିମ୍ ମ୍ୟାନେଜମେଣ୍ଟ ଲାଗି ଏହା ଯେତିକି ଚିନ୍ତାର କାରଣ ସାଜିଛି, ତା'ଠାରୁ ଅଧିକ ବିପଦରେ ଅଛନ୍ତି ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ଉପଅଧିନାୟକ ଶୁବମନ ଗିଲ୍। ଉଭୟ ଖେଳାଳି ଆଦୌ ଫର୍ମରେ ନ ଥିବାରୁ ଟି-୨୦ ବିଶ୍ୱକପ୍ ଲାଗି ଖେଳାଳି ଚୂଡ଼ାନ୍ତ କରିବା ଉଭୟ ଜାତୀୟ ଚୟନ କମିଟି ଓ ଟିମ୍ ମ୍ୟାନେଜମେଣ୍ଟ ଲାଗି ସମ୍ଭବପର ହେଉନାହିଁ। ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ-ମାର୍ଚ୍ଚରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳକୁ ନିଜର ଦକ୍ଷତା ଓ ଦୁର୍ବଳତା ସଜାଡିନେବାକୁ ଆଉ ମାତ୍ର ୮ଟି ମ୍ୟାଚ୍ ରହିଛି।

ଖେଳ ଆରମ୍ଭ : ରାତି ୭ଟା
ଟିଭି ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ: ଜିଓହଟ୍‌ଷ୍ଟାର

ଏହା ମଧ୍ୟରୁ ଚଳିତ ସିରିଜ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ର ୩ଟି ମ୍ୟାଚ୍ ରହିଛି। ଏହି ସିରିଜ୍ ଉଭୟ ସୂର୍ଯ୍ୟକୁମାର ଓ ଶୁବମନଙ୍କ ଭାଗ୍ୟ ପରୀକ୍ଷା ହେବ। ବିଶେଷକରି ଗିଲ୍ ଟି-୨୦ ବିଶ୍ୱକପ୍ ଦଳରେ ସ୍ଥାନ ପାଇବେ କି ନାହିଁ, ସୂର୍ଯ୍ୟକୁମାରଙ୍କୁ ନେତୃତ୍ୱ ପଦରୁ ହଟାଯିବ କି ନାହିଁ ତାହା ଏହି ୩ଟି ମ୍ୟାଚ୍ ପରେ ସ୍ପଷ୍ଟ ହେବ। ବିଶେଷ କରି ସଞ୍ଜୁ ସାମସନ, ଋଷଭ ପନ୍ତ୍‌ଙ୍କ ପରି ଖେଳାଳି ବେଞ୍ଚ୍‌ରେ ବସିଥିଲାବେଳେ, ରିଙ୍କୁ ସିଂ ଅପେକ୍ଷା କରିଥିଲାବେଳେ ଶୁବମନଙ୍କୁ ଆଉ କେତେଦିନ ଓ କେତେ ସୁଯୋଗ ମିଳିବ ତାହା ଏହି ୩ଟି ମ୍ୟାଚ୍‌ରେ ନିଶ୍ଚିତ ଚୂଡ଼ାନ୍ତ ହେବ। ଏହି ସିରିଜର କଟକରେ ଖେଳାଯାଇଥିବା ମ୍ୟାଚ୍‌ରେ ଗିଲ ୪ ଓ ରାୟପୁରରେ ଖେଳାଯାଇଥିବା ମ୍ୟାଚ୍‌ରେ ଖାତା ଖୋଲି ପାରି ନ ଥିଲେ। ଏହି ସ୍କୋର ତାଙ୍କ ଲାଗି ବିପଦ ସାଜିଛି। ସୂର୍ଯ୍ୟକୁମାରଙ୍କୁ ନେଇ ଚିନ୍ତାଥିଲେ ମଧ୍ୟ ତାଙ୍କ ନିକଟରୁ ଏବେ ନେତୃତ୍ୱ କାଢ଼ିନିଆଯିବ ନାହିଁ।



■ ୧୯ ବର୍ଷରୁ କମ୍ ମହିଳା ଦିନିକିଆ

## ପରାଜୟରୁ ଓଡ଼ିଶାର ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୧୩।୧୨ (ସମିସ): ବିସିସିଆଇ ଆନୁକୂଲ୍ୟରେ କେରଳରେ ଆରମ୍ଭ ହୋଇଥିବା ୧୯ ବର୍ଷରୁ କମ୍ ମହିଳା ଦିନିକିଆ ଟ୍ରଫିରେ ଓଡ଼ିଶା ପରାଜୟରୁ ଅଭିଯାନ ଆରମ୍ଭ କରିଛି। ଶନିବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଓଡ଼ିଶା ୭ ୱିକେଟ୍‌ରେ ଗୁଜରାଟ ନିକଟରୁ ପରାସ୍ତ ହୋଇଛି। ଅନନ୍ୟା ରାଉତ (୫୭ ରନ)ଙ୍କ ଅର୍ଦ୍ଧଶତକ ବଳରେ ଓଡ଼ିଶା ୪୯.୨ ଓଭରରେ ୧୮୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଚାର୍ଲି ସୋଲାଙ୍କିଙ୍କ ୯୦ ରନ ବଳରେ ଗୁଜରାଟ ୩୦.୫ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

## ଜାତୀୟ ସିନିଅର ହ୍ୟାଣ୍ଡବଲ୍ ଆଲୋକଙ୍କୁ ଓଡ଼ିଶା ଦଳର ନେତୃତ୍ୱ



ଭୁବନେଶ୍ୱର, ୧୩।୧୨ (ସମିସ): ହ୍ୟାଣ୍ଡବଲ୍ ଆସୋସିଏସନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ୫୪ତମ ଜାତୀୟସିନିଅରପୁରୁଷପ୍ରତିଯୋଗିତା ଡିସେମ୍ବର ୧୫ରୁ ପଶ୍ଚିମବଙ୍ଗରେ ଆରମ୍ଭ ହେବ। ଏଥିଲାଗି ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ୧୮ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଆଲୋକ କୁମାର ଭୋଇଙ୍କୁ ଓଡ଼ିଶା ଦଳର ନେତୃତ୍ୱ ଭାର ଦିଆଯାଇଛି। ଏହି ଅବସରରେ ଶନିବାର କ୍ରୀଡ଼ା ବିଭାଗ ପକ୍ଷରୁ ଓଏସ୍‌ଡି ବିଜୟ ସାହୁ, ଡ. ଶାଶ୍ୱତ କୁମାର ରାଉତ, ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ, କୋଚ୍ ଗୌରୀଶଙ୍କର ମିଶ୍ର ପ୍ରମୁଖ ଦଳକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

ଓଡ଼ିଶା ଦଳ: ଆଲୋକ ଭୋଇ (ଅଧିନାୟକ), ବିଶ୍ୱରଞ୍ଜନ ପାତ୍ର, ରଜତ ପାତ୍ର, ଦୀପସନ ଖୋରା, ଅମିତ ରାଜ ସାମନ୍ତରାୟ, ଅରୋ ସେବକ ପଣ୍ଡା, କାହ୍ନୁଚରଣ ମହାରଣା, ରାମଶିଷ ଜେନା, ଅନିଷ ବେହେରା, ରମେଶ ପୃଷ୍ଟି, ଶମ୍ଭୁନାଥ ମଣ୍ଡଳ, ଶୁଭମ ରାୟ, ମନୋଜ ବିଶ୍ୱାଳ, ସ୍ୱାଗତ ସାଗର ସ୍ୱାଁ, ରୀତିକ ହୋ, ଦୁର୍ଗା ମାଧବ ଭୂୟାଁ, ରାଜାରାମ ପଣ୍ଡା ଓ ଅନୁରାଗ ଦାସ।

ନାଲ୍‌କୋ ଓପନ୍ ଟେନିସ୍

## କବୀର, ଦେବାଶିଷ ସେମିରେ

ଭୁବନେଶ୍ୱର,୧୩।୧୨(ସମିସ): କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ନାଲକୋ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଆସନ୍ତାକାଲିର ପୁରୁଷ ବିଭାଗ ସେମିଫାଇନାଲରେ କବୀର ହନ୍ସଙ୍କ ସହ ଦେବାଶିଷ ସାହୁ, ପ୍ରତ୍ୟୁଷ ମହାନ୍ତିଙ୍କ ଅମୃତଜୟ ମହାନ୍ତିଙ୍କର ମୁକାବିଲା ହେବ। ମହିଳା ବିଭାଗ ଏକକରେ ପ୍ରିଶା ଦାସ, ସେକ୍ ସାଫ୍‌ଜା, ଶ୍ରୀୟା ମହାପାତ୍ର ଓ ସଂରଚନା ଦାସ ମଧ୍ୟ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ୧୮ ବର୍ଷରୁ କମ୍ ବିଭାଗ ଏକକରେ ଆହାନ ମିଶ୍ର, ଆୟୂଷ ପଟ୍ଟନାୟକ, ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ ଓ କମଳେଶ ରଥ ସେମିକୁ ଉନ୍ନୀତ ହୋଇଛନ୍ତି। ୧୪ ବର୍ଷରୁ କମ୍ ବାଳିକା ଏକକରେ ସେକ୍ ସାଫ୍‌ଜା, ସାଇରୂପି ମହାନ୍ତି, ଶ୍ରେୟା ମହାପାତ୍ର ଓ ସଂରଞ୍ଜନା ଦାସ, ବାଳକ ଏକକରେ ଶୀୟାସ ପଟ୍ଟନାୟକ, ସୂର୍ଯ୍ୟ ନାଏକ, ସୂୟାଂଶ ଥାଟୋଇ ଓ ସଫଳ ଅଗମନ ମଧ୍ୟ ଫାଇନାଲ ଲାଗି ଆସନ୍ତାକାଲି ବା ରବିବାର ଲଢ଼େଇ କରିବେ।

ସତ୍ୟବ୍ରତ ସ୍ମାରକୀ ଫୁଟବଲ

## ଆଜି ୟୁନିଟ ୬-ଫାଓ ଏକାଦଶ ଫାଇନାଲ ଲଢ଼େଇ

ଭୁବନେଶ୍ୱର,୧୩।୧୨(ସମିସ): ଡିଫେଣ୍ଡିଂ ଚାମ୍ପିଅନ ଭୁବନେଶ୍ୱରର ୟୁନିଟ-୬ ଆଥ୍‌ଲେଟିକ ଆସୋସିଏସନ ଓ କଟକର ଫାଓ ଏକାଦଶ ମଧ୍ୟରେ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଆସନ୍ତାକାଲି ଖେଳାଯିବ। କ୍ଲବ୍-୭୩ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସମ୍ବଲପୁର ଫୁଟବଲ ଏକାଡେମୀକୁ ୩-୨ ଗୋଲରେ ପରାସ୍ତ କରି ୟୁନିଟ୍-୬ ଏଏ ଫାଇନାଲରେ ପ୍ରବେଶ କରିଥିଲା। ଦଳ ପକ୍ଷରୁ ଛୋଟୁ ମୁର୍ମୁ




ସମସ୍ତ ୩ଟି ଯାକ ଗୋଲ ସ୍କୋର କରି ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ସମ୍ବଲପୁରର ହରି ଦାସ ୨ଟିଯାକ ଗୋଲ ଶୁଝାଇଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲରେ କଟକର ସନ୍‌ରାଇଜ୍ କ୍ଲବ୍‌କୁ ୫-୦ରେ ବିପୁଳ ଗୋଲ ବ୍ୟବଧାନରେ ପରାସ୍ତ କରି ଫାଓ ଏକାଡେମୀ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଦଳ ପକ୍ଷରୁ କାର୍ତ୍ତିକ ହଂସ୍ଦଲ, ଅର୍ପଣ ଲାକ୍ରା, ଜିଜୁ ମୁଦୁଲି, ଗଣେଶ ସେଠୀ ଓ ଗୌରବ ନେଗୀ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ପ୍ରଥମ ମ୍ୟାଚ୍‌ରେ ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସର ଜେନେରାଲ ମ୍ୟାନେଜର ରେଖା ମହାନ୍ତି ଅତିଥିଭାବେ ଯୋଗଦେଇ ଛୋଟୁ ମୁର୍ମୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଅର୍ପଣ ଲାକ୍ରାଙ୍କୁ ଦ୍ୱିତୀୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି।

ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

## ଫାଇନାଲରେ ଉନ୍ନତି-ଈଶାରାଣୀ

ଭୁବନେଶ୍ୱର, ୧୩।୧୨ (ସମିସ): କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଏକ ଲକ୍ଷ ୧୦ ହଜାର ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୧ କୋଟି) ପୁରସ୍କାର ରାଶିବିଶିଷ୍ଟ ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହେବ। ଶନିବାର ସମସ୍ତବର୍ଗର ସେମିଫାଇନାଲ ମୁକାବିଲା ଖେଳାଯାଇଥିଲା। ଏଥିରେ ପୁରୁଷ ସିଙ୍ଗଲ୍ସରେ ଭାରତର କିରଣ ଜର୍ଜ ବିଜୟୀ ହୋଇ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଦ୍ୱିତୀୟ ସିଡ୍ କିରଣ ୨୧-୧୯, ୮-୨୧, ୨୧-୧୮ ଗେମରେ ସାଥୀ ଭାରତୀୟ ଖେଳାଳି ରୌନକ ଚୌହାନଙ୍କୁ ପରାସ୍ତ କରିଥିଲେ। ଫାଇନାଲରେ କିରଣଙ୍କ ମୁକାବିଲା ଇଣ୍ଡୋନେସିଆର ମହମ୍ମଦ ୟୁସୁଫଙ୍କ ସହ ହେବ। ଅନ୍ୟ ଏକ ସେମିରେ ମହମ୍ମଦ ୨୧-୧୨, ୨୧-୧୮ ସିଧାସଳଖ ଗେମରେ ନିଜ ଦେଶର ବିସମୋ ରାୟା ଓକଟୋରାଙ୍କୁ ହରାଇଥିଲେ। ଅପରପକ୍ଷରେ ମହିଳା ସିଙ୍ଗଲ୍ସ ଫାଇନାଲ ଦୁଇ ଭାରତୀୟ ଖେଳାଳି ଉନ୍ନତି ହୁଡା ଓ ଈଶାରାଣୀ ବରୁଆଙ୍କ ମଧ୍ୟରେ ଖେଳାଯିବ। ଟପ୍ ସିଡ୍ ଉନ୍ନତି ସେମିଫାଇନାଲରେ ୧୮-୨୧, ୨୧-୧୬, ୨୧-୧୬ ଗେମରେ ସାଥୀ ଭାରତୀୟ ତସନିମ ମିର୍‌ଙ୍କ ହରାଇ ଅଗ୍ରଗତି କରିଛନ୍ତି। ଦ୍ୱିତୀୟ ସେମିଫାଇନାଲରେ ଈଶାରାଣୀ ୧୮-୨୧, ୨୧-୭, ୨୧-୭ ଗେମରେ ତନୟା ହେମନ୍ତଙ୍କ ହରାଇଥିଲେ। ଈଶାରାଣୀ ପ୍ରଥମଥର ଲାଗି ବିଡବ୍ଲ୍ୟୁଏଫ୍-୧୦୦ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ତେବେ ମହିଳା ଡବଲ୍ସରେ ଭାରତୀୟ ଯୋଡ଼ି ଶିଖା ଗୌତମ ଓ ଅଶ୍ୱିନୀ ଭଟ୍ଟଙ୍କୁ ସେମିଫାଇନାଲରେ ପରାଜୟର ସାମ୍ନା କରିବାକୁ ପଡ଼ିଛି। ମିକ୍ସଡ ଡବଲ୍ସରେ ମଧ୍ୟ ଭାରତର ସାତ୍ତ୍ୱିକ ରେଡ୍ଡୀ ଓ ରେଶିକା ଯୋଡ଼ି ସେମିଫାଇନାଲରେ ନିରାଶ କରିଛନ୍ତି।





## ମହାରାଜା ସେଭେନ୍ସ ରଗ୍‌ବୀ ଉଦ୍‌ଘାଟିତ

ବାରିପଦା, ୧୩।୧୨(ସମିସ):

ମହାରାଜା ସେଭେନ୍ସ ରଗବୀ ଟୁର୍ଣ୍ଣାମେଣ୍ଟ ଶନିବାର ବାରିପଦା ଷ୍ଟାଡିୟମ ପଡିଆରେ ଉଦଘାଟିତ ହୋଇଯାଇଛି। ମୟୂରଭଞ୍ଜ ଫାଉଣ୍ଡେସନ ଓ ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀର ମିଳିତ ଆନୁକୂଲ୍ୟରେ ତଥା ମୟୁରଭଞ୍ଜ ଆଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାର ଉଦଘାଟନୀ ଦିବସରେ ଉଭୟ ପୁରୁଷ ଓ ମହିଳା ବିଭାଗର ୨୦ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିସହ ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ରବିବାର ପୁରୁଷ ବିଭାଗରେ ପ୍ରଥମ ସେମିଫାଇନାଲ ଦିଲ୍ଲୀର ଫ୍ୟୁଚର ହୋପ୍ ହରିକ୍ଲିନ୍ସ ଓ ମୁମ୍ବାଇ ମେଜିସିଆନ ଏବଂ ଦ୍ୱିତୀୟ ସେମିଫାଇନାଲ ବାରିପଦାର ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ଓ ଦିଲ୍ଲୀ ହରିକେନ୍ସ ମଧ୍ୟରେ ଖେଳାଯିବ। ସେହିଭଳି ମହିଳା ବିଭାଗରେ ପ୍ରଥମ ସେମିରେ କୋଲକାତାର ଫ୍ୟୁଚର ହୋପ ହରିକେନ୍ସ ଓ ସିଲିଗୁଡିର ସରସ୍ୱତୀପୁର ଲେପୋଡର୍ ସାମ୍ନାସାମ୍ନି ହେବେ। ବାରିପଦାର ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ଓ କୋଲକତା ପୁଲିସ ମଧ୍ୟରେ ୨ୟ ସେମିଫାଇନାଲ ଖେଳାଯିବ ବୋଲି ସହ ଆୟୋଜକ ଦିବ୍ୟରଞ୍ଜନ ଦାସ ଜଣାଇଛନ୍ତି।

ଉଦଘାଟନୀ ଉତ୍ସବରେ ଫାଉଣ୍ଡେସନର ଅଧ୍ୟକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ସଭାପତିତ୍ୱରେ ଅତିଥି ଭାବେ ଯୋଗଦେଇ ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲ୍ଲାପାଳ ହେମକାନ୍ତ ସଏ, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ଓ ମୟୂରଭଞ୍ଜ ଆଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ ଫୁଟବଲ ସମ୍ପାଦକ ଅମର ସେଠୀ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ପାଇଁ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁଭାଶିଷ ନାୟକ ଓ ସୋମନାଥ ସିଂହ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS